

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୯ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 SEPTEMBER 2021

Vol.No. 32 ■ No. 250 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ସିଦ୍ଧୁ



ନୂଆଦିଲ୍ଲୀ,୨୮/୦୯: ନିର୍ବାଚନ ଆଗରୁ ଘର ସଜାଡିବା ପାଇଁ କଂଗ୍ରେସ କରୁଥିବା ରଣନୀତିକୁ ଝଟକା ଲାଗିଛି । ଯେତେବେଳେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ନବଜ୍ୟୋତ ସିଂ ସିଦ୍ଧୁ । ଅମରିନ୍ଦର ଓ ସିଦ୍ଧୁଙ୍କ ମଧ୍ୟରେ ଚାଲିଥିବା ଲଢେଇରେ ସିଦ୍ଧୁ ଆଗରେ ରହୁଥିବା ବେଳେ ଏବେ ଏକ ରୋଚକ ଦିଗ ସାମ୍ନାକୁ ଆସିଛି । ଦିଲ୍ଲୀ ଯାଇ ଅମରିନ୍ଦର ବିଜେପି ନେତୃବୃନ୍ଦଙ୍କୁ ଭେଟିବାର ଚର୍ଚ୍ଚା ଭିତରେ ସଭାପତି ଗାଦି ଛାଡି ସିଦ୍ଧୁ ନୂଆ ଗୋଟିଚାଳନା କରିଥିବା ଅନୁମାନ କରାଯାଉଛି । ପଞ୍ଜାବ ପଲିଟିକ୍ସରେ କମ୍ପନ । ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ସିଦ୍ଧୁ । ଦିଲ୍ଲୀ ଗଲେ ଅମରିନ୍ଦର ସିଂହ । ବିଜେପି ଆଡକୁ ଢଳୁଛନ୍ତି କି କ୍ୟାପଟେନ୍? ପଞ୍ଜାବ କଂଗ୍ରେସ ରାଜନୀତି ନେଉଛି ନାଟକୀୟ ମୋଡ଼ । ନବଜ୍ୟୋତ ସିଂହ ସିଦ୍ଧୁ, ଚରଣଜିତ୍ ସିଂହ ଚନ୍ନି ଏବଂ କ୍ୟାପଟେନ୍ ଅମରିନ୍ଦର ସିଂହ, କଂଗ୍ରେସର ଏହି ତିନି ତୁଙ୍ଗ ନେତାଙ୍କୁ ନେଇ ଘୁରିବୁଲୁଛି ରାଜନୀତି । ନୂଆ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନି, ରବିବାର ଦିନ ତାଙ୍କର ପ୍ରଥମ କ୍ୟାବିନେଟ୍ ସଂପ୍ରସାରଣ କରିବା ପରେ ମଙ୍ଗଳବାର ଦିନ ପ୍ରଦେଶ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ସିଦ୍ଧୁ । କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ସିଦ୍ଧୁ ଲେଖିଛନ୍ତି, ସାଲିସ କଲେ, ଜଣେ ବ୍ୟକ୍ତିର ଚରିତ୍ରର ପତନ ଘଟିଥାଏ । ପଞ୍ଜାବର ଭବିଷ୍ୟତ ଓ ବିକାଶର ଏଜେଣ୍ଡାରେ ସେ ସାଲିସ କରିପାରିବେ ନାହିଁ । ତେଣୁ ସଭାପତି ପଦରୁ ସେ ଇସ୍ତଫା ଦେଉଛନ୍ତି । ଦଳ ପାଇଁ କାମ କରିବେ ବୋଲି ଇସ୍ତଫାପତ୍ରରେ ଲେଖିଛନ୍ତି ସିଦ୍ଧୁ । ଇସ୍ତଫାପତ୍ରରେ କାହିଁକି ସାଲିସ ଶବ୍ଦ ସିଦ୍ଧୁ ଲେଖିଛନ୍ତି, ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କୁହାଯାଉଛି, ଚନ୍ନି ସରକାରଙ୍କ ମନ୍ତ୍ରିମଣ୍ଡଳରେ ପୋଟଫୋଲିଓ ବଂଟନକୁ ନେଇ ଖୁସି ନଥିଲେ ନବଜ୍ୟୋତ ସିଂହ ସିଦ୍ଧୁ । ସିଦ୍ଧୁ ଇସ୍ତଫା ଦେବା ପରେ ଆରମ୍ଭ ହୋଇଯାଇଛି ରାଜନୈତିକ ବୟାନବାଜି । ଆପ୍ ପକ୍ଷରୁ କୁହାଯାଇଛି, ଦଳିତ ନେତା ମୁଖ୍ୟମନ୍ତ୍ରୀ ହେବା ସହି ପରୁନାହାନ୍ତି ସିଦ୍ଧୁ । ସେପଟେ ଟ୍ୱିଟ୍ କରି କଟାକ୍ଷ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂହ । ସେ ଲେଖିଛନ୍ତି, ଆଗରୁ ଏହି କଥା ସେ କହିଥିଲେ ଯେ ସିଦ୍ଧୁ ଜଣେ ଅସ୍ଥିର ବ୍ୟକ୍ତି, ପଂଜାବ ଭଳି ସୀମାନ୍ତ ରାଜ୍ୟ ପାଇଁ ସେ ଯୋଗ୍ୟ ନୁହନ୍ତି । ସିଦ୍ଧୁଙ୍କୁ ବାରମ୍ବାର ସମାଲୋଚନା କରିଆସୁଛନ୍ତି କ୍ୟାପଟେନ୍ । ପାକିସ୍ତାନ ଓ ଇମ୍ରାନଙ୍କ ସହ ସିଦ୍ଧୁଙ୍କ ସଂପର୍କକୁ ନେଇ କାଠଗଡ଼ାକୁ ଟାଣିଛନ୍ତି । ଏପଟେ ବିଜେପି ଆଡକୁ ଅମରିନ୍ଦର ସିଂହ ଢଳୁଥିବା ଚର୍ଚ୍ଚା ହେଉଛି । ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଦିଲ୍ଲୀ ଗସ୍ତରେ ଅଛନ୍ତି । ସେ କୌଣସି ରାଜନୈତିକ ଦଳର ନେତାଙ୍କୁ ଭେଟିବେ ନାହିଁ ବୋଲି ଅସ୍ୱୀକାର କରିଛନ୍ତି । ୮୦ ବର୍ଷୀୟ ଏହି ଭେଟେରାନ କଂଗ୍ରେସ ନେତା ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଲଢିବେ ବୋଲି ନିକଟରେ କହିଥିଲେ । ତେଣୁ ଅମରିନ୍ଦର ବିଜେପିରେ ସାମିଲ୍ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଗୋଟିଏ ଦିନରେ ସିଦ୍ଧୁ ପିସିସି ସଭାପତି ପଦରୁ ଇସ୍ତଫା ଦେବା ଏବଂ ଅମରିନ୍ଦରଙ୍କ ଦିଲ୍ଲୀ ଗସ୍ତ ପଂଜାବ ରାଜନୀତିରେ ହଲଚଲ ସୃଷ୍ଟି କରିଛି ।

## କଂଗ୍ରେସରେ ଯୋଗ ଦେଲେ କହ୍ନେୟା ଓ ଜିଗ୍ନେଶ



ନୂଆଦିଲ୍ଲୀ,୨୮/୦୯: କଂଗ୍ରେସର ହାତ ଧରିଲେ କହ୍ନେୟା ଓ ଜିଗ୍ନେଶ । ସିପିଆଇ ନେତା ତଥା ପୂର୍ବତନ ଜେଏନୟୁ ଛାତ୍ର ସଂସଦ ସଭାପତି କହ୍ନେୟା କୁମାର ଓ ଗୁଜୁରାଟରୁ ସ୍ୱାଧୀନ ବିଧାୟକ ଥିବା ଜିଗ୍ନେଶ ମେୱାନି ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି । କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି ଦୁଇ ଯୁବ ନେତା କହ୍ନେୟା ଓ ଜିଗ୍ନେଶ । ଏହି ଦୁଇ ନେତାଙ୍କୁ ଦଳରେ ସାମିଲ କରି ଯୁବ ନେତୃତ୍ୱଙ୍କୁ ଗୁରୁତ୍ୱ ଦେଉଥିବା ନେଇ କଂଗ୍ରେସ ସଂକେତ ଦେଇଛି । ଏହାଛଡା ଏହି ଦୁଇ ନେତାଙ୍କୁ ସାମିଲ କରି ବିହାର ଓ ଗୁଜୁରାଟରେ ଦଳକୁ ଆହୁରି ଶକ୍ତିଶାଳୀ କରିଛି କଂଗ୍ରେସ । ଆସନ୍ତାବର୍ଷ ଉତ୍ତରପ୍ରଦେଶ ଓ ଗୁଜୁରାଟରେ ନିର୍ବାଚନ ହେବାକୁ ଥିବା ବେଳେ ଉଭୟ କହ୍ନେୟା ଓ ଜିଗ୍ନେଶଙ୍କୁ ବଡ ଦାୟିତ୍ୱ ଦେଇପାରେ କଂଗ୍ରେସ । ଏହାଛଡା ଗୁଜୁରାଟରୁ ଜିଗ୍ନେଶ ବିଧାୟକ ଥିବା ବେଳେ ଏହା ଆସନ୍ତା ନିର୍ବାଚନରେ ଦଳକୁ ସୁହାଇବ ବୋଲି ଆକଳନ କରାଯାଉଛି । ପଟିଦାର ଆନ୍ଦୋଳନରୁ ଜିଗ୍ନେଶଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା । ୨୦୧୭ ଗୁଜୁରାଟ ବିଧାନସଭା ନିର୍ବାଚନରେ ସ୍ୱାଧୀନ ଭାବେ ଲଢି ବିଜୟୀ ହୋଇଥିଲେ ଜିଗ୍ନେଶ । ଏହାଛଡା ଦଳିତ ସମ୍ପ୍ରଦାୟର ହୋଇଥିବାରୁ କଂଗ୍ରେସ ଜିଗ୍ନେଶଙ୍କ ମାଧ୍ୟମରେ ଗୁଜୁରାଟରେ ଦଳିତ ଭୋଟବ୍ୟାଙ୍କ ହାତେଇବାକୁ ଲକ୍ଷ୍ୟ ରଖିଛି । ଅନ୍ୟପଟେ ଗତ ୨୦୧୯ରେ ବିହାରର ବେଗୁସରାଇ ଆସନରୁ ସିପିଆଇ ଟିକେଟରୁ ଲୋକସଭା ନିର୍ବାଚନ ଲଢିଥିଲେ କହ୍ନେୟା । ଏପରିକି କହ୍ନେୟାଙ୍କ ରାଲିରେ ପ୍ରବଳ ଭିଡ଼ ହେଉଥିବା ବେଳେ ଯୁବବର୍ଗଙ୍କ ମଧ୍ୟରେ କ୍ରେଜ ରହିଥିଲା । କିନ୍ତୁ ଲୋକସଭା ନିର୍ବାଚନରେ ଗିରିରାଜଙ୍କ ଠାରୁ ମାତ୍ ଖାଇଥିଲେ କହ୍ନେୟା । ତେବେ ଏହାପରେ ▶▶ପୃଷ୍ଠା ୭

## ୨୦୦୬ ଓଏଏସ୍ ବିବାଦ : ହାଇକୋର୍ଟରେ ଶୁଣାଣି ଶେଷ

କଟକ,୨୮/୦୯ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) -୨୦୦୬ ପରୀକ୍ଷା ବିବାଦକୁ ନେଇ ବିଚାରାଧୀନ ମାମଲାଗୁଡ଼ିକର ଆଜି ହାଇକୋର୍ଟରେ ଶୁଣାଣି ଶେଷ ହୋଇଛି । ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂକ୍ରାନ୍ତ ୨୦ରୁ ଅଧିକ ମାମଲାର ଏକତ୍ର ଚୂଡ଼ାନ୍ତ ପର୍ଯ୍ୟ ?ାୟ ଶୁଣାଣି ହୋଇଥିଲା । ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ପକ୍ଷରୁ ୨୦୦୬ରେ ଅନୁଷ୍ଠିତ ଓଏଏସ୍ ପରୀକ୍ଷାକୁ ନେଇ ବିବାଦ ଦେଖା ଦେଇଥିବାବେଳେ ଏ ନେଇ ସୁରଭି ମହାନ୍ତିଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ରାଜ୍ୟ ପ୍ରଶାସନିକ ଟ୍ରିବୁନାଲ (ସ୍ୟାଟ୍) ୩୭୮ଟି ପଦବିରେ ନିଯୁକ୍ତି ପାଇଁ ପ୍ରକାଶିତ ଚୂଡ଼ାନ୍ତ ଚୟନ ତାଲିକାକୁ ରଦ୍ଦ କରିଥିଲେ । ୨୦୧୪, ଏପ୍ରିଲ ୨୩ର ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଓ କେତେକ ପ୍ରାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରି ସ୍ୟାଟ୍ ? ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହିତ ସୁରଭି ମହାନ୍ତି, ଓପିଏସ୍ସି ଏବଂ ଅନ୍ୟପକ୍ଷମାନଙ୍କୁ ନୋଟିସ ଜାରି କରିଥିଲେ । ୨୦୦୬ରେ ଓପିଏସ୍ ?ସି ପକ୍ଷରୁ ୩୭୮ଟି ପଦବି ପୂରଣ ପାଇଁ ନିଯୁକ୍ତି ପରୀକ୍ଷା ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କ୍ଲାସ-୨ ପଦବି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପରବର୍ତ୍ତୀ ସମୟରେ ସରକାର କ୍ୟାଡର ପୁନର୍ଗଠନ କରି କ୍ଲାସ-୨ ପଦବି ଉଚ୍ଛେଦ କରିଥିଲେ । ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନଙ୍କୁ ଜୁନିୟର କ୍ଲାସ-୧ ପଦବିରେ ନିଯୁକ୍ତି ଦେବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ଏହି ପ୍ରସଂଗ ବିବାଦ ଘେରରେ ରହିଥିବା ବେଳେ ପରବର୍ତ୍ତୀ ସମୟରେ ସରକାରଙ୍କ ଏପରି ନିଷ୍ପତ୍ତି ସମଗ୍ର ପ୍ରକ୍ରିୟାକୁ ସନ୍ଦେହ ପରିସରକୁ ଆଣିଥିଲା । ▶▶ପୃଷ୍ଠା ୭

## ଓଡ଼ିଆଭାଷା ଉପରେ ଝାଡଖଣ୍ଡ ଓ ଆନ୍ଧ୍ରର ଆକ୍ରମଣ

### ଓଡ଼ିଆଭାଷାର ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଦାବି

ଭୁବନେଶ୍ୱର,୨୮/୦୯ (ନି.ପ୍ର): ଝାଡ଼ଖଣ୍ଡ ରାଜ୍ୟରେ ଓଡ଼ିଆଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ମାନ୍ୟତା ଦିଆଯାଇଥିଲା । ୨୦୧୧ ମସିହା ସେପ୍ଟେମ୍ବର ୧୧ ତାରିଖରୁ ଝାଡ଼ଖଣ୍ଡ ସରକାର ଓଡ଼ିଆ ସମେତ ସାନ୍ତାଳୀ, ବଙ୍ଗାଳୀ ଓ ଉର୍ଦ୍ଦୁ ଭାଷାକୁ ୨ୟ ଭାଷାର ମାନ୍ୟତା ପ୍ରଦାନ କରିଥିଲେ । କିନ୍ତୁ ଦୁଃଖର କଥା ସାନ୍ତାଳୀ, ବଙ୍ଗାଳୀ ଓ ଉର୍ଦ୍ଦୁଭାଷାର ୨ୟ ମାନ୍ୟତା ବଜାୟ ରହିଥିଲା ବେଳେ ୨୦୨୧-୨୨ ଶିକ୍ଷାବର୍ଷରୁ ଓଡ଼ିଆଭାଷାକୁ ୨ୟ ଭାଷା ମାନ୍ୟତା ତାଲିକାରୁ ସେଠାକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବାଦ୍ ଦେଇଛନ୍ତି । ଏହା ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଅଂଚଳରେ ରହୁଥିବା ଓଡ଼ିଆମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ଏବଂ ସେମାନେ ଏହାର ପ୍ରତିବାଦ ମଧ୍ୟ କରୁଛନ୍ତି । କିନ୍ତୁ ଦୁଃଖର କଥା ସବୁ ପ୍ରତିବାଦ ସତ୍ତ୍ୱେ ମଧ୍ୟ ଝାଡ଼ଖଣ୍ଡ ସରକାର ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ କରିନାହାଁନ୍ତି କି ଓଡ଼ିଆଭାଷାକୁ ପୁନଃ ତାର ସମ୍ମାନଜନକ ସ୍ଥାନ ପ୍ରଦାନ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାଁନ୍ତି । ଏହା କେବଳ ସେଠାକାର ଓଡ଼ିଆ ଭାଷାଭାଷୀମାନଙ୍କର ଦାବି ଓ ଆନ୍ଦୋଳନ ନୁହେଁ, ଏହା ସମସ୍ତ ଓଡ଼ିଆ ଭାଷାଭାଷୀମାନଙ୍କର ମନର କଥା । ତେଣୁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ଏ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ତୁରନ୍ତ ଓଡ଼ିଆଭାଷାକୁ ୨ୟ ରାଜ୍ୟ ଭାଷାର ମାନ୍ୟତା ପୁନଃ ଝାଡ଼ଖଣ୍ଡ ସରକାର କିଭଳି ପ୍ରଦାନ କରିବେ, ସେ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ସେହିଭଳି ବାତ୍ୟା 'ଗୁଲାବ' ଆତଙ୍କରେ ଯେତେବେଳେ ଓଡ଼ିଶାବାସୀ ତଥା କୋରାପୁଟ ଜିଲ୍ଲାବାସୀ ଆତଙ୍କିତ ହୋଇପଡ଼ିଥିଲେ ତାହାର ସୁଯୋଗ ନେଇ ଆନ୍ଧ୍ର ▶▶ପୃଷ୍ଠା ୭

## ବିସ୍ଫୋରଣରେ ମାଟିରେ ମିଶିଲା ବଲଙ୍ଗା ଥାନା

ପିପିଲି,୨୮/୦୯ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ବଲଙ୍ଗା ଥାନାରେ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ଏହି ବିସ୍ଫୋରଣରେ ଥାନାର ଛାତ ଭୁଷୁଡି ପଡିବା ସହ କାନ୍ଥ ଭାଙ୍ଗି ମାଟିରେ ମିଶିଛି । ବିସ୍ଫୋରଣ ଫଳରେ ସମଗ୍ର ଅଞ୍ଚଳ ଥରି ଉଠିଥିଲା । ଆଇଆଇସି ଅଫିସ ସମେତ ହାଜତ ମଧ୍ୟ ମାଟିରେ ମିଶିଛି । କେଉଁ କାରଣରୁ ବିସ୍ଫୋରଣ ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ । ଜବତ ହୋଇଥିବା ବିସ୍ଫୋରକ ଫୁଟି ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି । ଖବର ପାଇ ପୁରୀ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରୁଛନ୍ତି । ତଦନ୍ତ ପରେ ବିସ୍ଫୋରଣର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

## ପିପିଲି ଉପନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ




ଭୁବନେଶ୍ୱର,୨୮/୦୯ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ଆସନ୍ତା ୩୦ ତାରିଖରେ ଭୋଟ୍ ଗ୍ରହଣ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତିଯେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ । ମୋଟ୍ ୨୦୧ଟି ବୁଥ୍ କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ଯେଉଁ ଭୋଟରଙ୍କର କୋଭିଡ୍ ଲକ୍ଷଣ ଥିବ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି, ଆଜିଠୁ ବୁଥ୍ ଗୁଡ଼ିକୁ ପୋଲିଂ ପାର୍ଟି ଗୁଡ଼ିକୁ ପଠାଯାଉଛି । ୩୪୮ଟି ପୋଲିଂ ପାର୍ଟି ମଧ୍ୟରୁ ୨୦୦ଟିକୁ ସେମାନଙ୍କ ବୁଥ୍ କୁ ପଠାଯାଇ ସାରିଲାଣି । ମୋଟ ୧୪୯୦ ଜଣ କର୍ମଚାରୀଙ୍କୁ ପୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅତିରିକ୍ତ ୭୦୦ କର୍ମଚାରୀଙ୍କୁ ପ୍ରସ୍ତୁତ ରଖାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଏହି ଉପନିର୍ବାଚନ ପାଇଁ ସୁରକ୍ଷା ଦୃଷ୍ଟିରୁ ପୋଲିସ୍ ର ବି ବ୍ୟାପକ ବ୍ୟବସ୍ଥା କରାଯାଇଛି । ୨ ହଜାର ପୋଲିସ୍ କର୍ମଚାରୀଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି । ସେମାନଙ୍କ ଭିତରେ ବିଏସ୍ଏଫ୍ ୩ଟି କମ୍ପାନୀ ମଧ୍ୟ ରହିଛନ୍ତି । ପୁଲିସ୍ କର୍ମଚାରୀଙ୍କ ନେତୃତ୍ୱ ଏସ୍‌ପି ନେଉଛନ୍ତି । ତାଙ୍କୁ ଏଥିପାଇଁ ▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ : ୩୦ଯାଏଁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୮/୦୯ (ନି.ପ୍ର): ଉତର-ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ପ୍ରଭାବରେ ଉତର-ପଶ୍ଚିମ ବଙ୍ଗୋପସାଗରରେ ଏବଂ ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗାମୀ ୨୪ଘଂଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଏହାର ପ୍ରଭାବରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୯ ତାରିଖ ସକାଳ ସାଢ଼େ ୮ ଭିତରେ ଉତର ଓଡ଼ିଶାରେ ଘଡଘଡ଼ି ମାରିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା ରହିଛି । ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୯ ତାରିଖରୁ ୩୦ ତାରିଖ ସକାଳ ସାଢ଼େ ୮ଟା ଭିତରେ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

## 'ଉରି'ରେ ସେନାର ଅପରେସନ୍ : ଧରାପଡିଲା ଲସ୍କର ଆତଙ୍କୀ



ନୂଆଦିଲ୍ଲୀ,୨୮/୦୯: ଗତକିଛି ଦିନ ଧରି ଉରି ସେକ୍ଟରରେ ଜାରି ରହିଛି ସେନାର ଅପରେସନ୍ । ମଙ୍ଗଳବାର ସେନାର ଅପରେସନ୍ ବେଳେ ଜଣେ ୧୯ ବର୍ଷୀୟ ପାକିସ୍ତାନ ଆତଙ୍କବାଦୀ ଗିରଫ ହୋଇଛି । ଗିରଫ ଆତଙ୍କୀ ଅଲ୍ଲୀ ବାବର ପାତ୍ର ଏବଂ ସେ ଲସ୍କର-ଇ-ତୋଇବା ସଂଗଠନର ବୋଲି ଜଣା ପଡିଛି । ସୀମାରେ ଲଗାତାର ଭାବେ ଆତଙ୍କବାଦୀ ନିପାତ ଅପରେସନ ଜାରି ରଖିଛି ଭାରତୀୟ ସେନା । ୭ ଦିନରେ ୭ ଆତଙ୍କବାଦୀ ନିପାତ କରିବାରେ ସଫଳ ହୋଇଛି ଭାରତୀୟ ସେନା । ଗତ ସେପଟ୍ଟେମ୍ବର ୧୮ ତାରିଖରୁ ପାକ ସୀମାରୁ ଆତଙ୍କୀ କାର୍ଯ୍ୟକଳାପକୁ ପୁଣି ଥରେ ସକ୍ରିୟ କରିଛ ବୋଲି ସେନା ପକ୍ଷରୁ କୁହାଯାଇଛି । ଅଲ୍ଲୀ ନିଜ ୬ ଜଣ ସହଯୋଗୀଙ୍କ ସହ ଭାରତରେ ଅନୁପ୍ରବେଶ କରିଥିଲା । ସେମାନେ ବାରମୂଳାରେ ଏକ ବଡ ଧରଣର ଆତଙ୍କବାଦୀ କାର୍ଯ୍ୟକଳାପକୁ ରୂପ ଦେଇଥାନ୍ତେ । ତେବେ ସର୍ଚ୍ଚ ଅପରେସନ୍ ବେଳେ ଅଲ୍ଲୀ ଭାରତୀୟ ସେନା ପାଖରେ ଆତ୍ମସମର୍ପଣ କରିଥିବାବେଳେ ତାର ସହଯୋଗୀ ଫେରାର ହେବାକୁ ପ୍ରୟାସ କରିବାବେଳେ ସେନା ଗୁଳିରେ ପ୍ରାଣ ହରାଇଛି । ଏହି ସମସ୍ତ ଆତଙ୍କୀ ▶▶ପୃଷ୍ଠା ୭

## କାଶ୍ମୀରରୁ ଲଦାଖକୁ ତିଆରି ହେଉଛି ସବୁଠୁ ଲମ୍ବା ସୁଡ଼ଙ୍ଗ

ନୂଆଦିଲ୍ଲୀ,୨୮/୦୯: ଜାମ୍ମୁ-କଶ୍ମୀର ଓ ଲେହ-ଲଦାଖର ଲାଇଫ ଲାଇନ ପାଲଟିବ ଦୁର୍ଗମ ଅଞ୍ଚଳରେ ନିର୍ମାଣ ହେଉଥିବା ଜୋଜିଲା ଟନେଲ । ଶ୍ରୀନଗର ସହିତ ଲଦାଖକୁ ସଂଯୋଗ କରୁଥିବା ଏହି ସୁଡଙ୍ଗ ପ୍ରତିରକ୍ଷା ଦୃଷ୍ଟିକୋଣରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଦୃଷ୍ଟିକୋଣରୁ ବି ସେତିକି ଗୁରୁତ୍ୱପୂର୍ଣ୍ଣ । ସୀମାର ଅତି ନିକଟରେ ଥିବା ଜୋଜିଲା ପାସକୁ ଅତିକ୍ରମ କରିବାକୁ ପୂର୍ବରୁ ପ୍ରାୟ ୩ରୁ ସାଢେ ୩ ଘଂଟା ସମୟ ଲାଗୁଥିଲା । ଯାହା କି କାମ ସମ୍ପୂର୍ଣ୍ଣ ହେବା ପରେ ଅଧଘଣ୍ଟା ଭିତରେ ଏହି ପଥ ଅତିକ୍ରମ କରିହେବ । ଏହାସହ ପ୍ରବଳ ବରଫପାତ ଯୋଗୁଁ ନଭେମ୍ବରରୁ ମେ' ମାସ ଯାଏଁ ବନ୍ଦ ରହୁଥିବା ରାସ୍ତା ଏବେ ସବୁବେଳେ ଖୋଲା ରହିବ । ଜାମ୍ମୁ-କାଶ୍ମୀରରୁ ଲେହ-ଲଦାଖକୁ ସଂଯୋଗ କରୁଥିବା ନିର୍ମାଣାଧୀନ ସୁଡଙ୍ଗ ବା ଟନେଲ ବୟାନ କରୁଛି ଯେ ଏହି ଦୁର୍ଗମ ଇଲାକାକୁ ଭାରତ ଖୁବଶୀଘ୍ର ଏକ ସୁଗମ ଅଞ୍ଚଳରେ ପରିବର୍ତ୍ତନ କରିବ । ଶ୍ରୀନଗର ସହିତ ଲେହ-ଲଦାଖକୁ ସଂଯୋଗ କରୁଥିବା ୧୪ କିଲୋମିଟର ଲମ୍ବ ବିଶିଷ୍ଟ ଜୋଜିଲା ଟନେଲ ପ୍ରତିରକ୍ଷା ଦୃଷ୍ଟିକୋଣରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଦୃଷ୍ଟିକୋଣରୁ ବି ସେତିକି ଗୁରୁତ୍ୱପୂର୍ଣ୍ଣ । ମଙ୍ଗଳବାର କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରି ପହଞ୍ଚି ଏହି ନିର୍ମାଣାଧୀନ କାମର ଅନୁଧ୍ୟାନ କରିଥିଲେ । ୯.୫ ମିଟର ଚଉଡା ଓ ୭.୫୭ ମିଟର ଉଚ୍ଚତା ବିଶିଷ୍ଟ ଏହି ଟନେଲ ପାଇଁ ଖର୍ଚ୍ଚ ହେବ ପ୍ରାୟ ୬ ହଜାର କୋଟି ଟଙ୍କା ଏବଂ ୨୦୨୩ରେ ଏହାର ନିର୍ମାଣ କାମ ଶେଷ ହେବ । ନିୟନ୍ତ୍ରଣ ରେଖା ଠାରୁ ଅତି ନିକଟରେ ଥିବା ଏହି ଜୋଜିଲା ପାସକୁ ଅତିକ୍ରମ କରିବା ପାଇଁ ଆଗକୁ ୩ରୁ ସାଢେ ୩ ଘଣ୍ଟା ଲାଗୁଥିଲା । କିନ୍ତୁ କାମ ସମ୍ପୂର୍ଣ୍ଣ ହେବା ପରେ ଅଧଘଂଟା ଭିତରେ ଏହି ପଥ ଅତିକ୍ରମ କରିହେବ । ନଭେମ୍ବରରୁ ମେ ମାସ ଯାଏଁ ଏହି ରାସ୍ତା ଜୋଜିଲା- ପାସ ବରଫରେ ବନ୍ଦ ରହୁଥିଲା । ଏଠାରେ ତାପମାତ୍ରା ଏହି ସମୟରେ ମାଇନସ ୪୦ ଡିଗ୍ରୀ ସେଲସିୟସ ଯାଏଁ ବି ଚାଲିଯାଏ । କାମ ସରିବା ପରେ ଜୋଜିଲା ପାସ, ଜୋଜିଲା ଟନେଲରେ ରୂପାନ୍ତରିତ ହେବ ଏବଂ ଯାତାୟତ, ଅର୍ଥନୈତିକ ଓ ପ୍ରତିରକ୍ଷା ଦୃଷ୍ଟିକୋଣରୁ ଏକ ବଡ ପରିବର୍ତ୍ତନ ହେବ ।

## ଲାଞ୍ଚ ନେଲା ବେଳେ ଧରା ପଡ଼ିଲେ କୃଷି ଜିଲ୍ଲା ଅଧିକାରୀ

ବଲାଙ୍ଗିର,୨୮/୦୯ (ନି.ପ୍ର): ୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଲେ ବଲାଙ୍ଗିର ଜିଲ୍ଲା କୃଷି ଅଧିକାରୀ ହିଂମାଶୁ ଶେଖର ପାଢ଼ି । ପଣ୍ଡକିଟାଲ ଗାଁର ସାର ଦୋକାନୀ ଦୁର୍ଯ୍ୟୋଧନ ବାରିକଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ । ଦୁର୍ଯ୍ୟୋଧର ସାର ଦୋକାନ କରିଥିବା ବେଳେ ସାର ବିକ୍ରି କରିବା ପାଇଁ ମାଗଣାରେ ପିଓଏସ ବା ପଏଣ୍ଟ ଅଫ ସେଲ ମେସିନ ପାଇବା କଥା । କିନ୍ତୁ ମାଗଣାରେ ମେସିନ ଦେବା ପାଇଁ ବଲାଙ୍ଗିର କୃଷି ଜିଲ୍ଲା ଅଧିକାରୀ ତାଙ୍କୁ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏହା ପରେ ସାର ଦୋକାନୀ ଏନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ମୁତାବକ ଆଜି ନିଜ ଅଫିସରେ ▶▶ପୃଷ୍ଠା ୭

# ନିରଞ୍ଜନ ବାରିକ ପାଇଲେ 'ପ୍ରକୃତିବନ୍ଧୁ' ସମ୍ମାନ

ଭଦ୍ରକ,୨୮/୯ (ନି.ପ୍ର): ସୃଷ୍ଟିରୁ ଆରମ୍ଭରୁ ପ୍ରକୃତି ପୂଜାକୁ ପ୍ରାଧାନ୍ୟ ଦିଆଯାଇଛି। ଶିକ୍ଷା ଅଧ୍ୟୟନ ସହିତ ପ୍ରକୃତିକୁ ସୁନ୍ଦରମୟ କରିବା ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ରହିଛି। ବୃକ୍ଷ ହିଁ ଜୀବନ। ବୃକ୍ଷ ଦ୍ୱାରା ଜୀବଜଗତ ଅନେକ ଉପକୃତ ହୋଇଥାନ୍ତି। ସବୁଜିମା ବୃକ୍ଷାରାଜି ମାଳା ନଥିଲେ ମନୁଷ୍ୟ ଜୀବନ ସଂକଟାପନ୍ନ ହୋଇପଡନ୍ତା। ମନୁଷ୍ୟର ଦୀର୍ଘାୟୁ ତଥା ନିରୋଗ ନିମନ୍ତେ ବୃକ୍ଷରୋପଣ ଏକାନ୍ତ ଅପରିହାର୍ଯ୍ୟ। ଏହାକୁ ପ୍ରାଧାନ୍ୟ ଦେଇଛନ୍ତି ଭଦ୍ରକ ଜିଲାର ଜଣେ ଆଦର୍ଶ ବିଜ୍ଞାନ ଶିକ୍ଷକ ନିରଞ୍ଜନ ବାରିକ। ସେ ଉତ୍ତମ ଶିକ୍ଷାଦାନ ସହିତ ପ୍ରକୃତିକୁ ସୁରକ୍ଷା ନିମନ୍ତେ ପ୍ରତ୍ୟେକ ଦିନ ବୃକ୍ଷରୋପଣ ଓ ବୃକ୍ଷ ସେବା କରିଥାନ୍ତି। ଏବଂ ପଶୁପକ୍ଷୀମାନଙ୍କୁ ଭଲ ପାଇଥାନ୍ତି। ତାଙ୍କର ଏହି ନିରଳସ ସେବା, ତ୍ୟାଗ ତଥା ଉତ୍ତମ ଛାତ୍ରଛାତ୍ରୀ ତିଆରି କରିବାରେ ଯେଉଁ ଭୂମିକା ନିର୍ବାହ କରୁଛନ୍ତି, ତାହାର ପଟାନ୍ତର ନାହିଁ। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଙ୍କୁ ଚଳିତବର୍ଷ 'ପ୍ରକୃତି ବନ୍ଧୁ' ସମ୍ମାନରେ ସମ୍ମାନିତ କରିଛନ୍ତି। ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ଶ୍ରୀ ବାରିକଙ୍କୁ ବର୍ଣ୍ଣାଢ୍ୟ ପରିବେଶରେ ସମ୍ମାନିତ କରିଛନ୍ତି। ଶ୍ରୀ ବାରିକ ପ୍ରକୃତିବନ୍ଧୁ ସମ୍ମାନ ପାଇଥିବାରୁ ତାଙ୍କର ସାର୍ବଜନୀନ କୃତି ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମହଲରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ବାରିକ ବର୍ତ୍ତମାନ ଭଦ୍ରକ ସାବରଙ୍ଗ ସ୍ଥିତ ସାହାଡା ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ। ତାଙ୍କ ପିତା ଜଗବନ୍ଧୁ ବାରିକ ଆରସିବିଏଲ୍ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିବା ସମୟରେ ତାଙ୍କର ଶିକ୍ଷାଦାନ, ସାହିତ୍ୟକୃତୀ, ଛାତ୍ର ବତ୍ସଳତା ତଥା ମାନବୀୟ ମୂଲ୍ୟବୋଧ ନିମନ୍ତେ ତାଙ୍କୁ ରାଜ୍ୟପାଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବାପାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିବା, ସାହିତ୍ୟ ସାଧାନାରେ ରୁଚି ରଖି ଛାତ୍ରଛାତ୍ରୀମାନଙ୍କ ପାଇଁ ଉପାଦେୟ ପୁସ୍ତକ ରଚନା କରିବା, ପରିବେଶକୁ ଶସ୍ୟ ଶ୍ୟାମଳା ତଥା ସୁନ୍ଦର ରଖିବା ପାଇଁ ବୃକ୍ଷରୋପଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ଦେଇ ସମାଜ ଗଠନ ଓ ପ୍ରଗତିରେ ନିଜ ଜୀବନକୁ ଉତ୍ସର୍ଗ କରିବେ ବୋଲି ପ୍ରକୃତିବନ୍ଧୁ ସମ୍ମାନ ପାଇବା ପରେ ଶ୍ରୀ ବାରିକ ନିଜର ମତ ରଖିଥିଲେ।



# ପୁଣି ବିବାଦରେ ଖରସ୍ରୋତା ପାନୀୟ ଜଳ ପ୍ରକଳ୍ପ: ରିପୋର୍ଟ ଦେଇନାହିଁ ହାଇଦ୍ରାବାଦ ଆଇଆଇଟି

କେନ୍ଦ୍ରାପଡ଼ା,୨୮/୯ (ନି.ପ୍ର): ଖରସ୍ରୋତା ପ୍ରକଳ୍ପ ପ୍ରସଙ୍ଗକୁ ନେଇ ଏବେ ଆଉ ଏକ ବିବାଦ ସୃଷ୍ଟି ହୋଇଛି। ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ହାଇଦ୍ରାବାଦ ଆଇଆଇଟିର ରିପୋର୍ଟକୁ ଭିତ୍ତି କରି ଏହି ପ୍ରକଳ୍ପ ଦ୍ୱାରା କୌଣସି ପ୍ରକାର ଭୂତଳ ଜଳ ସଂକଟ ସୃଷ୍ଟି ହେବନାହିଁ ବୋଲି ସ୍ପଷ୍ଟ କରିଥିଲା। କିନ୍ତୁ ଏବେ ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ସୂଚନା ମିଳିଛି ଯେ ହାଇଦ୍ରାବାଦ ଆଇଆଇଟି ଓଡ଼ିଶା ସରକାରଙ୍କୁ ଏଭଳି କୌଣସି ପ୍ରକାର ରିପୋର୍ଟ ଦେଇନାହାନ୍ତି। ଖରସ୍ରୋତା ପ୍ରକଳ୍ପକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ବଡ଼ଧରଣର ଆନ୍ଦୋଳନ ମୁଣ୍ଡ ଟେକି ଥିବାବେଳେ ଏବେ ଏଭଳି ତଥ୍ୟ ବିବାଦକୁ ଅଧିକ ଗଭୀର କରିଛି। ଏଥିରେ କିଏ ସତ ଆଉ କିଏ ମିଛ, ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜକନିକାସ୍ଥିତ ଭାରୀଗଦାରେ ଖରସ୍ରୋତା ନଦୀରୁ ରାଜ୍ୟ ସରକାର ବସୁଧା ଯୋଜନାରେ ଭଦ୍ରକ ଜିଲ୍ଲାକୁ ପିଇବା ପାଣି ଯୋଗାଇ ଦେବା ପାଇଁ ଏକ ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଖରସ୍ରୋତା ଶୁଖିଯିବା ସହିତ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସମ୍ବକଟ ଅଧିକ ଜଟିଳ ରୂପ ଧାରଣ କରିବ ଅଭିଯୋଗ ଆଣି ଖରସ୍ରୋତା ବଞ୍ଚାଅ ସମିତି ଜୋରଦାର ବିରୋଧ କରିବା ସହିତ ଆନ୍ଦୋଳନ ଚଳାଇଛି। ପ୍ରଶାସନ ପ୍ରକଳ୍ପ ସପକ୍ଷରେ ଯୁକ୍ତି ବାଢ଼ିବା ସହିତ ଅଗଷ୍ଟ ୧୪ ତାରିଖରେ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବି. ନାୟକ ହାଇଦ୍ରାବାଦ ଆଇଆଇଟି ଓ ଓୟୁଏଟି ବିଶେଷଜ୍ଞ ରିପୋର୍ଟ କଥା ଉଠାଇ ଗଣମାଧ୍ୟମକୁ ଏକ ପ୍ରେସ୍ ବିଜ୍ଞପ୍ତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମାଧ୍ୟମରେ ଦେଇଥିଲେ। ସେଥିରେ ଦର୍ଶାଇଥିଲେ ଯେ ଆଇଆଇଟି ହାଇଦ୍ରାବାଦ୍ ଓ ଓୟୁଏଟି ବିଶେଷଜ୍ଞ ରିପୋର୍ଟ ସ୍ପଷ୍ଟ କରିଛି ଯେ ଖରସ୍ରୋତା ନଦୀରୁ ମାତ୍ର ୫ ପ୍ରତିଶତ ଜଳ ଏହି ମେଗା ପ୍ରକଳ୍ପରେ ବ୍ୟବହାର ହେବ। ଭିତରକନିକାର ଜୈବ ବିବିଧତା କିମ୍ବା ପରିବେଶ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ୧୭୩ ପୃଷ୍ଠାର ଡିପିଆର ରିପୋର୍ଟରେ ଆଇଆଇଟି ହାଇଦ୍ରାବାଦ ଏ କଥା ଦର୍ଶାଇଛି ବୋଲି ପୂର୍ବରୁ ପ୍ରଶାସନ ଯୁକ୍ତି ବାଢ଼ିଥିଲା। ଏଭଳି ସ୍ଥିତିରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଗତ ଅଗଷ୍ଟ ୩୦ ତାରିଖରେ ଆରଟିଆଇରେ ଖରସ୍ରୋତା ପାନୀୟ ଜଳ ପ୍ରକଳ୍ପ ସମ୍ବପର୍କରେ ଆଇଆଇଟି ହାଇଦ୍ରାବାଦକୁ ତଥ୍ୟ ମାଗିଥିଲେ। ଆଇଆଇଟି ହାଇଦ୍ରାବାଦର ଡେପୁଟି ରେଜିଷ୍ଟ୍ରାର ସୟଦ ଅଲି ସବିର ଆରଟିଆଇର ମଗାଯାଇଥିବା ତଥ୍ୟର ସୂଚନା ଦେବାକୁ ଯାଇ ଦର୍ଶାଯାଇଛନ୍ତି ଯେ ଖରସ୍ରୋତାରୁ ଭଦ୍ରକ ଜିଲ୍ଲାକୁ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଗାଣ ପ୍ରସଙ୍ଗରେ କେ?ଣସି ରିପୋର୍ଟ ଦିଆଯାଇନାହିଁ। ଓଡ଼ିଶା ସରକାର ଏହି ପ୍ରସଙ୍ଗରେ କେବେ ଆଇଆଇଟିକୁ ଚିଠି କରି ନାହାନ୍ତି କି କୌଣସି ବିଶେଷଜ୍ଞ ଦଳ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳକୁ ଯାଇନାହାନ୍ତି। ଏ ସମ୍ବପର୍କରେ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ସରକାର ଆମକୁ ଏହି ରିପୋର୍ଟ ଦେଇଥିଲେ। ବିଭାଗ ହିଁ ଏ ସମ୍ବପର୍କରେ ଅଧିକ କିଛି କହିପାରିବ ବୋଲି ସେ କହିଛନ୍ତି।

# ୩ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ : ୩ ଗିରଫ

ଖୋର୍ଦ୍ଧା,୨୮/୯ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଟାଙ୍ଗୀ ପୋଲିସ୍ ଉଗ୍ରତାରା ରୋଡରେ ଚଢ଼ଉ କରି ୩ଟି ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଘଟଣାରେ ୩ ଜଣ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅଂଚଳରେ ଦିନକୁ ଦିନ ବେଆଇନ ପଥର ଖଣି ମାଫିଆଙ୍କ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି । ରାତି ଅଧରେ ମାଫିଆମାନେ ବେଆଇନ ଭାବେ ଲକ୍ଷାଧିକ ଟଙ୍କାର ପଥର କାରବାର କରୁଛନ୍ତି । ଏହି ମାଙ୍କଡ଼ା ପଥର ଚୋରା ଚାଲାଣରେ ପ୍ରଶାସନ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି । ତେବେ ଟାଙ୍ଗୀ ଅଂଚଳରେ ବ୍ୟାପକ ମାତ୍ରାରେ ମାଙ୍କଡା ପଥର ଚୋରା ଚାଲାଣ ହେଉଥିବା ଖବର ପାଇ ଟାଙ୍ଗୀ ପୋଲିସ୍ ଚଢ଼ଉ କରିଥିଲା । ଗତକାଲି ବିଳମ୍ବିତ ରାତିରେ ଟାଙ୍ଗୀ ପୋଲିସ୍ ଉଗ୍ରତାରା ରୋଡ୍ ରେ ଚଢ଼ଉ କରି ୩ଟି ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଘଟଣାରେ ୩ ଜଣ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରିଛି । ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି ।

# ସୁନା ଚେନ ଓ ବାଇକ ଲୁଟ ମାମଲାରେ ଲୁଟେରା ସହ ଚୋରି ସୁନା କ୍ରେତା ମହିଳା ଗିରଫ

ଜୟପୁର ,୨୮/୯ (ନି.ପ୍ର): ସୁନା ଚେନ ଓ ବାଇକ ଲୁଟ ମାମଲାର ୨ଜଣଙ୍କୁ ଗିରଫ କରିଛି ଟାଉନ ପୋଲିସ । ଏହି ମାମଲାରେ ଲୁଟ କରିଥିବା ଅଭିଯୁକ୍ତ ଗୋପବନ୍ଧୁ ନଗରର ବାଦଲ ନାଗ (୩୦) ଓ ଚୋରି ସୁନା କ୍ରୟ କରିଥିବା ଅଭିଯୋଗ ରେ କୁମ୍ଭାରପୁଟର ମହିଳା ମାଣିକ କୁମ୍ଭାର କୁ ଗିରଫ କରିଛି । ଏନେଇ ଆଜି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ସାମ୍ବାଦିକ ସମ୍ମିଳନିରେ ସୁଚନା ଦେଇ କହିଛନ୍ତି ଯେ ସୁନା ୩.୯.୨୧ ଜୟପୁର ଗୋପବନ୍ଧୁ ନଗରର ମହିଳା କୁମାରି ସାହୁ ଟାଉନ ଲିଖିତ ଅଭିଯୋଗ କରିଥିଲ ଯେ ତାଙ୍କ ମଙ୍ଗଳସୁତ୍ର କୁ ଲୁଟ ହୋଇଛି । ସେହିପରି ୪.୯.୨୧ ତାରିଖରେ ପାଇକ ସାହିର ସନାତନ ବେହେରାଙ୍କୁ ଛୁରି ଦେଖାଇ ବାଇକ ଲୁଟ ହୋଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ଅଭିଯୁକ୍ତ ବାଦଲ ନାଗକୁ ଗରଫ କରି ଥିବା ବେଳେ ସେ ସୁନା ଲୁଟ କରି କୁମ୍ଭାର ପୁଟ ମହିଳା ମାଣିକ କୁମ୍ଭାରଙ୍କୁ ବିକ୍ରି କରିଥିବା ପୋଲିସ ଆଗରେ ସୁଚନା ଦେଇଥିଲା । ସୁଚନା ଆଧାରରେ ପୋଲିସ ମାଣିକଙ୍କୁ ଗିରଫ କରିଛି । ୨ ଜଣଙ୍କ ଠାରୁ ୭ ଗ୍ରାମର ମଙ୍ଗଳସୁତ୍ର , ଛୁରି, ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତ ବାଦଲ ନାମରେ ଗଞ୍ଜେଇ, ଚୋରି ଲୁଟ୍ ପର ଜୟପୁର, ବୈପାରିଗୁଡା ଥାନାରେ ୨୪ଟି ସଙ୍ଗିନ ମାମଲା ରହିଛି । ୨ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ସଂଚୟ କୁମାର ମଣ୍ଡଳ ଉପସ୍ଥିତ ଥିଲେ ।

# ଲକ୍ଷାଧିକ ଟଙ୍କାର ବିଦେଶୀ ସିଗାରେଟ୍ ଜବତ

ପାରାଦ୍ୱୀପ,୨୮/୯ (ନି.ପ୍ର): ପାରାଦ୍ୱୀପରୁ କଲିକତା ଯାଉଥିବା ସୂର୍ଯ୍ୟା ନାମକ ଏକ ଘରୋଇ ବସ୍ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ପାରାଦ୍ୱୀପର ମଧୁବନ ଅଂଚଳରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ରଖି ଲୋଡ୍ କରାଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସେଠାରେ ପୋଲିସ ପହଂଚି ୪୦ ଟି ବଡ ପେଟିରେ ସିଲ୍ ହୋଇଥିବା ବିଦେଶୀ ବ୍ରାଣ୍ଡ ର ସିଗାରେଟ୍ ଓ ଉକ୍ତ ବସ୍ କୁ ଲୋଡିଂ ସ୍ଥାନରୁ ଜବତ କରି ଥାନାକୁ ଆଣିଥିଲେ। ଏହା କଲିକତା ଯିବାର ଥିଲା ବୋଲି ପୋଲିସ କହିଛି । ପାରାଦ୍ୱୀପ ବନ୍ଦରରେ ଲାଗୁଥିବା ବିଦେଶୀ ଜାହାଜରୁ ଏଗୁଡିକୁ ଚୋରି କରି ଆଣି ବାହାର ରାଜ୍ୟରେ ବିକ୍ରୟ କରାଯାଉଥିଲା। ଏହି ସିଗାରେଟ୍ ର ମୂଲ୍ୟ ପାଖାପାଖି ୩ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ବସ୍ କୁ ଜବତ କରିବା ସହିତ ବସ୍ ର ଡ୍ରାଇଭର, ହେଲପର ସମେତ ୪ ଜଣଙ୍କୁ ଅଟକ ରଖିଛି ପାରାଦ୍ୱୀପ ପୋଲିସ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ପାରାଦ୍ୱୀପ ବନ୍ଦର ର ନିଷିଦ୍ଧାଂଚଳକୁ ଯିବା ଏବଂ ଆସିବା ପାଇଁ ଥିବା ଚାରିଥାକିଆ କଡ଼ା ସୁରକ୍ଷା ବଳୟକୁ ଭେଦ କରି ଏହି ବିପୁଳ ପରିମାଣର ବିଦେଶୀ ସିଗାରେଟ୍ କିପରି ବାହାରକୁ ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି ।

# ବନ୍ଧୁକ ଦେଖାଇ ରାସ୍ତାରେ ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକ ଗିରଫ

ପଟ୍ଟାମୁଣ୍ଡାଇ,୨୮/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଚଉଦକୁଲାଟ ଫାଣ୍ଡି ଅଧିନ ଗୋଗୁଆ-ଚଉଦକୁଲାଟ ରାସ୍ତାର ଗୁଡିଆ ପୋଲ ନିକଟରେ ଗତକାଲି ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭିତ କରୁଥିବା ୨ ଯୁବକଙ୍କୁ ଆଜି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ସମ୍ପୃକ୍ତ ଦୁଇ ଯୁବକଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ଉଭୟଙ୍କୁ ବାରିମୁଳ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଯୁବକ ୨ ଜଣ ହେଲେ ପଟ୍ଟାମୁଣ୍ଡାଇ ପୋଖରୀଆପଡା ଗ୍ରାମର ସେକ ଓ୍ୱାସିମ ଆକ୍ରମ ଓ ଆଳି ଥାନା ବାଲିସାହିର ସେକ ଫତେ ଖାନ । ଏହି ଘଟଣାକୁ ନେଇ ପଟ୍ଟାମୁଣ୍ଡାଇ ଥାନା କେସ ନଂ- ୫୭୧/୨୧ରେ ଦଫା ୨୯୪, ୫୦୬, ୩୪ ଓ ୨୫/୨୭ ଆର୍ମ୍ସ ଆକ୍ଟରେ ଏକ ମୋକଦ୍ଦମା ରୁଜୁ ହୋଇଥିଲା । ସୂଚନାଯୋଗ୍ୟ ଯେ, ଗତକାଲି ଚଉଦକୁଲାଟ-ଗୋଗୁଆ ରାସ୍ତାର ଏକ ପାଟନାଳୀରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁ ଥିବାର ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଚଂଳର ଲୋକମାନେ ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ । ଏହାର ଅନତି ଦୂରରେ ଥିବା ଗୁଡିଆ ପୋଲ ନିକଟରେ ୨ ଜଣ ଯୁବକ ମୋଟର ସାଇକେଲ ରଖି ରାସ୍ତାରେ ଗପ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକର ମୋବାଇଲ ଫୋନ ତଳେ ପଡିଯାଇଥିଲା । ପାଟନାଳୀରେ ଭାସୁଥିବା ଅଚିହ୍ନା ଶବକୁ ଦେଖି ଫେରୁଥିବା ଚଉଦକୁଲାଟ ଗ୍ରାମର ଜଣେ ଯୁବକ ତଳେ ପଡିଥିବା ମୋବାଇଲ ଫୋନ ସମ୍ପର୍କରେ ଉକ୍ତ ୨ ଯୁବକଙ୍କୁ ସୂଚନା ଦେବା ସହିତ ମୋବାଇଲ ଫୋନ ଉଠାଇ ନେବାକୁ କହିଥିଲେ । କିନ୍ତୁ, ଉକ୍ତ ୨ ଯୁବକ ହଠାତ ଗାଳିଗୁଲଜ କରିବା ସହିତ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ । ଗ୍ରାମବାସୀ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକଙ୍କୁ ଧରି ନିସ୍ତୁକ ମାଡ ମାରିବା ସହିତ ପୋଲିସ ଜିମା ଦେଇଥିଲେ ।

# ୧୬ ନଂ ପାଟରୁ ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା,୨୮/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅଧିନ ୧୬ ନଂ ପାଟରୁ ଜଳ ନିଷ୍କାସନ ପାଇଁ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଭାବେ ଦାବି ଉପସ୍ଥାପନ କରିଛନ୍ତି । ଲଘୁଚାପ ଜନିତ ଲଗାଣ ବର୍ଷାରେ ୧୬ନଂ ପାଟରେ ଜମି ରହିଥିବା ଜଳ ଦୀର୍ଘ ୧୫ଦିନ ହେଲା ଜମିରହି ଏ ଅଂଚଳର ନରୁଆ, ଡେରାବିଶ, ପଣ୍ଡିତ ପାଟଣା, ତିଲକପୁର, ଚାଟରାଚକଡା, ଦୁମୁକା, ଗୋବିନ୍ଦପୁର, ବିଲକଣା ପ୍ରଭୃତି ଗ୍ରାମର ଚାଷୀମାନଙ୍କ ହଜାର ହଜାର ହେକ୍ଟର ଚାଷଜମିର ଫସଲ ପଚିବାକୁ ଆରମ୍ଭ କଲାଣି । କଂସାରିପାଟଣା ଠାରେ ନିର୍ମାଣାଧିନ ପୋଲ ପାଇଁ ଜଳ ନିଷ୍କାସନ ପଥକୁ ଆଂଶିକ ପୋତା ଯାଇଥିବାରୁ ପାଟରୁ ପାଣି ଛାଡିବାରେ ଅସୁବିଧା ସୃଷ୍ଟି ହେଉଛି । ତୁରନ୍ତ ଜଳ ନିଷ୍କାସନ ବାଟକୁ ସଫା କରି ପାଟରୁ ପାଣି ଛଡାଇବା ପାଇଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଅଂଚଳର ଚାଷୀମାନେ ବାଧହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସଭାପତି ପ୍ରସନ୍ନ କୁମାର ଦାସ, ସଂପାଦକ ଧରଣୀଧର ପ୍ରଧାନ, ବିଜୟ କୁମାର ଦାସ, କୃଷ୍ଣ ଚନ୍ଦ୍ର ପଲେଇ, ନୃସିଂହ ଚରଣ ପଲେଇ, ହୃଷିକେଶ ପଲେଇ,ରନ୍ ମଞ୍ଜରୀ ଦାସ ପ୍ରମୁଖ ଦାବି ଜଣାଇଛନ୍ତି ।

# ସ୍ମାର୍ଟସିଟିରୁ ବାଦ୍ ପଡିବ ବସ୍ ଟର୍ମିନାଲ !

## ପ୍ରକଳ୍ପ ଖର୍ଚ୍ଚ ଥିଲା ୨୦ କୋଟି: ମିଳୁନି ୧୫ ଏକର ଜାଗା

ରାଉରକେଲା ,୨୮/୯ (ନି.ପ୍ର): ରାଉରକେଲାରେ କଚ୍ଛପ ଗତିରେ ଚାଲିଛି ସ୍ମାର୍ଟସିଟି ପ୍ରକଳ୍ପ। ଘୋଷଣାକୁ ଇତି ମଧ୍ୟରେ ୫ ବର୍ଷ ପୂରିଛି, କିନ୍ତୁ ସ୍ମାର୍ଟନେସ୍ ବାରିପାରିଲେନି ସହରବାସୀ। ଏବେ ସ୍ମାର୍ଟସିଟି ପ୍ରକଳ୍ପରୁ ଅତ୍ୟାଧୁନିକ ବସ୍ ଟର୍ମିନାଲ ବାଦ୍ ପଡିବାକୁ ଯାଉଛି। ନିକଟରେ ସ୍ମାର୍ଟସିଟି ଲିମିଟେଡ ବୋର୍ଡର ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। କାରଣ ପୂର୍ବରୁ ପୁରୀର ମାଳତୀପାଟପୁର, କେନ୍ଦୁଝର ଓ ସମ୍ବଲପୁର ସହରର ବାହାରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କରାଯାଇଛି। କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ଟର୍ମିନାଲ ସହର ବାହାରେ ଥିବାରୁ ବସ୍‌ଗୁଡ଼ିକ ନ ଯିବାରୁ ପ୍ରକଳ୍ପଗୁଡ଼ିକ ଫେଲ୍ ମାରିଛି। ରାଜ୍ୟର ତିନିଟି ବସ୍ ଟର୍ମିନାଲକୁ ବୋର୍ଡ ବୈଠକରେ ଉଦାହରଣ ଦିଆଯାଇ ରାଉରକେଲା ସହର ଭିତରେ କରିବାକୁ ନିର୍ମାଣ କରିବାକୁ ପ୍ରସ୍ତାବ ରଖାଯାଇଥିଲା। ବସ୍ ଟର୍ମିନାଲ ନିର୍ମାଣ ପାଇଁ ସହର ଭିତରେ ପ୍ରାୟ ୧୫ ଏକର ଜାଗାର ଆବଶ୍ୟକତା ରହିଛି। ଏଥିସକାଶେ ଛେଣ୍ଡ ଛକରୁ ସେକ୍ଟର-୯ ରିଂ ରୋଡ ପାର୍ଶ୍ୱରେ ଆରଏସ୍‌ପିର ପ୍ରାୟ ୧୫ ଏକର ଜାଗା ଚିହ୍ନଟ ହୋଇଥିଲା। ଆରଏସ୍‌ପି ଜାଗା ଦେବାକୁ ରାଜି ନ ହେବାରୁ ସହରରେ ହେବାକୁ ଥିବା ଅତ୍ୟାଧୁନିକ ବସ୍ ଟର୍ମିନାଲ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସ୍ମାର୍ଟସିଟି ସିଇଓ ତଥା ଆରଏମ୍‌ସି କମିଶନର ଦିବ୍ୟଜ୍ୟୋତି ପରିଡା କହିଛନ୍ତି ବୋର୍ଡ ବୈଠକରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ ପ୍ରସ୍ତାବ ରଖାଯାଇଥିଲା। ପ୍ରକଳ୍ପର ପ୍ରାଥମିକ ଅଟକଳ ରହିଥିଲା ପ୍ରାୟ ୨୦ କୋଟି ଟଙ୍କା। କିନ୍ତୁ ଉଚ୍ଚ ଅଧିକାରୀ ଏବେ ବସ୍ ଟର୍ମିନାଲର ଆବଶ୍ୟକତା ନାହିଁ ବୋଲି କହିବାରୁ ଏ ସଂକ୍ରାନ୍ତରେ ଆଲୋଚନା ଆଗକୁ ବଢ଼ି ନଥିଲା। ପରବର୍ତ୍ତୀ ବୈଠକରେ ବସ୍ ଟର୍ମିନାଲ ସମ୍ପର୍କରେ ଆଲୋଚନା କରାଯିବ। ରାଉରକେଲା ସହରରେ ବସ୍ ଟର୍ମିନାଲ ନଥିବାରୁ ପୂର୍ବରୁ ଆରଡିଏ ପକ୍ଷରୁ ନିର୍ମାଣ ନୂଆ ବସ୍‌ଷ୍ଟାଣ୍ଡରେ ଏକ୍ସପ୍ରେସ୍ ବସ୍‌ଗୁଡ଼ିକ ପାର୍କିଂ କରିବାକୁ ଜାଗା ମିଳୁନି। ଅଧିକାଂଶ ଏକ୍ସପ୍ରେସ୍ ସେକ୍ଟର-୨ ପଡିଆ, ରିଂ ରୋଡ ରାସ୍ତା ପାର୍ଶ୍ୱରେ ଛିଡା ହେଉଛି। ସେମିତି ଝାଡ଼ଖଣ୍ଡ ଓ ବିହାର ସମେତ ଅନ୍ୟାନ୍ୟ ରାଜ୍ୟକୁ ଯାତାୟତ କରୁଥିବା ବସ୍‌ଗୁଡ଼ିକ ମଧ୍ୟ ରାସ୍ତାରେ ଛିଡା ହେଉଛି। ସେପଟେ ସ୍ମାର୍ଟସିଟି ପ୍ରକଳ୍ପରୁ ବସ୍ ଟର୍ମିନାଲ ବାଦ୍ ପଡିବା ଖବର ପ୍ରସାରିତା ହେବା ପରେ ବସ୍ ମାଲିକ ବିଶେଷ କରି ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉଲ୍ଲେଖଯୋଗ୍ୟ, ପାଣ୍ଠି ଖର୍ଚ୍ଚ ହୋଇପାରୁ ନଥିବାରୁ ୨୦୧୮-୧୯, ୨୦୧୯-୨୦୨୦ରେ ସ୍ମାର୍ଟ ସିଟି ପାଣ୍ଠିକୁ ଟଙ୍କାଟିଏ ଆସି ନାହିଁ। ପୂର୍ବରୁ ୩ ବର୍ଷରେ ଯାହା ବି ଅର୍ଥ ମଞ୍ଜୁରି ହୋଇଥିଲା ସେଥିରୁ ୫୦% ଖର୍ଚ୍ଚ ହୋଇଛି। ଅବଶିଷ୍ଟ ୫୦% ଅର୍ଥ ଖର୍ଚ୍ଚ ନ ହୋଇ ପଡିଛି। ମାଳ ମାଳ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡିଛି। କେଉଁ ପ୍ରକଳ୍ପର କାମ ଚାଲିଛି ତ ଅନ୍ୟ କେଉଁ ପ୍ରକଳ୍ପ ଆଦୌ ଆରମ୍ଭ ହୋଇ ନାହିଁ। ଏଥି ମଧ୍ୟରେ ଅଛି ୪୯ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧୀନ ପାନପୋଷ ଏନ୍‌ଏସି ମାର୍କେଟ। ମାର୍କେଟ ଭଙ୍ଗା ହେବାକୁ ବର୍ଷେ ବିତିଲାଣି। ଅଦ୍ୟାବଧି ମାତ୍ର ୧୦ % କାମ ମଧ୍ୟ ଆରମ୍ଭ ହୋଇ ନାହିଁ। ସେପଟେ ଗତ ୨୦୧୫-୧୬ରେ ୨ କୋଟି, ୨୦୧୬-୧୭ରେ ୧୫୦ କୋଟି, ୨୦୧୭-୧୮ରେ ୨୨୪ କୋଟି ଏମିତି ତିନି ବର୍ଷରେ ମୋଟ ୩୭୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ୧୮୮ କୋଟି ଟଙ୍କା ରାଜ୍ୟ ଓ ଅବଶିଷ୍ଟ ୧୮୮ କୋଟି କେନ୍ଦ୍ର ସରକାରଙ୍କର। ଖର୍ଚ୍ଚ ନ ହୋଇ ୧୩୬ କୋଟି ୩ ଲକ୍ଷ ଟଙ୍କା ତିନିଟି ବ୍ୟାଙ୍କରେ ଜମା ରଖାଯାଇଛି। ଯାହାର ସୁଧ ହେଲାଣି ୯୨ କୋଟି ୨୧ ଲକ୍ଷ ଟଙ୍କା। ଏହିପରି ମୋଟ୍ ୨୨୮ କୋଟି ୨୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବ୍ୟାଙ୍କରେ ପଡିଛି।

# ଗରିବଙ୍କୁ ଉପହାସ : ମିଳୁନି ସହାୟତା

ଧର୍ମଶାଳା,୨୮/୯ (ନି.ପ୍ର): ଗଲା କିଛି ଦିନ ଧରି ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଶେଷ କରି କଚ୍ଚା ଘର ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । କଚ୍ଚା ଘର ଲୋକେ ପର ଘରେ ଆଶ୍ରୟ ନେଉଥିବା ବେଳେ ସେମାନଙ୍କୁ ସରକାରୀ ଯୋଜନାରେ କଂକ୍ରିଟ ଘର ମିଳୁ ଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ସେମାନଙ୍କ ପ୍ରତି ଉପହାସ ହୋଇଛି । ସରକାର ମାଳମାଳ ଯୋଜନା ଉପରେ ଯୋଜନା କରୁଥିଲେ ମଧ୍ୟ ବାସ୍ତବରେ ତାହା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପଂହଚି ପାରୁ ନାହିଁ । କଚ୍ଚା ଘରେ ରହି ଦିନରେ ଖରା ଆଉ ରାତିରେ ତାରା ଦେଖିବାକୁ ମିଳୁଥିବା ବେଳେ ଏବେ ସେମାନଙ୍କ ଉପରେ ଦାଉ ସାଜିଛି ବର୍ଷା । ବର୍ଷା ଜଳରେ ସେମାନେ ନାନା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଟିଆ ପଂଚାୟତସ୍ଥ ତଳସାହି ଗ୍ରାମରେ । ଏହି ଗ୍ରାମର ସ୍ୱର୍ଗତ କାଙ୍ଗାଳୀ ସ୍ୱାଇଁଙ୍କ ପତ୍ନୀ ରଶ୍ମିତାଙ୍କ କ୍ଷେତ୍ରରେ । ଅତି ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ସେମାନଙ୍କ ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି । ଏପରି ଅବସ୍ଥାରେ ୧୯୮୬ ମସିହାରୁ ଦର୍ପଣୀ ତହସିଲଙ୍କ ଠାରୁ ଭୂମି ହୀନ ବୋଲି ପ୍ରମାଣ ପତ୍ର ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ବସୁନ୍ଧରା ଯୋଜନାରେ କୌଣସି ପ୍ରକାର ସହାୟତା ମିଳୁ ନ ଥିବା ଜଣାପଡିଛି । ଏବଂ ସରକାରଙ୍କ ପକ୍ଷରୁ ଗ୍ରୀନ କାର୍ଡ ମିଳିଥିଲେ ମଧ୍ୟ ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି । ନିଜସ୍ୱ ଜମି ବାଡି ନଥିବାରୁ ସେମାନେ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି ବୋଲି କାର୍ଯ୍ୟନିର୍ବାହୀ ଓ ସ୍ଥାନୀୟ ସରପଂଚ କହିଛନ୍ତି । ଏହି ପରିବାର ମୋଟ ୬ ଜଣ ସଭ୍ୟ ଥିବା ବେଳେ ଘର ଏକ ମାତ୍ର ରୋଜଗାରିଆ ପୁଅ ଦିନ ମଜୁରୀଆଭାବେ ମୁଲ ଲାଗି ଯାହା ଆଣି ତାହା ପରିବାରକୁ ନିଅନ୍ତ । ତେବେ ଏଭଳି ପରିସ୍ଥିତିରେ କେମିତି ଘର କରିବେ ତାହାକୁ ନେଇ ସେମାନେ ଚିନ୍ତିତ । ଏନେଇ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି । ଜିଲାପାଳ ତୁରନ୍ତ ଦୃଷ୍ଟି ଦେଲେ ଏହି ପରିବାର ହସଖୁସିରେ ଚଳିବ ବୋଲି ଗ୍ରାମବାସୀ ଆଶବାଦୀ ଅଛନ୍ତି ।

# ବାଇକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର

ନୂଆପଡ଼ା,୨୮/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଡୁଆଝର ଗ୍ରାମ ଠାରେ ବାଇକ ଦୁର୍ଘଟଣାରେ ଦୁଇ ଜଣ ବାଇକ ଆରୋହି ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଦୁଇଜଣ ହେଲେ ବୋଡେନ ଥାନା ଖୋର୍ଲା ଗ୍ରାମର ଚିତରଞ୍ଜନ ମାଝୀ (୨୬) ଓ ଦେବରାଜ ଚିନାଗୁନ(୨୫) । ଚିତରଞ୍ଜନଙ୍କ ଛାତିରେ ମାଡ଼ ହୋଇଥିବା ବେଳେ ଦେବରାଜଙ୍କ ଡାହାଣ ହାତ ଭାଙ୍ଗି ଯାଇଛି । ଖଡ଼ିଆଳ ପୋଲିସ ଆଇଆସିସି କୈଳାସ ଚନ୍ଦ୍ର ସେଠି ଖବର ପାଇଲା ପରେ ଏଏସଆଇ ଚଂଚଳା ତାଣ୍ଡିଙ୍କୁ ତଦନ୍ତ କରିବା ପାଇଁ ପଠାଇଥିଲେ । ବର୍ତମାନ ଚିତରଞ୍ଜନ ମାଝୀ ଗୁରୁତର ଥିବାରୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ । ଖଡ଼ିଆଳ ଥାନାରେ ଏକ ଦୁର୍ଘଟଣା କେଶ ରୁଜ୍ଜୁ କରାଯାଇଥିବା ସହିତ ଘଟଣାର ତଦନ୍ତ କରାଯାଉଛି ବୋଲି ଆଇଆସିସି କହିଛନ୍ତି ।

# ଚକରା ବିଷୋୟୀଙ୍କ ନାମରେ ଡାକଟିକଟ ଉନ୍ମୋଚନ

ଭଞ୍ଜନଗର,୨୮/୯ (ନି.ପ୍ର): ଘୁମୁସର ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ଚକରା ବିଷୋୟୀଙ୍କ ନାମରେ ଆଜି ଡାକ ଟିକଟ ଉନ୍ମୋଚନ କରାଯାଇଛି। ଡାକ ବିଭାଗ ଆସିକା ମଣ୍ଡଳ ପକ୍ଷରୁ ଚକରାଙ୍କ ଜନ୍ମମାଟି ତଥା ଭଞ୍ଜନଗର ବ୍ଲକ୍ ବିଞ୍ଜଗିରି ଗ୍ରାମରେ ଉକ୍ତ ଡାକଟିକଟ ଉନ୍ମୋଚିତ ହୋଇଥିଲା। ଆସିକା ଡାକମଣ୍ଡଳ ଅଧିକାରୀ ସୁରେନ୍ଦ୍ରନାଥ ପଣ୍ଡା ଏବଂ ବ୍ୟବସାୟିକ ଅଧିକାରୀ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ଥିବା ଚକରାଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚକରା ବିଷୋୟୀ ସାଂସ୍କୃତିକ ଅକାଦେମିର ସଭାପତି ତଥା ଅଲ୍ ଓଷ୍ଟା ରାଜ୍ୟ ସଭାପତି ଜଗବନ୍ଧୁ ଜେନା ଡାକମଣ୍ଡଳ ଅଧିକାରୀ ଶ୍ରୀ ପଣ୍ଡାଙ୍କ ଠାରୁ ଚକରାଙ୍କ ଫଟୋ ଥିବା ଡାକଟିକଟ 'ମାଇଁ ଷ୍ଟାମ୍ପ' ଗ୍ରହଣ କରିଥିଲେ। ଏହାସହ ଆଜି ରାଜ୍ୟର ୬ଟି ସ୍ଥାନରେ ସଂଗ୍ରାମୀ ତଥା ବୀର ପୁରୁଷଙ୍କ ନାମରେ ଡାକ ବିଭାଗ ପକ୍ଷରୁ ଡାକ ଟିକଟ ପ୍ରଚଳନ କରାଯାଇଛି।



# ବଣୁଆ ହାତୀ ଆକ୍ରମଣରେ ଯୁବ ଚାଷୀ ମୃତ

କେନ୍ଦୁଝର,୨୮/୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ବାମବାରୀ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ୨୫ ବର୍ଷୀୟ ଯୁବକ ଚାମଣ୍ଡା ମୁଣ୍ଡା ଆଜି ସକାଳେ ଏକ ବଣୁଆ ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି । ଚାମଣ୍ଡା ସବୁଦିନ ଭଳି ଗତକାଲି ରାତିରେ କ୍ଷେତ ଜଗିବାକୁ ଯାଇଥିଲେ । ଆଜି ସକାଳେ ସେ କ୍ଷେତରେ କରିଥିବା ମଂଚାରୁ ଓହ୍ଲାଇ ଘରକୁ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଝୁମ୍ପୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ସୁଦ୍ଧା ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସମ୍ପୃକ୍ତ ଅଂଚଳରେ ୧୧ ଟି ବଣୁଆ ହାତୀ ଚଳପ୍ରଚଳ କରୁଥିବା କାରଣରୁ ଲୋକ ମାନେ ଭୟଭିତ ଅବସ୍ଥାରେ ଅଛନ୍ତି । ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ମାଆ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଯାତ୍ରା




ଦିଲ୍ଲୀପ କୁମାର ସାହୁ


ଆମ ରାଜ୍ୟର ଅନ୍ୟତମ ପ୍ରାଚୀନ ଶକ୍ତି ପୀଠ, କଳାହାଣ୍ଡି ଜିଲ୍ଲାର ମାଆ ଲଙ୍କେଶ୍ୱରୀ ମନ୍ଦିର। ପୀଠଟି ଜିଲ୍ଲାର ପ୍ରମୁଖ ସହର ଜୁନାଗଡ ରେ ଅବସ୍ଥିତ । କଳାହାଣ୍ଡିର ମୁଖ୍ୟାଳୟ ଭବାନୀପାଟଣାଠାରୁ ଜୁନାଗଡର ଦୂରତା ପ୍ରାୟ ତିରିଶ କିଲୋମିଟର। ସହର ମଧ ଦେଇ



ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ମାଆଙ୍କ ମନ୍ଦିର। ଇଟା ରଙ୍ଗର ସେହି ମନ୍ଦିରର ଉଚ୍ଚତା ବେଶି ନୁହେଁ , ହେଲେ ତାହାର ଗଠନ ପ୍ରଣାଳୀ ଖୁବ୍ ସୁନ୍ଦର। ତେଣୁ ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀ ମାନଙ୍କୁ ତାହା ସହଜରେ ଆକର୍ଷିତ କରିଥାଏ ।

ସ୍ୱାଧୀନତା ପୂର୍ବରୁ କଳାହାଣ୍ଡି ଥିଲା ନାଗ ବଂଶର ରାଜାମାନଙ୍କ ଦ୍ୱାରା ଶାସିତ ଏକ ଦେଶୀୟ ରାଜ୍ୟ। ସେହି ରାଜ୍ୟର ପୁରାତନ ରାଜଧାନୀ ଥିଲା ଜୁନାଗଡ । ତେଲନଦୀର ଉପନଦୀ, ହାତୀ ନଦୀ କୂଳରେ ଅବସ୍ଥିତ ପୌରାଣିକ ସହର ଜେନାବଳୀ ପାଟଣା, ଆଜିର ଜୁନାଗଡ ହୋଇଥିବା କଥା କିମ୍ବଦନ୍ତୀ କହେ। ସହରର ବିଭିନ୍ନ ସ୍ଥାନରୁ ପ୍ରାପ୍ତ ଅନେକ ଗୁଡିଏ ପୁରାତନ ଶିଳାମୂର୍ତ୍ତୀ ସହରର ପ୍ରାଚୀନତାକୁ ପ୍ରତିପାଦିତ କରିଥାଏ।

ଜୁନାଗଡର ଆରାଧ୍ୟା ଦେବୀ ମାଆ ଲଙ୍କେଶ୍ୱରୀ। ଗବେଷକ ମାନେ ମତ ଦିଅନ୍ତି ପ୍ରାୟ ଦ୍ୱାଦଶ ଶତାବ୍ଦୀରୁ ମାଆ ସେଠାରେ ପୂଜା ପାଇ ଆସୁଛନ୍ତି ।କୀମ୍ବଦନ୍ତୀ ଅନୁସାରେ ମାଆ ପ୍ରଥମେ ଦାକ୍ଷିଣାତ୍ୟରେ ପୂଜା ପାଉଥିଲେ। କଳାହାଣ୍ଡି ମହାରାଜାଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କର ବିଶ୍ୱସ୍ତ ସୈନିକ ବାଙ୍କା ପାଇକମାନେ ଦାକ୍ଷିଣାତ୍ୟ ବିଜୟ କରି ସେଠାରୁ ବିଜୟର ସ୍ମାରକୀ ସ୍ୱରୂପ ମାଆ ଲଙ୍କେଶ୍ୱରୀଙ୍କୁ ଆଣି ଜେନାବଳୀପାଟଣା ବା ଆଜିର ଜୁନାଗଡରେ ପ୍ରତିଷ୍ଠା କରିଥିଲେ ।

ସେହିଦିନଠାରୁ ମାଆ ପାଲଟିଗଲେ କଳାହାଣ୍ଡି ରାଜ୍ୟ ତଥା ରାଜପରିବାରର ଇଷ୍ଟଦେବୀ। ଉନବିଂଶ ଶତାବ୍ଦୀର ଶେଷ ଭାଗରେ କଳାହାଣ୍ଡିର ରାଜଧାନୀ ଭବାନୀପାଟଣାକୁ ସ୍ଥାନାନ୍ତରିତ ହୋଇଥିଲା । ସେତେବେଳେ ମାଆ ମାଣିକେଶ୍ୱରୀ କଳାହାଣ୍ଡି ରାଜ ପରିବାରର କୂଳଦେବୀ ପାଲଟିଥିଲେ ମଧ ଆଜି ପର୍ଯ୍ୟନ୍ତ ମାଆ ଲଙ୍କେଶ୍ୱରୀ କଳାହାଣ୍ଡି ରାଜାଙ୍କ ଇଷ୍ଟଦେବୀ ।



ମାଆ ଲଙ୍କେଶ୍ୱରୀଙ୍କ ମୂର୍ତ୍ତୀଟି ମୁଗୁନୀ ପଥରରେ ତିଆରି । ଶିଳା ନିର୍ମିତ ପଦ୍ମଫୁଲ ଉପରେ ମାଆ ବିରାଜିତା । ମାଆଙ୍କ ମୂର୍ତ୍ତୀର ଉଚ୍ଚତା ୩୨ ଇଞ୍ଚ ଓ ଚଉଡା ୧୬ ଇଞ୍ଚ । ମାଆ ହେଉଛନ୍ତି ଚତୁର୍ଭୁଜା। ମାଆ ତାଙ୍କର ଉର୍ଦ୍ଧ୍ୱ ଦୁଇହସ୍ତରେ ଶଂଖ ଚକ୍ର ଧାରଣ କରିଥିବା ବେଳେ ନିମ୍ନ ଦୁଇହସ୍ତ ରହିଛି ଅଭୟ ବରଦା ମୁଦ୍ରାରେ। ମାଆ କାଳୀଙ୍କ ପରି ଲଙ୍କେଶ୍ୱରୀଙ୍କ ଜିହ୍ୱା ମଧ ରହିଛି ମୁଖର ବାହାରେ। ମାଆଙ୍କୁ କାଳି ଓ ବିଷ୍ଣୁଙ୍କ ସମ୍ମିଳିତ ରୂପବୋଲି ପୀଠର ପୂଜକମାନେ ମତ ଦିଅନ୍ତି । ମାଆଙ୍କ ପୀଠଟି ଶାକ୍ତ ଓ ତନ୍ତ୍ର କ୍ଷେତ୍ର ଭାବରେ ଖ୍ୟାତ । ମାଆଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଏ।

ମାଆ ଲଙ୍କେଶ୍ୱରୀ ଯେତିକି କୋମଳ ସେତିକି ରୁକ୍ଷ ମଧ । ରୁକ୍ଷ ହେତୁ ତାଙ୍କୁ ଯୁଦ୍ଧର ଠାକୁରାଣୀବୋଲି କୁହାଯାଏ । ପୂର୍ବରୁ କଳାହାଣ୍ଡିର ମହାରାଜା ଯୁଦ୍ଧକୁ ବାହାରିଲେ ପ୍ରଥମେ ମାଆଙ୍କର ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରୁଥିଲେ । ଅନ୍ୟ ପକ୍ଷରେ କୋମଳ ହୃଦୟ ଯୋଗୁ ମାଆ ଜୁନାଗଡର ସାମାଜିକ ଜୀବନ ସହ ମିଶିଯିବା କଥା କିମ୍ବଦନ୍ତୀ କହେ । କିମ୍ବଦନ୍ତୀ ଅନୁସାରେ ମାଆ, ସୁନ୍ଦରୀ କିଶୋରୀ ରୂପ ଧାରଣ କରି ଜୁନାଗଡ ର ବାଳିକାମାନଙ୍କ ସହ ବୋରିଆ ନୃତ୍ୟରେ ଭାଗ ନେଇଥାନ୍ତି ।



ମାଆ ଲଙ୍କେଶ୍ୱରୀଙ୍କ ପୀଠରେ ଅନେକ ପର୍ବ ପର୍ବାଣୀ ପାଳିତ ହୁଏ । ମାଆଙ୍କର ସବୁଠୁ ବଡ ପର୍ବ ହେଲା ଖଣ୍ଡାବସା ଯାତ୍ରା। ଯାହାକି ମୂଳାଷ୍ଟମୀ ବା ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଅନୁଷ୍ଠିତ ହୁଏ। ମାଆ ରାଧାଷ୍ଟମୀ ବା ଭାଦ୍ରବ ଶୁକ୍ଳ ଅଷ୍ଟମୀରୁ ଶୟନ ଯାଆନ୍ତି ଓ ମୂଳାଷ୍ଟମୀ ଦିନ ତାଙ୍କୁ ଜାଗ୍ରତ କରାଯାଏ ଏବଂ ସେହିଦିନ ଆୟୋଜିତ ହୋଇଥାଏ ମାଆଙ୍କର ଖଣ୍ଡାବସା ଯାତ୍ରା। ସେହି ଯାତ୍ରାରେ ମାଆଙ୍କର ଖଣ୍ଡା ଓ କଟାରୀକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଏ । ଯାତ୍ରା ଶେଷରେ ମନ୍ଦିର ମଧରେ ଦେବୀଙ୍କ ସମ୍ମୁଖରେ ଚାଉଳ ଠୁଳ କରାଯାଇ ସେଥିରେ ଖଣ୍ଡାକୁ ସିଧା ଭାବରେ ବସାଯାଏ ଓ ଗୁପ୍ତ ପୂଜା କରାଯାଏ।

ମାଆ ଲଙ୍କେଶ୍ୱରୀଙ୍କର ମହିମା ଅବର୍ଣ୍ଣନୀୟ । ମାଆଙ୍କୁ ଆରାଧନା କଲେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି କଥା ଅଛି । ତେଣୁ ଜୁନାଗଡ ଅଧିବାସୀଙ୍କର ହୃଦୟର ଠାକୁରାଣୀ ହେଉଛନ୍ତି ମାଆ ଲଙ୍କେଶ୍ୱରୀ । ସେଥିପାଇଁ ମାଆଙ୍କ ଖଣ୍ଡାବସା ଯାତ୍ରା ପାଇଁ ମୂଳାଷ୍ଟମୀ ଦିନ ସାରା ସହର ହୋଇଉଠେ ଖୁବ୍ ଉତ୍ସବ ମୁଖର।

ମାଆ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଯାତ୍ରା ଧର୍ମୀୟ ପର୍ବ ହୋଇଥିଲେ ହେଁ ତାହା ଏବେ ଏକ ସାଂସ୍କୃତିକ ଉତ୍ସବରେ ପରିଣତ ହୋଇଯାଇଛି । କଳାହାଣ୍ଡିର ମାହାରାଜା ଉତ୍ସବରେ ପୁରୋଧା ହୁଅନ୍ତି ସତ, ହେଲେ ଏଥିରେ ସାଧାରଣ ଜନତାଙ୍କର ସଂପୃକ୍ତି ଉତ୍ସବ ମୁଖର ପରିବେଶରୁ ସ୍ପଷ୍ଟ ବାରିହୁଏ । ଖଣ୍ଡାବସା ଉତ୍ସବ ନିମନ୍ତେ ମୂଳାଷ୍ଟମୀ ଦିନ ସାରା ଜୁନାଗଡ ସହର ରଙ୍ଗମୟ ହୋଇଯାଏ । ଆନନ୍ଦ ଉଲ୍ଲାସର ସହ ସହରବାସୀ ସେହି ଉତ୍ସବରେ ଅଂଶଗ୍ରହଣ କରିଥାନ୍ତି । ସେହି ଦିନ ସହରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ଘୁମୁରା ନୃତ୍ୟ ପ୍ରତିଯୋଗିତା ଆଦିର ଆୟୋଜନ କରାଯାଇଥାଏ ।





ମାଆ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଯାତ୍ରାରେ ଭାଗ ନେବାପାଇଁ ବିନା ନିମନ୍ତ୍ରଣ ଓ ବିନା ପାରିଶ୍ରମିକରେ ଆଖପାଖ ଗାଁ ଗଣ୍ଡାର ଲୋକନୃତ୍ୟ, ଲୋକବାଦ୍ୟ ଓ କୀର୍ତ୍ତନ ଦଳ ଆସିଥାନ୍ତି । ମୂଳାଷ୍ଟମୀ ଅପରାହ୍ନରୁ ନିଶାର୍ଦ୍ଧଯାଏ ମାଆଙ୍କ ମନ୍ଦିର ସମ୍ମୁଖରେ ସେମାନେ ନୃତ୍ୟ, ସଙ୍ଗୀତ ଓ କୀର୍ତ୍ତନ ପରିବେଷଣ କରିଥାନ୍ତି ।

ମୂଳାଷ୍ଟମୀ ସନ୍ଧ୍ୟାରେ ମାଆଙ୍କ ମନ୍ଦିର ବନ୍ଦ ରହେ । ମନ୍ଦିର ମଧରେ ମାଆଙ୍କର ଗୁପ୍ତନୀତି ଚାଲେ ଓ ମନ୍ଦିର ବାହାରେ ପାରମ୍ପରିକ ଲୋକ ବାଦ୍ୟ ପରିବେଷଣ କରାଯାଏ । ଶ୍ରଦ୍ଧାଳୁମାନେ ବେଢାରେ ସମବେତ ହୋଇ ଉତ୍କଣ୍ଠାର ସହ ଅପେକ୍ଷା କରନ୍ତି ଖଣ୍ଡା ଶୋଭା ଯାତ୍ରାକୁ ।

ଗୁପ୍ତ ପୂଜା ପରେ ଲୋକବାଦ୍ୟର ତାଳେତାଳେ ଆରମ୍ଭହୁଏ ମାଆଙ୍କର ଖଣ୍ଡା ଓ କଟାରୀ ଶୋଭାଯାତ୍ରା । ଶୋଭାଯାତ୍ରା ଯାଏ ଜୁନାଗଡ ସରକାରୀ ଡାକବଙ୍ଗଳା ଅଭିମୁଖେ। ପରମ୍ପରା ଅନୁଯାୟୀ ଡାକବଙ୍ଗଳା ପରିସରରେ ଏକ ପତ୍ର କୁଡିଆ ନିର୍ମାଣ କରାଯାଇଥାଏ । ଖଣ୍ଡା ଗୁଡିକୁ ନିଆଯାଇ ସେହି ପତ୍ର କୁଡିଆରେ ପୂଜା କରାଯାଏ । କୁଡିଆ ନିକଟରେ ଖଣ୍ଡା ଓ କଟାରୀକୁ ସ୍ୱାଗତ କରିବା ନିମନ୍ତେ ଅପେକ୍ଷା କରିଥାନ୍ତି କଳାହାଣ୍ଡି ମହାରାଜାଙ୍କ ପାଇକ ପରିବାରର ମହିଳାମାନେ। ଧୂପ ଦୀପ ଓ ନୈବେଦ୍ୟ ସଜେଇ ସେମାନେ ଖଣ୍ଡା ଗୁଡିକୁ ଅପେକ୍ଷା କରନ୍ତି। ଏଣେ ସେହି ଖଣ୍ଡା ଶୋଭାଯାତ୍ରା ଦେଖିବା ନିମନ୍ତେ ମନ୍ଦିର ନିକଟରେ ପ୍ରବଳ ଜନ ସମାଗମ ହୋଇଥାଏ। ଭିଡ ନିୟନ୍ତ୍ରଣ କରି ପଟୁଆରକୁ ଆଗେଇନେବା ପାଇଁ ସ୍ଥାନୀୟ ପୋଲିସ୍‌କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡିଥାଏ। ଭିଡ ନିୟନ୍ତ୍ରଣରେ ପୋଲିସକୁ ସହଯୋଗ କରିଥାନ୍ତି ସ୍ୱେଚ୍ଛାସେବୀ ଯୁବକ ମାନେ।

ଧୀର ପାଦରେ ପୂଜାରୀ ଖଣ୍ଡା ଓ କଟାରୀକୁ ବହନକରି ନେଇଥାନ୍ତି ଡାକବଙ୍ଗଳା ଅଭିମୁଖେ । ପତ୍ରକୁଟୀର ନିକଟରେ ଖଣ୍ଡା ପହଞ୍ଚିବା ପରେ ସେଠାରେ ଅପେକ୍ଷାରତ ପୂଜାରୀ, ପାଇକ ଓ ସୁନାରୀ ସଂମ୍ପ୍ରଦାୟର ସେବକ ମାନେ ଖଣ୍ଡା ବହନ କରି ଆସିଥିବା ପୂଜାରୀ ମାନଙ୍କୁ ସ୍ୱାଗତ କରନ୍ତି । ପୂଜାରୀ ମାନେ ଖଣ୍ଡା ଓ କଟାରୀକୁ ନେଇ ପତ୍ର କୁଟୀରରେ ସ୍ଥାପନା କରନ୍ତି ।

ମାଆ ଲଙ୍କେଶ୍ୱରୀଙ୍କ ଖଣ୍ଡା ଆସିବା ପରେ ମାଆଙ୍କ ମନ୍ଦିର ସହିତ ଘନିଷ୍ଠ ସମ୍ପର୍କ ଥିବା ବୁଢାରାଜା ମନ୍ଦିରରୁ ଆଉ ଏକ ଖଣ୍ଡା ପଟୁଆରରେ ଆସିଥାଏ । ଖଣ୍ଡାଗୁଡିକ ଏକାଠି ହେବାପରେ ଆରମ୍ଭ ହୁଏ ପୂଜାର୍ଚ୍ଚନା । ପ୍ରଥମେ ସେଗୁଡିକୁ ସୁନାରୀ ସେବକ ମାନେ ପରିଷ୍କାର କରନ୍ତି ଓ ତାପରେ ପୂଜା ଆରମ୍ଭ କରାଯାଏ। ପୂଜା ଶେଷ ପରେ ଖଣ୍ଡା ଗୁଡିକୁ ପଟୁଆରରେ ଫେରାଇ ନିଆଯାଏ ମାଆଙ୍କ ମନ୍ଦିରକୁ । ମାଆଙ୍କ ସମ୍ମୁଖରେ ସେଗୁଡିକୁ ସ୍ଥାପନା କରାଯାଇ ପୂଜା କରାଯାଏ ଓ ସେହି ପୂଜାରେ କଳାହାଣ୍ଡି ମହାରାଜା ପୁରୋଧା ହୁଅନ୍ତି। ତାହା ଗୁପ୍ତପୂଜା। ତେଣୁ ତାହାକୁ ସାଧାରଣ ଦର୍ଶନ ମନା ।

ମନ୍ଦିରରେ ଖଣ୍ଡାବସା ନୀତି ଚାଲେ ଓ ନିଶାର୍ଦ୍ଧରେ ମାଆଙ୍କ ନିକଟରେ ମଇଁଶୀ ବଳିଦିଆଯାଏ। ଏଣେ ସାରା ରାତି ମନ୍ଦିର ବାହାରେ ସାସ୍ଂସ୍କୃତିକ କାର୍ଯ୍ୟକ୍ରମ ଓ ଘମୁରା ପ୍ରତିଯୋଗିତା ଆୟୋଜିତ ହୋଇଥାଏ ।

ଏହିପରି ଭାବରେ ଆନନ୍ଦ ଉଲ୍ଲାସ ମଧରେ ଅନୁଷ୍ଠିତ ହୋଇଥାଏ ମାଆ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ । ଯାହାକୁକି କଳାହାଣ୍ଡି ଦଶହରାର ଆଦ୍ୟପର୍ବ କୁହାଯାଇଥାଏ ।


+ଶଙ୍କରପୁର
ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭


## ଘରୋଇ ବ୍ଲିଚ୍ ପଦ୍ଧତି

ସୁନ୍ଦର ଦେଖାଯିବା ପାଇଁ ମହିଳାମାନେ ପାର୍ଲର ଯାଇ ବ୍ଲିଚ୍ କରାଇଥାନ୍ତି । ମୁହଁର ଚୁଟି ଲୁଚାଇବାକୁ ଯାଇ ମହିଳାମାନେ ବିଭିନ୍ନ ବ୍ଲିଚ୍ କ୍ରିମ ମଧ ବ୍ୟବହାର କରିଥାନ୍ତି । ଯାହାଫଳରେ କ୍ରୀମରେ ଥିବା କେମିକଲ ପାଇଁ ମୁହଁ କୁଣ୍ଡାଇ ହୋଇ ଦାଗ ହେବା ସହ ମୁହଁର ଉଜ୍ଜ୍ୱଳତା କମିଯାଏ । କିଛି ଟିପ୍ସ ଆପଣାଇବା ଦ୍ୱାରା ଘରୋଇ ଉପାୟରେ ମଧ ବ୍ଲିଚ୍ କରିପାରିବେ । ଦହି, କମଳା, ଅମୃତଭଣ୍ଡା ଏବଂ କାକୁଡ଼ିକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତି କରି ଆପଣ ମୁହଁରେ ବ୍ୟବହାର କରନ୍ତୁ । ଏହାଦ୍ୱାରା ମୁହଁ ବ୍ଲିଚ୍ ହେବା ସହ ସଫା ହୋଇଥାଏ ।

ଦହିରେ ପ୍ରଚୁର  ପରିମାଣ ଲାକଟିକ୍ ଏସିଡ୍ ରହିଥିବାରୁ ଏଥିରେ ବ୍ଲିଚର ସମସ୍ତ ଗୁଣ ରହିଥାଏ । ସେଥିପାଇଁ ତ୍ୱଚାରେ ଦହି ଲଗାଇ କିଛି ସମୟ ପାଇଁ ଛାଡ଼ିଦିଅନ୍ତୁ ଏବଂ ଏହାପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ । ଏହା ତ୍ୱଚା ପାଇଁ ଖୁବ୍ ଉତ୍ତମ ।

କମଳାରେ ଭିଟାମିନ୍-ସି ରହିଥାଏ ଯାହା ତ୍ୱଚା ପାଇଁ ଖୁବ୍ ଉପକାରୀ । କମଳାରେ ଥିବା ସିଟ୍ରିକ୍ ଏସିଡ୍ ବ୍ଲିଚର କାମ କରିଥାଏ । କମଳା ରସରେ ଅଳ୍ପ ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତ ଏବଂ ସେହି ପେଷ୍ଟକୁ ମୁହଁରେ ଲଗାଇ ୨୦ମିନିଟ୍  ଛାଡ଼ିଦିଅନ୍ତୁ  । ଏହାପରେ ମୁହଁ ଧୁଅନ୍ତୁ । ଦେଖିବେ ଏହା ତ୍ୱଚା ଉପରେ ଭଲ ପ୍ରଭାବ ପକାଇଥାଏ ।



## କାନ ଦରଜର ଘରୋଇ ଉପଚାର

**ସାଧାରଣତଃ କାନରେ ପାଣି ଜମିଲେ, ଥଣ୍ଡାରୁ କାନ ବିନ୍ଧୁଥିଲେ, କାନକୁ ଠିକ୍ ଭାବରେ ଶୁରାଯାଉ ନଥିଲେ ଘରୋଇ ଉପାୟରେ ଏହି ସମସ୍ୟାର ସମାଧାନ କରିହେବ ।**



ତେଲ: କାନ ଦରଜ ହୋଇଥିଲେ ସୋରିଷ ତେଲ କିମ୍ବା ବାଦାମ ତେଲକୁ ହାଲ୍କା ଗରମ କରନ୍ତୁ ଏବଂ ସେହି ଉଷୁମ ତେଲରୁ ଦୁଇ ବୁନ୍ଦା ନେଇ କାନରେ ପକାଇ ଶୋଇ ଯାଆନ୍ତୁ । ଏହା କରିବା ଦ୍ୱାରା କାନ ବିନ୍ଧା କମିବା ସହ ଦରଜ ହୋଇନଥାଏ ।

ପିଆଜ: ଯଦି କୌଣସି ସଂକ୍ରାମକ ରୋଗ ପାଇଁ କାନ ବିନ୍ଧା ହେଉଥାଏ ତେବେ ପିଆଜ ରସକୁ ଗରମ କରି କାନରେ ପକାଇବା ଦ୍ୱାରା ବିନ୍ଧା କମ ହୋଇଥାଏ ।

ତୁଳସୀରସ: ତୁଳସୀ ପତ୍ର ଶରୀର ପାଇଁ ବହୁତ ଉପକାରୀ  । ଯଦି କାନରେ କୌଣସି ଯନ୍ତ୍ରଣା ଅନୁଭୂତ ହେଉଛି ତେବେ ତୁଳସୀ ରସକୁ କାନରେ ପକାଇବା ଦ୍ୱାରା କାନ ଯନ୍ତ୍ରଣା ଭଲ ହୋଇଥାଏ ।

ଲୁଣ: କାନ ଦରଜ ହେଲେ ଲୁଣକୁ ଏକ କପଡାରେ ବାନ୍ଧି ଅଳ୍ପ ଆଞ୍ଚରେ ଗରମ କରି କାନରେ ସେକ ଦେବାଦ୍ୱାରା କାନ ଦରଜ କମ ସମୟରେ ଭଲ ହୋଇଥାଏ ।





## ୫ପିସ୍ ଚିକେନ୍ ଟାଙ୍ଗଡ଼ିର ମୂଲ୍ୟ ୭୦ ହଜାର



ପେଟକୁ ଦୁଇମୁଠା ଠିକରେ ଦାନା ଦେବା ପାଇଁ ଲୋକେ କେତେ କଣ କରୁଛନ୍ତି । ବିଶ୍ୱରେ ୬୦% ଲୋକ ଅର୍ଥାଭାବରୁ ମୁଠାଏ ଖାଇବା ମଧ ପାଉନାହାନ୍ତି । ଆଉ ଏପରି ବି ଲୋକ ଅଛନ୍ତି ଯେଉଁମାନେ ୭୦ହଜାର ଟଙ୍କା ଦେଇ ଚାରି ପିସ୍ ଚିକେନ ଖାଉଛନ୍ତି । ନ୍ୟୁୟର୍କ ସହରର ଏନ୍ସ୍ୱର୍ଥ ଏନଓ୍ୱାଇସି ନାମକ ଏକ ରେଷ୍ଟୁରାଣ୍ଟ ତାର ଚିକେନ ମେନ୍ୟୁକୁ ନେଇ ଏବେ ବଡ଼ ଚର୍ଚ୍ଚାରେ । ଫୁଡଗଡ଼ ନାମକ ଜଣେ ବ୍ୟକ୍ତି ଏହି ଚିକେନ ମେନ୍ୟୁକୁ ପ୍ରସ୍ତୁତ କରିଥିଲା ବେଳେ ତାକୁ ରେଷ୍ଟୁରାଣ୍ଟରେ ଉପଲବ୍ଧ କରାଯାଇଛି । ଏହି ମେନ୍ୟୁରେ ଚିକେନ ଟାଙ୍ଗଡ଼ି ଉପରେ ସୁନାର ପରସ୍ତ ବଢ଼ାଯାଇଛି। ସାଧାରଣ ଦେଖାଯାଉଥିବା ଏହି ଡିସରେ ସୁନା ପାଣି ଢ଼ଳା ଯାଇଥାଏ । ସିଝିବା ପରେ ଏହା ଉପରେ ସୁନା ପାଉଡର ଛିଞ୍ଚା ଯାଇଥାଏ ଚିକେନକୁ ପ୍ରଥମେ ୧୨ଘଣ୍ଟା ଲେମ୍ବୁପାଣିରେ ଭିଜା ଯାଇଥାଏ । ପରେ ଟାଙ୍ଗଡିଗୁଡ଼ିକୁ ଅଦା ଏବଂ ଲଙ୍କାରେ ମାରିନେଟ୍ କରାଯାଏ । ଏହାପରେ ଫ୍ରାଏ କରାଯାଇଥାଏ  ଚିକେନକୁ  । ଫ୍ରାଏ ଚିକେନକୁ ୨୪ କ୍ୟାରେଟ ସୁନା ପାଣିରେ ବତୁରାଯାଏ । ଶେଷ ପର୍ଯ୍ୟାୟରେ ଏଥିରେ ସୁନା ପାଉଡର ଛିଞ୍ଚାଯାଇ ଗ୍ରାହକଙ୍କୁ ପରସା ଯାଇଥାଏ । ଗୋଟିଏ ପ୍ଲେଟରେ ୫ଟି ଟାଙ୍ଗଡ଼ି ରହିଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୭୦ହଜାର ଟଙ୍କା ।

## କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟକରେ ବ୍ରୋକଲି

ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ। ପେଟରେ କ୍ୟାନ୍ସରର ଏକ କାରଣ ହେଉଛି ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ଲାଭପ୍ରଦ ହେବ। ବ୍ରୋକଲି ଏକ ଏପରି ଆଣ୍ଟିବାୟୋଟିକ ଯାହା ବହୁତ ମହଙ୍ଗା। ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ।



## ଶର୍କରା ନିୟନ୍ତ୍ରଣକାରୀ ହଳଦୀ ଚା’

ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଲୋକେ ଏବେ କ୍ଷୀର ଚା’ ବଦଳରେ ହର୍ବାଲ ଚା’ ପିଇବା ଆରମ୍ଭ କଲେଣି । ତେବେ ହଳଦୀରେ ପ୍ରସ୍ତୁତ ହର୍ବାଲ ଚା’ ବିଷୟରେ ଆଜି ଜାଣିବା । ଏହା ଦ୍ୱାରା ଛୋଟ ରୋଗଠୁ ଆରମ୍ଭ କରି କର୍କଟ ଭଳି ସମସ୍ୟାରୁ ରକ୍ଷା ମିଳିପାରିବ । ହଳଦୀ ଏକ ପ୍ରାକୃତିକ ଔଷଧ, ଯାହା ବୈଜ୍ଞାନିକଙ୍କ ଦ୍ୱାରା ପ୍ରମାଣିତ ହୋଇଛି । ପ୍ରାଚୀନ କାଳରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ଏହା ବ୍ୟବହୃତ ହେଉଛି । ହଳଦୀ ହର୍ବାଲ ଚା’ ପ୍ରସ୍ତୁତ ଲାଗି ପ୍ରଥମେ ପାଣିକୁ ଫୁଟାନ୍ତୁ । ଥଣ୍ଡା ହେବା ପରେ ସେଥିରେ ୧-୨ ଛୋଟ ଚାମଚ ହଳଦୀ ଗୁଣ୍ଡ ପକାନ୍ତୁ । ଆବଶ୍ୟକ ଅନୁସାରେ ଲୁଣ ବି ପକାଇପାରିବେ । ଚାମଚେ ମହୁ ମିଶାନ୍ତୁ । ଏହି ଚା’ ନିୟମିତ ପିଇଲେ ଥଣ୍ଡାରୁ ରକ୍ଷା ମିଳେ ଥର୍ଡାରେ ଅନେକଙ୍କ ନାକ ବା ଶରୀରର ଅନ୍ୟ ଅଂଶ ଫୁଲିଯାଏ । ହଳଦୀ ଚା’ ଫୁଲା ଦୂର କରିବାରେ ସାହାଯ୍ୟ କରେ । ପ୍ରଦୂଷଣ ପାଇଁ ଆମ ପାଚନ ଶକ୍ତି ଦିନକୁ ଦିନ ଦୁର୍ବଳ ହେଉଥିବାବେଳେ ହଳଦୀ ଚା’ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଅଲଝିମର୍ସ ଭଳି ରୋଗରୁ ମଧ ଉପଶମ ଦିଏ । ଶରୀରରେ ଯେକୌଣସି ପ୍ରକାର ଦରଜରେ ହଳଦୀଚା’ ବିଶେଷ ସହାୟକ ପ୍ରମାଣିତ ହୋଇଛି । ଋତୁସ୍ରାବ ଜନିକ ଯନ୍ତ୍ରଣାରୁ ମଧ ଉପଶମ ଦିଏ । ଦୈନିକ ୧କପ୍ ହଳଦୀ ଚା’ ପିଇବା ଦ୍ୱାରା ହୃତପିଣ୍ଡ ସୁସ୍ଥ ରହେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମାଓ ଦମନ...

ଉଗ୍ର ବାମପନ୍ଥୀଙ୍କ ଦମନ ପାଇଁ କିଛିଦିନ ହେବ କେନ୍ଦ୍ର ସରକାର ସକ୍ରିୟ ପଦକ୍ଷେପ ନେବା ପରିଲକ୍ଷିତ ହୋଇଛି । ବିଶେଷ କରି ବଣ ଜଙ୍ଗଲରେ ଲୁଚିଛପି ରହି ନିର୍ଦ୍ଦୋଷ ଲୋକମାନଙ୍କ ଉପରେ ନିର୍ଯାତନା କରୁଥିବା ମାଓବାଦୀମାନଙ୍କର ଦମନ ସକାଶେ କର୍ତ୍ତୃପକ୍ଷଙ୍କର ପ୍ରୟାସରୁ ଆଶାଜନକ ସୁଫଳ ମିଳୁଥିବାର କ୍ୱଚିତ୍ ଦେଖିବାକୁ ମିଳୁଛି । ମାଓପ୍ରବଣ ରାଜ୍ୟଗୁଡ଼ିକରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ କିଭଳି ପାଳିତ ହେଉଛି, ତାହା ଉପରେ ସରକାର ଦୃଷ୍ଟି ରଖିଛନ୍ତି । କିନ୍ତୁ ସରକାରୀ ରଣନୀତି ସହିତ ମାଓବାଦୀମାନେ ମଧ ତରିକା ବଦଳାଇବା କୌଶଳ ଆପଣାଇବାରେ ଓସ୍ତାଦ ପାଲଟି ସାରିଲେଣି । ତେଣୁ ଅସ୍ତ୍ରସଜ୍ଜିତ ମାଓବାଦୀଙ୍କର ମୁକାବିଲା କ୍ଷେତ୍ରବିଶେଷରେ ଅଧିକ ଜଟିଳ ହୋଇଯାଉଛି । ଏହା ଭିତରେ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ମାଓ ଦମନ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ନୂଆଦିଲ୍ଲୀରେ ବସିଥିଲା । ଏଥିରେ ମୁଖ୍ୟତଃ ମାଓବାଦୀ ଅଧ୍ୟୁଷିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ସେଗୁଡ଼ିକର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ଭିତରେ ଆମ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି, ସେଗୁଡ଼ିକ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଛି । ମାଓ ଦମନ ପାଇଁ କେବଳ ବନ୍ଧୁକ, ଗୁଳିଗୋଳା ପ୍ରୟୋଗ ଶେଷ କଥା ନୁହେଁ । ବରଂ ଉପଦ୍ରୁତ ଅଞ୍ଚଳରେ ଗମନାଗମନ, ମୋବାଇଲ ସେବା ତଥା ବ୍ୟାଙ୍କିଙ୍ଗ୍ କାରବାର ଭଳି ଭିତ୍ତିଭୂମିର ସଂପ୍ରସାରଣ ତଥା ଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯିବା ଉପରେ ନବୀନବାବୁ ପ୍ରସ୍ତାବ ରଖିଛନ୍ତି । ଉନ୍ନୟନମୂଳକ କାମ ଉପରେ ଅଧିକରୁ ଅଧିକ ଗୁରୁତ୍ୱ ସହ ଯଦି ଅର୍ଥିକ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ, ତେବେ ମାଓବାଦୀଙ୍କ ଗତିବିଧି ଉପରେ ଅଙ୍କୁଶ କଷାଯାଇପାରିବ । ଅନଗ୍ରସରତା ଓ ଆର୍ଥିକ ବିକାଶରେ ଥିବା ଦୁର୍ବଳତାର ଭରପୂର ଫାଇଦା ନେଇ ମାଓବାଦୀମାନେ ସାଧାରଣ ନାଗରିକଙ୍କର ଜୀବନଯାତ୍ରାକୁ ବିପନ୍ନ କରିଦେଉଛନ୍ତି । ସରକାରୀ କାର୍ଯ୍ୟକ୍ରମ ଯଦି ଠିକ୍‌ଭାବେ କାର୍ଯ୍ୟକାରୀ ହେଉଥାନ୍ତା ମାଓବାଦୀମାନଙ୍କର ବଦ୍‌ମାସି କରିବା ଏତେଟା ସହଜ ହେଉନଥାନ୍ତା । ଯେହେତୁ ଅବିଭକ୍ତ, କୋରାପୁଟ, ସୁନ୍ଦରଗଡ଼ ଓ କନ୍ଧମାଳରେ ଏବେ ମାଓବାଦୀମାନଙ୍କର ଗତିବିଧି ସୀମିତ ରହିଛି, ରାଜ୍ୟ ପୁଲିସ ଓ ପ୍ରଶାସନ ସେମାନଙ୍କର ଦମନ ଉପରେ ରଣନୀତିକୁ ଅଧିକ ଫୋକସ୍ ଦେଉଛନ୍ତି । ପୁଲିସ ମହାନିର୍ଦ୍ଦେଶକ ଅଭୟ ଏକାଧିକ ବାର ସମ୍ପୃକ୍ତ ଇଲାକା ପରିଦର୍ଶନ କରି ମାଓ ମୁକାବିଲା ଲାଗି ଆପଣାଯାଉଥିବା କୌଶଳର ସମୀକ୍ଷା କରି ଆପାତତଃ ସନ୍ତୋଷ ପ୍ରକାଶ କରିଛନ୍ତି । କିନ୍ତୁ ନବୀନବାବୁ ଏକାଧିକବାର ଭିତ୍ତିଭୂମିର ସଂପ୍ରସାରଣ ତଥା ଦୃଢ଼ୀକରଣ ଉପରେ ଯେଉଁ ପାଞ୍ଚ ସୂତ୍ରୀ ପ୍ରସ୍ତାବ ରଖିଛନ୍ତି, ତାହା ସବୁ ଦିଗରୁ ଦେଖାଗଲେ ଅଧିକ ଉପଯୁକ୍ତ ମନେହୁଏ । ତାହା ଭିତରେ ଜୟପୁର-ମୋଟୁ (ମାଲକାନଗିରି ଦେଇ) ୩୨୬ ନମ୍ବର ଜାତୀୟ ରାଜପଥ ଖମାମ୍ର ଭଦ୍ରଚଲମ ପର୍ଯ୍ୟନ୍ତ ଚାରିଥାକିଆ କରାଯିବା, ରେଳ ସଂଯୋଗ ସହିତ ମୋବାଇଲ ଟାୱାର ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବା ଉପରେ କୁହାଯାଇଛି । ଯେଉଁ ଅଞ୍ଚଳରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ହେଉନାହିଁ, ସେଠାରେ ବର୍ଷକ ଭିତରେ ଅଧିକ ବ୍ୟାଙ୍କ ଖୋଲାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି । କେବଳ ସେତିକି ନୁହେଁ, ମାଓପ୍ରବଣ ଇଲାକାରେ କେତେ ସଂଖ୍ୟାରେ ପିଲା ଜାତୀୟ ସ୍ତରରେ ହେଉଥିବା ପ୍ରବେଶିକା ପରୀକ୍ଷାରେ କିଭଳି ପ୍ରଦର୍ଶନ କରୁଛନ୍ତି, ତାହାର ଅନୁଧ୍ୟାନ କରାଯିବା ଦିଗରେ ଯଥୋଚିତ ପଦକ୍ଷେପ ନେବା ଦରକାର ବୋଲି ପାଞ୍ଚ ସୂତ୍ରୀରେ ରଖିଛନ୍ତି ପ୍ରସ୍ତାବ । ଏହା ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ସମସ୍ୟାର ମୂଳକୁ ଯାଇ ଯଦି ସମାଧାନ ପାଇଁ କିଛି ଆଖିଦୃଶିଆ କାର୍ଯ୍ୟ କରାନଯିବ, ତେବେ ସମସ୍ୟା ସେମିତି ରହିଯିବ । ହୋଇପାରେ ସେଗୁଡ଼ିକ ଅଧିକ ସଙ୍କଟର କାରଣ କାରଣ ହୋଇ ଛିଡ଼ା ହେବ । ଜୟପୁରଠାରୁ ନବରଙ୍ଗପୁର ଏବଂ ଜୟପୁରଠାରୁ ମାଲକାନଗିରି ରେଳଲାଇନ୍ କାମ ହାତକୁ ନିଆଯାଇଥିବା କଥା ଉଲ୍ଲେଖ କରାଯାଇଛି । ମାତ୍ର ଏହା ସହିତ ନବରଙ୍ଗପୁର-ଜୁନାଗଡ଼ (୧୧୮ କି.ମି.) ଓ ମାଲକାନଗିରି-ଭଦ୍ରାଚଲମ୍ (୧୫୩ କି.ମି. କାମ ହୋଇପାରିନାହିଁ । ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ଯେତେଶୀଘ୍ର ତ୍ୱରାନ୍ୱିତ ହେବ, ତାହା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ । ଯେଭଳି କୁହାଯାଇଛି, ବ୍ୟାଙ୍କିଙ୍ଗ କାରବାର ଓ ମୋବାଇଲ ଟାୱାର ପ୍ରତିଷ୍ଠାକୁ ଅଧିକ ଦ୍ରୁତତର କରାଗଲେ ବାସିନ୍ଦାମାନଙ୍କର ଜୀବନଶୈଳୀରେ ଉନ୍ନତି ଅଣାଯାଇପାରିବ । ଏହିଭଳି ଅନେକ ପ୍ରସ୍ତାବ ଅନ୍ୟ ରାଜ୍ୟଗୁଡ଼ିକ ପକ୍ଷରୁ ଦିଆଯାଇଛି । ତାହା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ପ୍ରଦାନ କରି ପଦକ୍ଷେପ ନେଲେ ମାଓପ୍ରବଣ ଇଲାକାରେ ଅଧିକ ଉନ୍ନତି ଆସିପାରିବ ବୋଲି ବିଶ୍ୱାସ କରାଯାଉଛି । କେନ୍ଦ୍ରୀୟ ପାଣ୍ଠିର ଉପଯୁକ୍ତ ବିନିଯୋଗ ସକାଶେ ପ୍ରାଥମିକତା ସହ ରାଜ୍ୟ ପ୍ରଶାସନର ସହଯୋଗ ଜରିଆରେ ସମ୍ମିଳିତ ପ୍ରୟାସ କରାଯାଇପାରିଲେ ମାଓଦମନ ପ୍ରକ୍ରିୟା ଅବଶ୍ୟ ସଫଳ ହେବା ଆଶା କରାଯାଇପାରିବ ।

## ରାଜା ରାମମୋହନ ଶ୍ରେଷ୍ଠ ସମାଜ ସଂସ୍କାରକ



ପ୍ରଦୀପ୍ତ ଆଚାର୍ଯ୍ୟ



ସେଦିନ ହୁଗୁଳି ଜିଲ୍ଲାର ରାଧାନଗର ଗାଁ ଦାଣ୍ଡରେ ଦାଣ୍ଡେ ଲୋକ । ମାଆ ପୁଅଙ୍କ ଭିତରେ କଜିଆ ଲାଗିଛି । ଥୋକେ କହୁଛନ୍ତି ପୁଅ ଯାହା କହୁଛି ଠିକ୍ କଥା । ଆଉ ଥୋକେ କହୁଛନ୍ତି, ନାଁ ଏହା କିପରି ସମ୍ଭବ, ଏ ଜିଦ୍‌ଖୋର ପିଲା କଥାରେ, ଯୁଗଯୁଗର ପରମ୍ପରା ମୂର୍ତିପୂଜା କଣ ବନ୍ଦ କରିଦେବା ଠିକ୍ ହେବ ? ଏହି ଘଟଣାରୁ, ବୈଷ୍ଣବ ଧର୍ମୀ ପିତା ରମାକାନ୍ତ ଓ ଶୈବ ଧର୍ମୀ ମାତା ତାରିଣୀ ଦେବୀଙ୍କ କଠୋର ଅନୁଶାସନ ଫଳରେ, ଗୃହତ୍ୟାଗ କରିବାକୁ ପଡିଥିଲା, ସେଦିନର ସେହି ହିନ୍ଦୁ ଧର୍ମର କୁସଂସ୍କାର ବିରୋଧୀ, କୁଳିନ ନୈଷ୍ଠିକ ବ୍ରାହ୍ମଣ ପରିବାରର ଯୁବକ ରାମ ମୋହନଙ୍କୁ । ପିତା ମାତା କେବେବି ସ୍ୱପ୍ନରେ ଭାବିନଥିଲେ, ସେଦିନର ସେହି ଗୃହରୁ ବିତାଡିତ ତାଙ୍କ କନିଷ୍ଠ ପୁତ୍ର, ଜଣେ ବିଖ୍ୟାତପଣ୍ଡିତ, ଧର୍ମ ସଂସ୍କାରକ, ସମାଜ ସଂସ୍କାରକ ଓ ଶିକ୍ଷା ସଂସ୍କାରକ ରୂପେ ବିଶ୍ୱବନ୍ଦିତ ହୋଇ ତାଙ୍କ ନାମକୁ ଉଜ୍ୱଳ କରିବ ବୋଲି । ୧୭୭୨ ମେ ମାସ ୨୨ ତାରିଖରେ ଜନ୍ମିତ ଏହି ଶିଶୁ,ଗ୍ରାମ ପାଠଶାଳାରେ ବିଦ୍ୟାଧ୍ୟୟନ ସମୟରୁ ହିଁ ପ୍ରମାଣ କରିଥଲେ ତାଙ୍କ ଭବିଷ୍ୟତ ପାଣ୍ଡିତ୍ୟର ପରାକାଷ୍ଠା । ଗ୍ରାମ ଚାଟଶାଳୀରେ ସେ ବଙ୍ଗଳା ଏବଂ ସଂସ୍କୃତ ଶିକ୍ଷା କରିସାରିବା ପରେ, ପର୍ସିଆନ ଓ ଆରବିକ୍ ଶିକ୍ଷା ନିମନ୍ତେ, ପାଟଣାର ଏକ ମଦ୍ରାସାରେ ନାମ ଲେଖାଇଥିଲେ । ସଂସ୍କୃତ ଭାଷାରେ ଅଧିକ ଜ୍ଞାନାର୍ଜନ ଏବଂ ହିନ୍ଦୁ ଶାସ୍ତ୍ର ବେଦ ଉପନିଷଦର ଗଭୀର ଅଧ୍ୟୟନ ନିମନ୍ତେ ସେ କାଶୀ ଯାତ୍ରା କରିଥିଲେ । ଇଂରାଜୀ ଭାଷାକୁ ମଧ୍ୟ ସେ ଆୟତ କରିଥିଲେ ୨୨ ବର୍ଷ ବୟସରେ । ମାତ୍ର ୧୬ବର୍ଷ ବୟସରେ ରାମମୋହନ, ବିଭିନ୍ନ ସମ୍ପ୍ରଦାୟର ଧର୍ମଶାସ୍ତ୍ର ଗୁଡିକ ପାଠକରି ଅଗାଧ ଜ୍ଞାନ ଅର୍ଜନ କରିଥିଲେ । ସେ ନାସ୍ତିକ ନଥିଲେ, କିନ୍ତୁ ହିନ୍ଦୁ ମାନଙ୍କର ବହୁ ମୂର୍ତ୍ତିପୂଜାକୁ ଏକ ଅନ୍ଧବିଶ୍ୱାସ ରୂପେ ପ୍ରତିପାଦିତ କରି ବହୁ ହିନ୍ଦୁପଣ୍ଡିତ ଏବଂ ବ୍ରାହ୍ମଣମାନଙ୍କ ରୋଷର ଶିକାର ହୋଇଥିଲେ । ଶେଷରେ ନିଜ ମାଆ ମଧ୍ୟ ବିଧର୍ମୀ ପୁତ୍ରକୁ ପିତୃ ସମ୍ପତିରେ ଭାଗ ନଦେବାପାଇଁ ନ୍ୟାୟାଳୟରେ ଏକ ମୋକଦ୍ଦମା ଦାୟର କରିଥଲେ । ରାମମୋହନ ବିଧର୍ମୀ ନୁହନ୍ତି, ଧର୍ମନାମରେ ଥିବା କୁସଂସ୍କାରକୁ ଦୂର କରିବା ପାଇଁ, ସଂଗ୍ରାମ ଜାରୀ ରଖିଛନ୍ତିବୋଲି ମତବ୍ୟକ୍ତ କରି, ବିଚାରପତି ତାଙ୍କୁ ଦୋଷମୁକ୍ତ କରିଥିଲେ । ଶିକ୍ଷା ସମାପ୍ତି ପରେ ୧୮୦୯ ମସିହାରେ ସେ ଇଷ୍ଟଇଣ୍ଡିଆ କମ୍ପାନୀ ଅଧୀନରେ ଜଣେ ରେଭେନ୍ୟୁ ଅଫିସର ହିସାବରେ ନିଯୁକ୍ତି ପାଇ ବହୁତ ଦିନ କାର୍ଯ୍ୟ କରିଥିଲେ । କମ୍ପାନୀ ଅଧୀନରେ ଚାକିରୀ କରିମଧ୍ୟ, ସେ ଇଂରେଜ ମାନଙ୍କର ଅନ୍ୟାୟ କାର୍ଯ୍ୟ ବିରୁଦ୍ଧରେ ଦୃଢ ସ୍ୱର ଉତୋଳନ କରୁଥିଲେ । ୧୮୧୨ ମସିହାରେ ତାଙ୍କ ଜ୍ୟେଷ୍ଠଭ୍ରାତାର ମୃତ୍ୟୁପରେ, ତାଙ୍କ ପତ୍ନୀଙ୍କୁ, ଚିତାଗ୍ନୀରେ ଜୋରଜବରଦସ୍ତ ଦାହ କରାଇବା ଘଟଣା, ତାଙ୍କ ମନରେ ଗଭୀର ରେଖାପାତ କରିଥିଲା ।ସେଦିନ ସେ ଏପରି ଏକ ଘୃଣ୍ୟ, ନିଷ୍ଠୁର କୁପ୍ରଥାକୁ ସମାଜରୁ ମୂଳୋପା୍ଟନ କରିବାପାଇଁ ବଜ୍ର ଶପଥ ନେଇଥିଲେ । ୧୮୨୮ ମସିହାରେ, ଭାରତକୁ ଆସିଥିବା, ଜଣେ ସହୃଦୟ ବଡଲାଟ, ଲର୍ଡ ଉଇଲିୟମ ବେଂଟିକ୍ ତାଙ୍କୁ ଏକାର୍ଯ୍ୟରେ ପୂର୍ଣ ପ୍ରାଣରେ ସହଯୋଗ କରିଥିଲେ ।ସେହିବର୍ଷ ସେ ବ୍ରହ୍ମସମାଜ ପ୍ରତିଷ୍ଠାକରିଥିଲେ, ଯାହା ବିଭିନ୍ନ ଧର୍ମ, ଜାତିଓ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସମର୍ଥ ହୋଇଥିଲା । ତାଙ୍କର ଅକ୍ଳାନ୍ତ ପରିଶ୍ରମ, ସତୀଦାହପ୍ରଥା ବିରୁଦ୍ଧରେ ଜନମତ ଜାଗରଣ କରାଇଥିଲା, ଯାହାଫଳରେ ୧୮୨୯ ମସିହା ଡିସେମ୍ବର ୪ ତାରିଖରେ ଏହି ଘୃଣ୍ୟ ପ୍ରଥାର ବିଲୋପ ନିମନ୍ତେ ଏକ ଆଇନ ପ୍ରଣୟନ ହୋଇପାରିଲା । କେବଳ ସତୀଦାହ ନୁହେଁ, ନରବଳି, ପଶୁବଳି, ବାଲ୍ୟବିବାହ, ପରଦାପ୍ରଥା ପରି କେତେକ କୁସଂସ୍କାରକୁ ସମାଜରୁ ଉଚ୍ଛେଦ କରିବା ନିମନ୍ତେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ । ଶିକ୍ଷାର ପ୍ରସାର ବିନା ବ୍ୟକ୍ତି ବା ଦେଶର ଅଗ୍ରଗତି ଅସମ୍ଭବ, ଏକଥାକୁ ହୃଦୟଙ୍ଗମ କରି ସେ, ନାରୀଶିକ୍ଷା, ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ ଆରୋପ କରିଥିଲେ । ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ଭୂମିକା କିଛି କମ୍ ନଥିଲା । ଇଂରାଜୀ, ହିନ୍ଦୀ, ପର୍ସିଆନ ଓ ବଙ୍ଗଳା ଭାଷାରେ ସେ ସମ୍ବାଦପତ୍ର ପ୍ରକାଶ କରୁଥିଲେ ଏବଂ ସ୍ୱତନ୍ତ୍ର ଭାବରେ ତାଙ୍କ ପ୍ରକାଶିତ (ସମ୍ବାଦ କୌମୁଦି) ତତ୍‌କାଳୀନ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଦୋଷତ୍ରୁଟି ତଥା ତାର ନିରାକରଣ ର ଚିତ୍ର ସାଧାରଣ ଲୋକମାନଙ୍କର ଦୃଷ୍ଟିକୁ ଆଣିପାରୁଥିଲା ।ସାରସ୍ୱତ ସୃଷ୍ଟି ମଧ୍ୟରେ ୧୮୧୫ରେ ବେଦାନ୍ତ, ୧୮୧୬ରେ ଈଶୋପନିଷଦ ୧୮୧୭ରେ କଠୋପନିଷଦ, ୧୮୧୯ରେ ମୁଣ୍ଡକ ଉପନିଷଦ, ୧୮୨୦ରେ ଦି ପ୍ରିସେପ୍ଟ ଅଫ ଜେସସ୍, ୧୮୨୧ରେ ବଙ୍ଗଳା ସମ୍ବାଦପତ୍ର ସମ୍ବାଦ କୌମୁଦି, ୧୮୨୨ରେ ମିରତ-ଉଲ-ଆକବର ନାମକ ପର୍ସିଆନ ପତ୍ରିକା, ୧୮୨୬ରେ ଗୌଡିୟ ବ୍ୟାକରଣ, ୧୮୨୮ରେ ବ୍ରହ୍ମୋପାସନ, ୧୮୨୯ରେ ବ୍ରହ୍ମସଙ୍ଗୀତ ଏବଂ ଦି ୟୁନିଭରସାଲ ରିଲିଜିଅନ ପରି ପୁସ୍ତକ ଗୁଡିକ ଅନ୍ତର୍ଭୁକ୍ତ । ଭାରତ ଶାସନ ଦାୟିତ୍ୱରେ ଥିବା ତତ୍‌କାଳୀନ ଇଂରେଜ ଶାସକ ଭାରତର ଜନସାଧାରଣଙ୍କ ଉନ୍ନତି ନିମନ୍ତେ ଯତ୍ନବାନ ହେଉନଥିବାର ଅଭିଯୋଗକୁ ବିଲାତ ପାର୍ଲିଆମେଂଟରେ ଉପସ୍ଥାପିତ କରିବା ପାଇଁ, ଭାରତୀୟ ହିନ୍ଦୁ ମାନଙ୍କର, ପ୍ରବଳ ବିରୋଧ ସତ୍ତ୍ୱେ, ୧୮୩୧ ମସିହାରେ ରାମମୋହନ ବିଲାତ ଯାତ୍ରା କରିଥିଲେ । ଭାରତର ଜଣେ ବିଶିଷ୍ଟ ହିନ୍ଦୁ ପଣ୍ଡିତ ବିଲାତ ଆସୁଛନ୍ତି ପ୍ରଚାରିତ ହେବା ପରେ, ବିଲାତର ଶହଶହ ଜ୍ଞାନୀଗୁଣି ବ୍ୟକ୍ତି , ତାଙ୍କୁ ବନ୍ଦରରୁ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇ ଯାଇଥିଲେ ।ଭାରତୀୟ ହିନ୍ଦୁ ଧର୍ମ, ଦର୍ଶନ, ସଂସ୍କୃତି, ପରମ୍ପରା ଉପରେ, ବିଭିନ୍ନ ସଭାସମିତରେ ତାଙ୍କଦ୍ୱାରା ପ୍ରଦତ ସାବଲୀଳ ଓ ସରଳ ବ୍ୟାଖା ନିମନ୍ତେ, ବିଲାତରେ ସେଖୁବ୍ କମ ସମୟ ମଧ୍ୟରେ ଲୋକପ୍ରିୟତାର ଶିଖରରେ ପହଂଚି ପାରିଥିଲେ । ଯାହା ଫଳରେ ପାର୍ଲିଆମେଂଟରେ ତାଙ୍କ ଦାବିକୁ ଗ୍ରହଣ କରାଯାଇ, ଭାରତ ଶାସନରେ କିଛି ସଂସ୍କାର ଅଣାଯାଇଥିଲା । ମୋଗଲ ସମ୍ରାଟ ଆକବର ତାଙ୍କୁ ରାଜା ଉପାଧିରେ ଭୂଷିତ କରିଥିଲେ ।ରାଜା ରାମମୋହନ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଯାପନ କରୁଥିଲେ । ଖାଦ୍ୟପେୟ କିମ୍ବା ପୋଷାକପତ୍ରରେ ତାଙ୍କର କୌଣସି ଆଡମ୍ବର ନଥିଲା ଏବଂ ସେ ଶାକାହାରୀ ଥିଲେ । ଈଶ୍ୱରଙ୍କ ପ୍ରତି ପ୍ରଗାଢ ବିଶ୍ୱାସ ଜନୀତ ଆଧ୍ୟାତ୍ମିକ ଶକ୍ତି ବଳରେ, ସେ ସଦା ସର୍ବଦା ବିଜୟ ପଥରେ ଅଗ୍ରସର ହୋଇପାରିଥିଲେ । ଇଂଲଣ୍ଡର ବ୍ରିଷ୍ଟଲ ସହରର ଏକ ବିଖ୍ୟାତ ଅନୁଷ୍ଠାନ ଦ୍ୱାରା ଆୟୋଜିତ ସଭାରେ ତାଙ୍କ ଜୀବନର ଶେଷ ଭାଷଣ ପ୍ରଦାନ କରି ସେ ଭୀଷଣ ଅସୁସ୍ଥ ହୋଇପଡିଲେ । ଡାକ୍ତର ମାନଙ୍କ ଅକ୍ଲାନ୍ତ ଚେଷ୍ଟା ସତ୍ତ୍ୱେ, ୧୮୩୩ ମସିହା ସେପ୍ଟେମ୍ବର ମାସ ୨୯ ତାରିଖ ରାତ୍ର ଘ୨.୨୫ ମିନିଟରେ, ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ଇହଲୀଳା ସମ୍ବରଣ କରିଥିଲେ ।

+ ଶିକ୍ଷାବିତ୍
ଈଶାଣୀବ୍ରହ୍ମପୁର,କଟକ ।
ମୋ-୬୩୭୧୫୯୩୨୨୦

## ଶିଶୁର ପ୍ରାଥମିକ ଶିକ୍ଷା



ସୁଧାଂଶୁ ଶେଖର ଦ୍ୱିବେଦୀ

ଆଜିର ଦିନରେ ଶିଶୁଟିଏ ବିଦ୍ୟାଳୟକୁ ଯିବାମାତ୍ରେ ଦୁଇ ପ୍ରକାର ଭଷାର ଜାଲ ଭିତରେ ଛନ୍ଦି ହୋଇପଡୁଛି । ପ୍ରଥମେ ନିଜ ମାତୃଭାଷା ତାପରେ ଅନ୍ୟ ଭାଷା । ଯେଉଁ ଭାଷା ପ୍ରତି ସେ ପୂର୍ଣ୍ଣ ରୂପେ ଅପରିଚିତ, ନିଜ ଭାଷାଠାରୁ ପୁରା ଅଲଗା ତାହା ସେ କିଭଳି ସହଜରେ ଗ୍ରହଣ କରିପାରିବ ? କିନ୍ତୁ ପିଲା ପାଇଁ ଚିନ୍ତାର ବିଷୟ ଏହା ଯେ ଅନ୍ୟ ଭାଷା ହିଁ ତା ଶିକ୍ଷାର ମାଧମ । ଅନ୍ୟ ଭାଷା ସାଧାରଣତଃ ଇଂରାଜୀ ହୋଇଥାଏ । ଯାହା ନିଜ ଦେଶର ଭାଷା ନୁହେଁ ।ପିଲା ନିଜ କ୍ଷେତ୍ରର ଲୋକଙ୍କୁ ମୌଖିକ ଓ ଲୋକହିତ ରୂପେ ବିଚାର ବିନିମୟ କରିଥାଏ । ମାତୃଭାଷା ପିଲାକୁ ସାମାଜିକ ସ୍ୱରୂପ ପ୍ରଦାନ କରିଥାଏ । ବସ୍ତୁତଃ ତାହାହିଁ ତା ଶିକ୍ଷାର ଆଧାର ହେବା ଆବଶ୍ୟକ । କିନ୍ତୁ ବିଡ଼ମ୍ବନା ଏହିକି ସେପରି କିଛି ହେଉନାହିଁ । ପିଲାଙ୍କ ଉପରେ ଇଂରାଜୀ ଭାଷାକୁ ବୋଝ ଉପରେ ଲଳିତା ବିଡା କରି ଲଦିଦିଆ ହେଉଛି । ମାତୃଭାଷା ସମଗ୍ର ଶିକ୍ଷାର ଉଦ୍ଦେଶ୍ୟ ପ୍ରାପ୍ତି ହେତୁ ସକ୍ଷମ ହୋଇ ଥାଏ ଏବଂ ପିଲାର ମାନସିକ, ନୈତିକ ଏବଂ ବୌଦ୍ଧିକ ବିକାଶ ପାଇଁ ସ୍ୱଥା ଉପଯୁକ୍ତ । ଯାହାଫଳରେ ଅନ୍ୟ ଭାଷାକୁ ଶିଖିବା ଓ ବୋଧଗମ୍ୟ କରିବାରେ ସହାୟକ ହୋଇଥାଏ । ତଥାପି ଇଂରାଜୀ ଭାଷା ଆଗରେ ନତମସ୍ତକ ହେବାକୁ ପଡେ । ଦୁଃଖଦ ସ୍ଥିତି ଏହାକି ଆଜି ପିଲାଙ୍କୁ ଇଂରାଜୀ ସ୍କୁଲରେ ପଢ଼ାଇବା ଲାଗି ଲମ୍ବା ଲାଇନରେ ଠିଆ ହେବାକୁ ପଡୁଛି । ଯାହାଦ୍ୱାରା ପିଲାଙ୍କ ମାର୍ଗ ଅତ୍ୟନ୍ତ ଦୟନୀୟ ହେଉଛି । ପିଲା ସକାଳେ ସ୍କୁଲ ଯିବ, ଦ୍ୱିପହରେ ଟ୍ୟୁସନ ଯିବ, ସନ୍ଧ୍ୟାରେ ଟ୍ୟୁସନ ଯିବ ନହେଲେ ଅନ୍ୟ ଏକ୍ଟିଭିଟି କରିବ । ଦିନ ରାତି କେବଳ ପାଠପଢ଼ା ଛଡା ଆଉ କିଛି ତାପାଇଁ ନାହିଁ । ଆଜି ହୁଏତ ପିଲାଙ୍କ ପିଲାଦିନ ହଜିଯାଇଛି । ବାସ ! ନିଜ ପଢ଼ାଘରେ ବିସି ଇଂରାଜୀ ଭାଷାର ବିଷୟ ବସ୍ତୁକୁ ମୁଖସ୍ତ କରିବାରେ ବ୍ୟସ୍ତ । ତାପରେବି ଅଭିଭାବକ-ଶିକ୍ଷକ ମିଟିଂରେ ପ୍ରଧାନ ଶିକ୍ଷକ ହୁଅନ୍ତୁ କି ଶ୍ରେଣୀ ଶିକ୍ଷକ ଗମ୍ଭୀର ଅଥଚ ଚାପା ଗଳାରେ କହନ୍ତି, ‘ଆପଣଙ୍କ ପିଲା ଅମୁକ ସବଜେକ୍ଟରେ ଭଲକରିନି, ସମୁକ ସବଜେକ୍ଟରେ କମଜୋରଅଛି । ଆହୁରି ଟ୍ୟୁସନ ଦିଅନ୍ତୁ । ନିଜେ ଗାଇଡ଼ କରନ୍ତୁ । ଏମିତି ଆହୁରି ଅନେକ ଅଭି ଯୋଗର ମନ୍ତବ୍ୟ ଶୁଣିବାକୁ ହୁଏ । ଏହାଦ୍ୱାରା ପିଲାର ମୌଳିକ ବିକାଶ ଅଟକି ଯାଉଛି । ତାପାଖେ ଚଞ୍ଚଳତା, କୁଶଳତା, ଆତ୍ମ ବିଶ୍ୱାସ, ଉତ୍ସାହ, ମନର ଶକ୍ତି ସବୁ ଅପବ୍ୟୟ ହୋଇଯାଉଛି ।

ନିଜ ମାତୃଭାଷାରେ ପିଲା ପାଠ ପଢିବା ଗୌରବମୟ କଥା ।ଅନ୍ୟ କୌଣସି ଭଷାକୁ ମାତୃଭାଷାର ଜ୍ଞାନ ଦ୍ୱାରା ଶିଖିହେବ । ତେଣୁ ପିଲାକୁ ମାତୃଭାଷା ଓ ମାତୃଭୂମି ପ୍ରତି ଭଲପାଇବା ଜଣାଇବା ନିହାତି ଜରୁରୀ । ନିଜ ଆଗ୍ରହ ଦ୍ୱାରା ମନୁଷ୍ୟ ପରିବେଶ, ପରମ୍ପରା, ସଂସ୍କୃତି ତଥା ଜୀବନ ମୂଲ୍ୟରୁ ଦୂରେଇ ଯାଏ ଏବଂ ନିଜ ପୂର୍ବଜଙ୍କଠାରୁ ପ୍ରାପ୍ତ ଜ୍ଞାନ ଶାସ୍ତ୍ର, ସାହିତ୍ୟ ଆଦିରୁ ଅପରିଚିତ ହୋଇ ନିଜ ପରିଚୟ ହଜେଇଦିଏ । ମନୋ ବୈଜ୍ଞାନିକଙ୍କ ମତରେ ପିଲାଙ୍କ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ସ୍ୱଭାଷାରେ ହିଁ ଶିକ୍ଷା ଦେବା ଶ୍ରେୟସ୍କର ।

ପ୍ରାଥମିକ ଶିକ୍ଷାର ମାଧମ ଇଂରାଜୀ ହୋଇଥିବା କାରଣରୁ ପିଲା ଅପରିଚିତ ବାତାବରଣରେ ଫସି ଯାଉଛି । ସେପରିସ୍କୁଲେ ନିଜ ମାତୃଭାଷା କହିବାରେ ଦଣ୍ଡିତ, ଅପମାନିତ ଏବଂ ଶୋଷଣ ହେଉଛି ।ତାମାନେ ନୁହେଁ ଆମେ ଇଂରାଜୀ ଭାଷାର ମହତ୍ୱକୁ ସ୍ୱୀକାର କରିବୁନାହିଁ । କିନ୍ତୁ ପିଲାକୁ ପ୍ରଥମରୁ ପ୍ରାରମ୍ଭିକ ଶିକ୍ଷା ଇଂରାଜୀ ମାଧ୍ୟମରେ ଶିକ୍ଷା ଦେବା ଉଚିତ ନୁହେଁ । ମହା ବିଦ୍ୟା ଳୟ ଓ ବିଶ୍ୱ ବିଦ୍ୟାଳୟ ସ୍ତରରେ ଇଂରାଜୀ ଭାଷାର ଆବଶ୍ୟକତା ଅଛି । କିନ୍ତୁ ତାପାଇଁ ୨-୩ବର୍ଷର ଶିଶୁ ପ୍ରତି ଏଭଳି ମାନସିକ ଅତ୍ୟାଚାର କଣପାଇଁ କରାହେଉଛି ? ପିଲା ତରୁଣ ହୋଇଯିବା ପରେ ଇଂରାଜୀ ଭାଷା ସହଜରେ ଶିଖିଯିବ ତାକୁ ଚିକିତ୍ସା, ପ୍ରଦ୍ୟୋଗିକ, ବିଜ୍ଞାନ ଆଦି ପାଠ୍ୟକ୍ରମ ପଢିବାରେ କୌଣସି କଠିନ ହେବନାହିଁ । ତାସହିତ ପୁସ୍ତକାଳୟ ଏବଂ ପୁସ୍ତକ ଦ୍ୱାରା ଜ୍ଞାନ ଅର୍ଜନ କରିବାରେ ସକ୍ଷମ ହୋଇପାରିବ ।

ପିଲାର ପ୍ରାଥମିକ ଇଂରାଜୀ ଶିକ୍ଷା ୫ମ ଶ୍ରେଣୀରୁ ହେବା ଆବଶ୍ୟକ ।କିନ୍ତୁ ୨-୩ବର୍ଷର ପିଲାପାଇଁ ଇଂରାଜୀ ଭାଷା ଦୁଇ ଗୁଣ ବୋଝ ହୋଇଯାଏ । ଯାହାଦ୍ୱାରା ତା ମନ ମସ୍ତିସ୍କରେ ପ୍ରସ୍ତୁତ ହୋଇପାରେ ନାହିଁ । ପିଲାର ମାତୃଭାଷା ପ୍ରତି ସ୍ପୃହା କମି ଯାଏ । ଅନ୍ୟ ଭାଷାକୁ ଶିଖିବା ପାଇଁ ଦିନ ରାତି ପରିଶ୍ରମ କରି ବାକୁ ପଡେ । ପିଲାର ବୌଦ୍ଧିକ ବିକାଶର ପ୍ରାରମ୍ଭିକ ବର୍ଷ ଅନ୍ୟ ଭାଷା ଶିଖିବାରେ ବ୍ୟତୀତ ହୋଇଯାଏ । ବିଚାର ଅନୁସାରେ ଲକ୍ଷ୍ୟ ସ୍ୱପ୍ନ ଦ୍ୱାରା ହୋଇଥାଏ । ସ୍ୱପ୍ନ ନିଜର ମାତୃଭାଷା ଦ୍ୱାରା ବି ଦେଖାଯାଇ ପାରିବ ।

+ ବିସି-୭୪,ସଲଟ
ଲେକ,କଲକତା-୬୪
ମୋ-୯୬୮୧୩୭୩୫୧୨





### ମୋ ପୃଥିବୀ

#### ଝରଣା ବାରିକ

ଆକାଶ ଟା ମୁଣ୍ଡ ଉପରେ ଅଛି ବୋଲି
ଭାରି ସୁନ୍ଦର ଦିଶେ ,
ପୃଥିବୀ ଟା ପାଦ ତଳେ ଅଛି ବୋଲି
ନିଜ ଓଜନ ଟା କମ୍ ଲାଗେ ।
ଭସା ଭସା ବାଦଲ ତଳେ
ରିମ୍ ଝିମ୍ ବର୍ଷା ?ଟୋପା
ଦେହ ମନକୁ ଶାନ୍ତ
କରିଦିଏ,
ସବୁଜ ବନାନୀରେ
ଭରପୁର ପୃଥିବୀକୁ
ଦେଖିଲେ ଆଖି ଟା ଝଲସି ଉଠେ,
ମନ ଅଗଣାରେ ନାନା ଜାତି ଫୁଲ ଫୁଟି
ବେଶ୍ ରୋମାଞ୍ଚିତ
କରି ଦିଏ ପରିବେଶକୁ ।
ଛାଇ ଆଲୁଅର
ଲୁଚକାଳି ଖେଳ ଭିତରେ
କେତେବେଳେ ଅବଶ
ହେଇ ଯାଏ ଏଇ କ୍ଲାନ୍ତ ଶରୀର ଟା
ଜଣା ପଡ଼େ ନାହିଁ,
ଉଡି ଯାଏ ଦୂରରୁ ଦୂରକୁ
ଫେରିବାକୁ ଚାହିଁଲେ ବି
ଫେରି ପାରେ ନାହିଁ
ଅଜଣା ରାଇଜର
ଅଶରୀରିଙ୍କ ଭିତରେ
ହଜି ଯାଏ କାହିଁ ।
ସବୁ ଦେଖୁ ଥାଏ ସିନା
କିଛି କରି ପାରେ ନାହିଁ
ମିଞ୍ଜି ମିଞ୍ଜି ଆଲୁଅ ଟିଏ
ଜଳୁଥାଏ,
ତାରା ମାନଙ୍କ ଗହଣରେ
ଜହ୍ନର ଆଲୁଅରେ
ଦିନ ଆଲୋକରେ ସବୁ ଶୁନଶାନ୍ ।
ଏଇ ତ ଆମରି ଜୀବନ
ହା ହା କାର ଭିତରେ
ଗତି କରେ,
ବାପା ଆକାଶ ମୋ
ବୋଉ ପୃଥିବୀ,
ତାଙ୍କ କୋଳେ ଥିଲେ
ଜୀବନ ଟା ଭାରି ସୁନ୍ଦର
ତାଙ୍କ ବିନା ଜୀବନ ଟା
ଶୂନ୍ୟ ଶୂନ୍ୟ ଆଉ ପୁରା ଅନ୍ଧାର ।

+ ସମଲ, ତାଳଚେର, ଅନୁଗୋଳ
(ମୋ)୯୫୫୬୮୪୬୯୩୨

### ଅନ୍ତିମ ପୁଲକ

#### ସୁଧାକର ରାଉତ



ମଧୁର ସପନ ହାତ ମୁଠାରୁ ମୋ
ଖସିଗଲା ଅଜାଣତେ
ସାଉଁଟା ସପନ ଆପଣେଇବାକୁ
ବାଧା ଦିଏ କିଏ ମୋତେ ।

ମନ ଉପବନକୁ ପ୍ରୀତିର ଗୋଲାପ
ଝାଉଁଳି ଗଲା ଅକାଳେ
ଭଗ୍ନନୀଡ଼ ଦେଖି ପ୍ରେମ ପକ୍ଷୀ ମୋର
କ୍ରନ୍ଦନ ରତ ଆକୁଳେ ।

ଆଶାର ଦୂରତା ଦିଗବଳୟ ଛୁଇଁ
ଆଶଙ୍କାର ପ୍ରତିଧ୍ୱନି
ରହି ରହି ଶୁଭେ ମୋ ବିରହୀ ହୃଦେ
କନ୍ଦାଏ ସେ ତୁନି ତୁନି ।

ଅନୁରାଗର ସେ ସୁନ୍ଦର ମହଲ
ଗଢ଼ିଥିଲି କି ଯତନେ
ସମ୍ବେଦନା ସ୍ପର୍ଶ ଟିକେ ଲାଭ ପାଇଁ
ମନ୍ତ୍ରମୁଗ୍ଧ ଥିଲି ମନେ ।

ଆପଣାପଣର ଡେଉଁରିଆ ବାନ୍ଧି
କ୍ଷଣେ ହୋଇ ମୁଁ ବିଭୋର
ଭାବିଥିଲି ତୁମ୍ଭ ହୃଦୟ ରାଜ୍ୟରେ
ହୋଇବି ମୁଁ ଭାଗିଦାର ।

ସିନିହ ପ୍ରୀତିର ମନ୍ଥୁରା ଜଳକୁ
ଛିଞ୍ଚି ପ୍ରେମ ଚାରା ପରେ
ଶ୍ରଦ୍ଧା ସୁମନ ପ୍ରସ୍ଫୁଟିତ ହେବାକୁ
ଚାହିଁଥିଲି ମୁଁ ଅଧିରେ ।

ଆକସ୍ମିକ ପ୍ରତାରଣା ବତାସରେ
କଳିଟି ହେଲା ନିଶ୍ଚିହ୍ନ
ମୋ ମନ ଆକାଶୁ ଚନ୍ଦ୍ର କର ହଜି
ଶୋହେ ଅମାବାସ୍ୟା ଚିହ୍ନ ।

+ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨





### ନିଆଁ

#### ରବି ମହାନ୍ତି

ଏଇ ଯେଉଁ ନିଆଁର ଧାସରେ
ଆକାଶଟା ରଙ୍ଗିନ ଦିଶୁଛି
ଉର୍ଦ୍ଧକୁ ହାତଟେକି ସମର୍ପଣ ମୁଦ୍ରାରେ
ଗଛ ମାନେ

ଯେଉଁ ହେ କେଶବ
ଆମ ମାନ ରକ୍ଷାକର,
ବୋଲି
ବୋବାଳି ମେଲୁଛନ୍ତି
ସିଏ କଣ ଏବେ ଲାଗିଛି ?
ଖାଲି ଜଙ୍ଗଲରେ ?

ଡାକ୍ତର ଖାନା ଓଟି
ପଛପାଖ ବୁଦା ଉହାଡରେ,
ରାସ୍ତାକଡ ନର୍ଦ୍ଦମାର ନରେନ୍ଦ୍ର କୁଳରେ,
ଇସ୍ତିକରା କମିଜର ବୋତାମ ତଳେ
ମହମହ ବାସ୍ନାରେ ବି
ବିଭୋର ସେ ନିଆଁ
ଡ଼ହଡହ ଖରାରେ ବତୁରି ଗୋଟାପଣେ
ଉଲୁରି ପଡୁଥିବା ଭୋକ

ମୋଡିମାଡି ସ୍ୱର୍ଗ ମର୍ତ୍ତ୍ୟ ପାତାଳର
ଚିତ୍ର ସାଉଁଟୁଥିବା
ନିର୍ଲିପ୍ତ ପେଟ ଚାଖଣ୍ଡକର ଅର୍ଗଳିରେ
କିଏ ଲଗେଇଥାଏ ନିଆଁ ?

ନିଆଁର ଚିତ୍ର ତ ସେବେଠୁ ଅଙ୍କା ଯାଇଛି
ଆଖିରେ,
ଯେବେ କିଏ ଘୋଡ଼େଇ ଦେଇଥିଲା
ବିବର୍ଣ୍ଣ ପୃଥିବୀର ଝୋଟିକୁ
ଆଉ କାହାର ମାନ ରକ୍ଷା ପାଇଁ
ଅବରୁଦ୍ଧ ଅର୍ଦ୍ଧାଙ୍ଗିନୀ ମାୟା

କୁହୁଳୁଥିଲା
ଆଖି କୋଣର ଉହ୍ଲେଇରେ
ନୀରବରେ
ଚାଟୁଥିଲା ନିଆଁର ଦରୋଟି
ନିଷ୍ଠୁର ପଟିକୁ
କେଉଁଠି ଲିଭେଇବ ନିଆଁ ?
ସିଏ ଏବେ ବ୍ୟାପି ସାରିଛି ସଚରାଚର
ଆଖିରୁ ଅକ୍ଷାଂଶକୁ
ଉଦରରୁ ଉଚିଷ୍ଟକୁ

ଗର୍ଭାଶୟରୁ ଗୋପନରେ ଭୋକର
ଗୀତ ଗାଉଥିବା
ଗେରୁଆ ଗୋଧୁଳିକୁ
ଏମିତିକି ପାଣିରେ ପୁଣ୍ୟ ସଞ୍ଚି ଥିବା
ରକ୍ତର ମଧୁଶାଳାକୁ/
ଏବେ ଜଙ୍ଗଲ ଜଳିଲାତ ଜଳୁ

ମନ ପୋଡିଲା ତ ପୋଡୁ
ଆପେ ଜଳିବାକୁ ଛାଡି ଦେଉନ
ଆତ୍ମାକୁ,
କାଲି ଅଳସ ଭାଂଗି ଉଠି ଆସିବ
ଗୋଟେ ପୋଡ଼ା ଗନ୍ଧରେ
ମହକି ଉଠୁଥିବା
ସକାଳ
ଇତସ୍ତତଃ ବିଞ୍ଚି ହେଇଥିବା
ସବୁ ଛଳନାର
ପାଉଁଶ ତଳୁ ।

+ କମାରିଆ,ତିହିଡି,ଭଦ୍ରକ
(ମୋ) ୭୦୬୪୭୭୮୨୪୭

# ଆତଙ୍କବାଦରୁ ଶିଶୁ ମୁକ୍ତି କାହିଁ ?



ଡକ୍ଟର ଲକ୍ଷ୍ମଣ ସାହୁ

ଆଜିର ଶିଶୁ କାଲିର ଭବିଷ୍ୟତ । ମାତୃ ଗର୍ଭରୁ ଭ୍ରୁଣର ବିକାଶ ଓ ଭୂମିଷ୍ଠ ହୋଇ ଆଲୋକ ସ୍ପର୍ଶ କରୁ କରୁ ସ୍ୱପ୍ନ-ପ୍ରୟାସୀ ପାଲଟି ଯାଏ । ଭିନ୍ନ ଏକ ବିଶ୍ୱ କଳ୍ପନା କରାଯାଇପାରିବ କି ଯେଉଁଥିରେ ବାଳକମାନଙ୍କୁ ଆତଙ୍କବାଦୀ, ଉଗ୍ରବାଦୀ କିମ୍ବା ବିଚ୍ଛିନ୍ନତାବାଦୀ ବୋଲି କହିବା ନୀତି ବିରୁଦ୍ଧ। ଯୁବକ ଓ ବୟସ୍କମାନେ ଜାଣିଶୁଣି ଆତଙ୍କବାଦୀ କାର୍ଯ୍ୟକଳାପରେ କ୍ଷତି ଏବଂ ଲାଭ ଆକଳନ କରି ଭୁଲ୍ ମାର୍ଗରେ ପ୍ରବେଶ କରନ୍ତି ନାହିଁ, କିନ୍ତୁ କରାଇ ଦିଆଯାଏ। ଶିଶୁମାନେ ମଧ୍ୟ ନିଜେ ଏଭଳି ନିଷ୍ପତ୍ତି ନିଅନ୍ତି ନାହିଁ କିମ୍ବା ଯୋଗଦାନ କରନ୍ତି ନାହିଁ। ବରଂ ଆତଙ୍କବାଦୀ ସଂଗଠନ ଦ୍ୱାରା ଅପହରଣ କରି ନିଆଯାଇଥାଏ ? ଅନେକଙ୍କ କ୍ଷେତ୍ରରେ କେତେକ ବ୍ୟକ୍ତି ବାଳକମାନଙ୍କ ନାମରେ ଆତଙ୍କବାଦ ସୃଷ୍ଟି କରୁଛନ୍ତି । ହିଂସା ପ୍ରବଣ ଦେଶରେ ଯେଉଁଠାରେ ଭୋକ ଅଛି, ବେକାରୀ ଅଛି, ସେଠାରେ ପିତାମାତା ପିଲାମାନଙ୍କ ପାଇଁ ସମୟ ଦେଇ ପାରନ୍ତି ନାହିଁ । ସିରିଆ, ଲିବିୟା ଓ ଅନ୍ୟ ଆଫ୍ରିକୀୟ ଦେଶର ଲୋକମାନେ ଗୃହଯୁଦ୍ଧ, ସାଂପ୍ରଦାୟିକ ଜାତିଗତ ଯୁଦ୍ଧରେ ଲିପ୍ତ ରହନ୍ତି । ଯାହାଫଳରେ ପ୍ରାକୃତିକ ବିପର୍ଯ୍ୟୟ ଭଳି ବେଆଇନ ସ୍ଥାନାନ୍ତରଣ, ଶରଣାର୍ଥୀ ସମସ୍ୟା ମୁଣ୍ଡ ବ୍ୟଥାର କାରଣ ସାଜୁଛି। ସାଧାରଣ ଜନତା ଜାତିଗତ ବିନାଶ, ଆତଙ୍କବାଦ ଏବଂ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଫଳତଃ ସେହି ସବୁ ଦେଶ ଆତଙ୍କବାଦୀ ସଂଗଠନ ନୂତନ ନିଯୁକ୍ତି ଏବଂ ତାଲିମ ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତି। ଯେଉଁଠାରୁ ଜଣେ ବାଳକ ଆତଙ୍କବାଦୀ ଆଖ୍ୟା ପାଇଥାଏ ।

ନିକଟରେ ମିଳିତ ଜାତିସଂଘରେ ଭାରତର ଡେପୁଟି ପ୍ରତିନିଧି (ଡ୍ରାଇଭର ତଥା) ସଶସ୍ତ୍ର ସଂଗ୍ରାମ ସମ୍ପର୍କରେ କହିଛନ୍ତି ଯେ ପିଲାମାନଙ୍କୁ ବିଦେଶୀ ଆତଙ୍କବାଦୀ ଯୁଦ୍ଧବିମାନର ମାନ୍ୟତା ଦେବା ମାନବିକ ସମ୍ମାନ ପ୍ରତି ବିପଦ, ଏହା ଅମାନୁଷିକତାକୁ ପ୍ରୋତ୍ସାହିତ କରିବ। ଭାରତ ଭଳି ଦେଶ ଗୁଡିକର ସଶସ୍ତ୍ର ବିବାଦ ଦ୍ୱାରା ପ୍ରଭାବିତ ହେଉଥିବା ବାଳକମାନଙ୍କ ପ୍ରତ୍ୟାବର୍ତ୍ତନ ଏବଂ ପୁନଃ ଥଇଥାନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କ ବିକାଶ ପାଇଁ ଉପଯୁକ୍ତ ପନ୍ଥା ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ଭାରତ ସୂଚିତ କରିଛି । ବୃତ୍ତିଗତ ଆତଙ୍କବାଦୀ ଭାବରେ ୧୦/୧୨ ବର୍ଷର ବାଳକମାନଙ୍କ ସହିତ କାରବାର କରିବାର ନୀତି ଅମାନବୀୟ ହେବ । ଉଲ୍ଲେଖନୀୟ କଥା ହେଉଛି, ୨୦୧୪ରେ ସୁରକ୍ଷା ପରିଷଦ ଏକ ସଂକଳ୍ପ ପାଳିତ କରିଛି (ସଂଖ୍ୟା ୨୧୭୮), ଯାହା ବିଦେଶୀ ଆତଙ୍କବାଦୀ ଲଢେଇରେ କିଏ ବୋଲି ବ୍ୟାଖ୍ୟା କରେ । ଜଣେ ବିଦେଶୀ ଆତଙ୍କବାଦୀକୁ ବ୍ୟକ୍ତି ଭାବରେ ବ୍ୟାଖ୍ୟା କରାଯାଇ କୁହାଯାଇଛି- ଯିଏ ନିଜ ବାସସ୍ଥାନରୁ ନିଜ ଦେଶ ବ୍ୟତୀତ ଅନ୍ୟ ଦେଶକୁ ଆତଙ୍କବାଦୀ କାର୍ଯ୍ୟକଳାପ କରି ପାରିବ କିମ୍ବା ଯୋଜନା ପ୍ରସ୍ତୁତ କରିବ କିମ୍ବା ଆତଙ୍କବାଦୀ ତାଲିମ ଯୋଗାଇବ କିମ୍ବା ଯୁଦ୍ଧବିମାନ ଗ୍ରହଣ କରିବା ସହିତ ସଶସ୍ତ୍ର ବିବାଦ ସହ ଜଡିତ ହୋଇପାରିବ

ଆତଙ୍କବାଦୀ ସଂଗଠନଗୁଡିକ ବାଳକମାନଙ୍କୁ ପ୍ରତାରଣା କରିବା କିମ୍ବା ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଆକର୍ଷିତ କରିବା ଆଦୌ କଷ୍ଟସାଧ କାର୍ଯ୍ୟ ନୁହେଁ । ଆତଙ୍କବାଦୀ ସଂଗଠନମାନେ ଗୁପ୍ତଚର, ରୋଷେଇଆ, ଆତ୍ମଘାତୀ ବିସ୍ଫୋରଣକାରୀ କିମ୍ବା ମାନବ ପ୍ରତିରକ୍ଷା ଭଳି ପିଲାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ପ୍ରକ୍ରିୟାରେ ଦେଖାଦେଇଥିବା ସବୁଠାରୁ ଗମ୍ଭୀର ବିଷୟ ହେଉଛି ଟ୍ରାନ୍ସନାଲ୍ ସଂଗଠିତ ଅପରାଧର ପ୍ରଚାର। ମାନବ ଚାଲାଣ ଏବଂ କାର୍ଯ୍ୟକଳାପରେ ନାବାଳକଙ୍କୁ ଦାସତ୍ୱରେ ପ୍ରୋତ୍ସାହିତ କରିବା ହେଉଛି ଏହାର ସବୁଠାରୁ ବିଦ୍ରୋହୀ ରୂପ । ଜେନେଭା ୧୯୨୪ ଶିଶୁ ଅଧିକାର ଉପରେ ଘୋଷଣାନାମା କରିଥିଲା । ପରେ ୧୯୫୪ର ନଭେମ୍ବର ୨୦ରେ ମିଳିତ ଜାତିସଂଘର ସାଧାରଣ ସଭାର ଘୋଷଣାନାମାରେ ଉଲ୍ଲେଖ କରାଯାଇଥିବା ଶିଶୁମାନଙ୍କର ଅଧିକାର ସୁରକ୍ଷିତ ରଖିବା ବିଷୟରେ ଉଲ୍ଲେଖ ଅଛି। ୧୯୪୮ରେ ମାନବିକ ଅଧିକାର ଉପରେ ସର୍ବଭାରତୀୟ ଘୋଷଣାନାମା ଓ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ଶିଶୁମାନଙ୍କର ଅଧିକାର ସମେତ ସମସ୍ତ ଲୋକଙ୍କ ଅଧିକାର ତଥା ସ୍ୱାଧୀନତାର ସୁରକ୍ଷା ରହିଛି । ଏହି ପରିପ୍ରେକ୍ଷୀରେ ଜାତି, ରଙ୍ଗ, ଧର୍ମ, ଭାଷା ଇତ୍ୟାଦି ଆଧାରରେ ଭେଦଭାବ ନକରିବାକୁ ଆହ୍ୱାନ ଦିଆଯାଇଛି । ନାଗରିକ ତଥା ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିରେ ଧାରା ୨୩ ଏବଂ ୨୪ ଅନୁଯାୟୀ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି ।

ଅନ୍ତର୍ଜାତୀୟ ଚୁକ୍ତିନାମାର ଧାରା ୧୦ ଅନୁଯାୟୀ ଶିଶୁମାନଙ୍କର ସ୍ୱତନ୍ତ୍ର ଅଧିକାର ତଥା କଲ୍ୟାଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି । ଶିଶୁ ସଶକ୍ତିକରଣ, ଅଧିକାରୀଙ୍କ ସୁରକ୍ଷା, ମାନବ ଅଧିକାର, ମାନବ ସମ୍ମାନର ସୁରକ୍ଷା ଏବଂ ମାନବ ପୁଞ୍ଜି ଉତ୍ପାଦନ ଆଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଭାବନାକୁ ଧାନରେ ରଖି ମିଳିତ ଜାତିସଂଘ ସାଧାରଣ ସଭାର ରିଜୋଲ୍ୟୁସନ୍ ନମ୍ବର ୪୪/୨୫ ଅନୁଯାୟୀ ୧୯୮୯ ନଭେମ୍ବର ୨୦ ରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ସ୍ୱାକ୍ଷର ଏବଂ ସମର୍ଥନ ପାଇଁ ବିଶ୍ୱର ରାଷ୍ଟ୍ରମାନଙ୍କୁ ଗ୍ରହଣ କରାଯାଇ ଉପସ୍ଥାପିତ କରାଯାଇଥିଲା । ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ବିଶ୍ୱରେ ସ୍ୱାଧୀନତା, ନ୍ୟାୟ ଓ ଶାନ୍ତିର ମୂଳଦୁଆ ପକାଇବାକୁ ଶିଶୁ ସଶକ୍ତିକରଣ ଉପରେ ଏହା ଗୁରୁତ୍ୱାରୋପ କରିଛି। ଏହାର ଧାରା ୬ରେ ମଧ୍ୟ ଏକ ବ୍ୟବସ୍ଥା ଅଛି ଯେ ରାଜ୍ୟ ପିଲାମାନଙ୍କ ବଞ୍ଚିବା ସହିତ ସେମାନଙ୍କ ବିକାଶ ପାଇଁ ସର୍ବାଧିକ ସମ୍ଭାବ୍ୟ ପଦକ୍ଷେପ ନିଶ୍ଚିତ କରାଯାଇଛି। ଏବେ ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାରର ଯୁଦ୍ଧ କିମ୍ବା ଗୃହଯୁଦ୍ଧ ଚାଲିଛି । ମିଆଁମାରର ରୋହିଙ୍ଗ୍ୟା ସମସ୍ୟା, ସିରିଆରେ ଶରଣାର୍ଥୀ ସମସ୍ୟା, ଇରାନ, ଇରାକ ଏବଂ ଆଫଗାନିସ୍ତାନରେ ଆଭ୍ୟନ୍ତରୀଣ ଉତ୍ତେଜନା ଏବଂ ଆଫ୍ରିକୀୟ ଦେଶ ଗୁଡିକରେ ଜାତିଗତ ସମସ୍ୟା ଶିଶୁ ଅଧିକାରକୁ ଉଲ୍ଲଂଘନ କରିବା ସହ ସେମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସେଥିପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ର ପିଲାମାନଙ୍କର ବଞ୍ଚିବା ପାଇଁ ତଥା ସେମାନଙ୍କର ବହୁମୁଖୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପ୍ରୟାସ କରିବା ଉଚିତ୍ ବୋଲି ନିର୍ଦ୍ଦେଶନା ଦିଆଯାଇଛି ।

ଶିଶୁ ଅଧିକାର ଚୁକ୍ତି ମିଳିତ ଜାତିସଂଘର ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ରୟାସ । ଶିଶୁ ସଶକ୍ତିକରଣ ସଂରକ୍ଷଣକୁ ଏକ ବିଶ୍ୱସ୍ତରୀୟ ଆନ୍ଦୋଳନ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଏହି ସଦସ୍ୟ ରାଷ୍ଟ୍ର ଗୁଡିକରେ ଶିଶୁମାନଙ୍କୁ ସମସ୍ତ ପ୍ରକାର ଭ୍ରମଣ, ଅର୍ଥନୈତିକ ଶୋଷଣ ଏବଂ ନିଶା ଦ୍ରବ୍ୟର ବ୍ୟବହାରରୁ ରକ୍ଷା କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି। ୨୦୦୦ ଜାନୁୟାରୀ ୧୨ରେ ଶିଶୁ ଅଧିକାରର ସୁରକ୍ଷାକୁ ମଜବୁତ କରିବାକୁ, ସଶସ୍ତ୍ର ଯୁଦ୍ଧରେ ପିଲାମାନଙ୍କର ସମ୍ପୃକ୍ତି ସହ ଜଡିତ ବିକଳ୍ପ ପ୍ରୋଟୋକଲଗୁଡିକ କାର୍ଯ୍ୟକାରୀ ହେଲା। ବାଳକମାନଙ୍କୁ ଦେଶରେ ବିଦ୍ରୋହୀ ବା ଯୁଦ୍ଧରେ ଜଡିତ ନହେବାକୁ ଆହ୍ୱାନ କରାଯାଇଛି । ବିଶେଷ କରି ଆଫ୍ରିକୀୟ ଦେଶମାନଙ୍କରେ ଗୃହଯୁଦ୍ଧରେ ପିଲାମାନଙ୍କୁ ସୈନିକମାନେ ବ୍ୟବହାର କରୁଥିଲେ । ବର୍ତ୍ତମାନ ସେଠାର ଯଥେଷ୍ଟ ପରିମାଣରେ ନାବାଳକ ଅଛନ୍ତି । ସେମାନଙ୍କୁ ସୈନିକ, କ୍ୟାମ୍ପ କର୍ମଚାରୀ, ଦାସ ଏବଂ ଚୋରା ଚାଲାଣକାରୀ ଭାବରେ କାର୍ଯ୍ୟ କରିବାକୁ ପଡୁଛି । ସୈନିକ ଭାବରେ ପିଲାମାନଙ୍କୁ ବ୍ୟବହାର କରା ହେଉଛି। ଏଭଳି ଏକ ନିଷ୍ଠୁର ତଥା ଅମାନୁଷିକ କାର୍ଯ୍ୟ ଅନେକ ଦେଶରେ ପ୍ରଚଳିତ ହୋଇ ଆସୁଛି । ଜାନୁଆରୀ ୧୮ରେ ଲାଗୁ ହୋଇଥିବା ଅନ୍ୟ ଏକ ପ୍ରୋଟୋକଲ୍ ଶିଶୁ ଗଣଦୁଷ୍କର୍ମ, ଆଡେଲ୍ ସାହିତ୍ୟ ଏବଂ ପିଲାମାନଙ୍କୁ ନିଷେଧ କରିଛି। ୟୁନିସେଫ୍ ପକ୍ଷରୁ ଦର୍ଶାଯାଇଛି, ପ୍ରତିବର୍ଷ ପ୍ରାୟ ଏକ ମିଲିୟନ୍, ସେମାନଙ୍କ ମଧ୍ୟରୁ ଅଧିକାଂଶ ଝିଅଙ୍କୁ, ଯୌନ କାର୍ଯ୍ୟରେ ଲିପ୍ତ କରାଯାଉଛି । ଭାରତରେ ନକ୍ସଲ ଏବଂ ମାଓବାଦୀମାନେ ଶିଶୁ ସୈନିକ ନିଯୁକ୍ତି ଏବଂ ଉତ୍ତର ପୂର୍ବ ରାଜ୍ୟରେ କାର୍ଯ୍ୟ କରୁଥିବା ଆଲଗା ଗୋଷ୍ଠୀ ଦ୍ୱାରା ହିଂସାତ୍ମକ କାର୍ଯ୍ୟକଳାପ ବିଷୟରେ ଖବର ରହିଛି ।

ମାନବ ଅଧିକାର ପାଇଁ ଏସୀୟ କେନ୍ଦ୍ର ୨୦୧୩ ରିପୋର୍ଟରେ ସ୍ପଷ୍ଟ କରିଛି ଯେ ଜାମ୍ମୁ କାଶ୍ମୀର ଏବଂ ଉତ୍ତର-ପୂର୍ବ ଭାରତୀୟ ରାଜ୍ୟରେ ଅତି କମରେ ତିନି ହଜାର ଶିଶୁ ସୈନିକ ହିଂସାତ୍ମକ କାର୍ଯ୍ୟକଳାପ କରିବା ଉଦ୍ଦେଶ୍ୟରେ ଉଗ୍ରବାଦୀ ସଂଗଠନ ଗୁଡ଼ିକରେ କାର୍ଯ୍ୟ କରୁଛନ୍ତି । ବଡ ଆଶ୍ଚର୍ଯ୍ୟର ଯେ ଭାରତରେ ଏଭଳି ଆତଙ୍କବାଦୀ ବିଚ୍ଛିନ୍ନତାବାଦୀ ଦଳ ନାହାଁନ୍ତି । ଯେଉଁମାନେ ଏହି ଅଭିଯାନ ପାଇଁ ଶିଶୁମାନଙ୍କୁ ନିୟୋଜିତ କରନ୍ତି ବୋଲି ଭାରତ କେବେ ଏହି ଅଭିଯୋଗ କରି ନାହିଁ। ୨୦୦୪ରେ ସଶସ୍ତ୍ର ବିବାଦରେ ଶିଶୁଙ୍କ ସଂଲଗ୍ନ ପାଇଁ ବିକଳ୍ପ ପ୍ରୋଟୋକଲ୍ ସ୍ୱାକ୍ଷର କରିଥିଲା ଏବଂ ନଭେମ୍ବର ୨୦୦୫ ରେ ମଧ୍ୟ ଏହାକୁ ସମର୍ଥନ କରିଥିଲା । ଏହା ସତ୍ତ୍ୱେ ୨୦୦୫ ମସିହାରୁ ଛତିଶଗଡ ଭଳି ପ୍ରଭାବିତ ଅଞ୍ଚଳରେ ଶିଶୁ ସୈନିକ ନିଯୁକ୍ତି ଉପରେ ମାନବ ଅଧିକାର ସଂଗଠନ ଭାରତ ଉପରେ ଅଙ୍କୁଶ ଲାଗୁ କରିଛି । ତେବେ ଆତଙ୍କବାଦୀ ମାନଙ୍କ କାର୍ଯ୍ୟକଳାପରେ ନିୟୋଜିତ ଶିଶୁମାନଙ୍କ ମୁକ୍ତି କେତେ ସମ୍ଭବ ତାହା ସମୟ କହିବ..?

+ଓଡିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ ,
କଟକ-୪
ମୋ : ୯୦୪୦୧୫୧୪୭୫

# ଧୋସୀ ପାହାଡ଼



ଆରାବଳୀ ପର୍ବତ ଶୃଙ୍ଖଳାର ଅନ୍ତିମ ପାର୍ଶ୍ୱ ଉତ୍ତର-ପଶ୍ଚିମ ଭାଗରେ ଏକ ସୁପ୍ତ ଜ୍ୱାଳାମୁଖୀ ଅଛି । ଯାହା ଧୋସୀ ପହାଡ଼ ନାମରେ ପରିଚିତ । ଏହା ମହତ୍ୱପୂର୍ଣ୍ଣ ଓ ରହସ୍ୟମୟୀ ହୋଇଥିବାରୁ ସବୁବେଳେ ଚର୍ଚ୍ଚାରେ ଥାଏ । ଏହି ପାହାଡ଼ର ଉଲ୍ଲେଖ ବିଭିନ୍ନ ଧାର୍ମିକ ପୁସ୍ତକରେ ମିଳେ ଯେମିତି ମହାଭାରତ, ପୁରାଣ ଆଦି । ଧୋସୀ ପାହାଡ଼ ଭାରତରେ ସ୍ଥିତ । ଏହା ଦକ୍ଷିଣ ହରିୟାଣା ଭାଗରେ ଥିବା ଭାଗ ମହେନ୍ଦ୍ରଗଡ଼ ଜିଲ୍ଲାରେ ସ୍ଥିତ ଏବଂ ସିଂଘାଣା ମାର୍ଗରେ ନାରନୌଲରୁ ୫କିମି ଦୂର ଓ ରାଜସ୍ଥାନରେ ଥିବା ଭାଗ ଝୁନଝୁନରେସ୍ଥିତ । ମହାଭାରତ ମହାକାବ୍ୟ ଅନୁସାରେ ଏହି ପାହାଡ଼ର ଉତ୍ପତ୍ତି ତ୍ରେତୟା ଯୁଗରେ ହୋଇଥିଲା । ପାଖାପାଖି ୫୧୦୦ ବର୍ଷ ପୂର୍ବେ ପାଣ୍ଡବମାନେ ତାଙ୍କର ଅଜ୍ଞାତବାସ ସମୟରେ ଏହି ପାହାଡ଼କୁ ଆସିଥିଲେ । ବିଶ୍ୱର ସବୁଠାରୁ ପୁରାତନ ଧର୍ମ ଯାହାକୁ ଆମେ ସନାତନ ଧର୍ମ ବୋଲି କହୁ, ତାର ବିକାଶକୁ ନେଇ ଆୟୁର୍ବେଦର ମହତ୍ତ୍ୱପୂର୍ଣ୍ଣ ଖୋଜ ଚ୍ୟବନପ୍ରାଶର ଯୋଗସୂତ୍ର ଧୋସୀ ପାହାଡ଼ରୁ ହୋଇଛି ।

# ହାଇହିଲ୍ ଆଇସକ୍ରିମ୍

ରାସ୍ତାରେ ଝିଅଙ୍କୁ କମେଣ୍ଟ କଲେ ପୁଅମାନଙ୍କୁ ଚପଲ ମାଡ଼ ଖାଇଥିବାର ଦେଖିଥିବେ କିନ୍ତୁ ରେଷ୍ଟୁରାଣ୍ଟରେ ଖାଇବାକୁ ଗଲେ ଚପଲ ଖାଇବାକୁ ପଡ଼ିବ ଏହା ଶୁଣିବାକୁ ଟିକେ ଅଜବ ଲାଗୁଛି । ହେଲେ ମୁମ୍ବାଇରେ ଏମିତି ଏକ ରେଷ୍ଟୁରାଣ୍ଟ ବିଷୟରେ କହିବାକୁ ଯାଉଛୁ, ଯେଉଁଠିକୁ ଗଲେ ଝିଅଙ୍କ ଚପଲ ଖାଇବାକୁ ପଡ଼େ । ଏହା ସତ୍ତ୍ୱେ ଏହି ରେଷ୍ଟୁରାଣ୍ଟର ବହୁତ ଚାହିଦା ରହିଛି । ମୁମ୍ବାଇରେ ଥିବା ଏହି ରେଷ୍ଟୁରାଣ୍ଟରେ ଝିଅମାନଙ୍କ ଭଳି କି ଭଳି ଜୋତା ଟେବୁଲ ଉପରେ ରଖା ଯାଉଥିବା ଦେଖିବାକୁ ମିଳିବ । ଏବେ ଆପଣ ଭାବୁଥିବେ କେହି ପାଗଳ ହିଁ ଝିଅମାନଙ୍କ ଜୋତା ଖାଇବାକୁ ରେଷ୍ଟୁରାଣ୍ଟକୁ ଯାଉଥିବ । ପ୍ରକୃତ କଥା ହେଲା ଏଠାରେ ଯେଉଁ ଜୋତା ଖାଇବାକୁ କୁହାଯାଉଛି ତାହା ମାଡ଼ ନୁହେଁ । ଏହା ବିଭିନ୍ନ ଫ୍ଲେବର ଯୁକ୍ତ ଚକୋଲେଟର ଝିଅଙ୍କ ହାଇହିଲ୍ ଆକାରର ପ୍ରସ୍ତୁତ ହୋଇଥାଏ । ଆପଣ ଚାହିଁଲେ ଏହାକୁ ଖାଇପାରିବେ ।



# ବିଜୟସାର ଜଡ଼ିବୁଟି



ବିଜୟସାର ଜଡ଼ିବୁଟିର ଅନେକ ଔଷଧୀୟ ତତ୍ତ୍ୱ ରହିଛି ଯାହା ଲିଭରର ବେମାରୀକୁ ଦୂର କରିବାରେ ସାହାଯ୍ୟ କରେ। ଏହା ସ୍କିନ୍ ପାଇଁ ମଧ୍ୟ ଲାଭଦାୟକ । ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ଲୋକଙ୍କର କେଶ ଝଡ଼ିବା, ଧଳା ହେବା ଓ ଶରୀରରେ ରକ୍ତର ପରିମାଣ କମ ହେବା ଆଦି ସମସ୍ୟାସବୁକୁ ସାମ୍ନା କରିବାକୁ ପଡ଼େ । ଯଦି ଆପରଙ୍କର ଏପରି ସମସ୍ୟା ରହିଛି ତେବେ ଆପରଙ୍କ ପାଇଁ ବିଜୟସାର ନାମକ ଲିଭର ଜନିତ ସମସ୍ୟା ଆଦିକୁ ଦୂର କରେ । ଜଡ଼ିବୁଟି ବହୁତ ଉପକାର ଦେଇ ପାରିବ । ଏଥିରେ ବିଜୟସାରରେ ଆଣ୍ଟି ହାଇପରଲିଗୋଡ଼ିକ୍ ର ଅନେକ ଔଷଧୀୟ ଗୁଣ ରହିଛି ଯାହା ଡାଇବେଟିସ୍, ବନ୍ଧନକାରୀ ଗୁଣ ରହିଛି, ଯାହା ଆମକୁ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ । ଏଥିରେ ଆଇରନ ପ୍ରଚୁର ପରିମାଣରେ ରହିଛି । ସେଥିପାଇଁ ଏହାର ସେବନରେ ରକ୍ତରେ ହିମୋଗ୍ଲୋବିନର ମାତ୍ରା ବଢ଼ିଯାଏ । ଯେଉଁମାନଙ୍କ କେଶ ଅଧିକ ଝଡୁଛି ବା ଧଳା ହୋଇଯାଉଛି ସେମାନଙ୍କୁ ବିଜୟସାର ଗଛର ଛାଲିକୁ ଅଁଳାର ପାଉଡର ସହିତ ବାଟି କେଶରେ ଲଗାଇବା ଉଚିତ । ଏଥିରେ କେଶ ଝଡ଼ିବା କମ ହୁଏ ।




ବିଜୟସାରର ପତ୍ରର ରସକୁ ଦୁଇ ଚାମଚ ପ୍ରତିଦିନ ପିଇଲେ ଲିଭରର ସମସ୍ୟା ଦୂର ହୁଏ । କୃମି ହୋଇଥିଲେ ବିଜୟସାରର ପତ୍ରକୁ ଚୂର୍ଣ୍ଣ କରି ଗରମ ପାଣି ସହିତ ପିଇଲେ ଲାଭ ହୋଇଥାଏ ।

# ପିଠି ପାଇଁ ଉପକାରୀ

**ପିଠି ଶରୀରର ଏକ ପ୍ରମୁଖ ଅଙ୍ଗ । ବହୁ ଭାରୀ କାମ କରିବାରେ ଏହାର ଉପଯୋଗିତା ରହିଛି । ଦିନଯାକର କାମ ଶେଷ ହେବା ପରେ ପିଠି ଖୁବ୍ ହାଲିଆ ହୋଇଯାଏ । ଏପରି ସ୍ଥିତିରେ କେତେକ ଯୋଗ କ୍ରିୟା ପିଠିକୁ ଆରାମ ଦେବା ସହ ସୁଦୃଢ଼ କରେ । ଏକ ଷ୍ଟାବିଲିଟି ବଲକୁ ନେଇ କରାଯାଉଥିବା ଏହି ବ୍ୟାୟାମ ଉଭୟ ପିଠି ଏବଂ ତଳିପେଟ ପାଇଁ ଉପକାରୀ ।**

**ପ୍ରକ୍ରିୟା:**

- ନିଜକୁ ଆରାମ ଭଳି ଏକ ଷ୍ଟାବିଲିଟି ବଲ୍ ଆଣନ୍ତୁ ।
- ତଳେ ଏକ ମ୍ୟାଟ୍ ବିଛାଇ ପେଟମାଡ଼ି ଶୋଇଯିବେ । ହାତ ଭରା ଦେବା ଲାଗି ମୁଣ୍ଡ ପାଖରେ ଏକ ପତଳା ତକିଆ କିମ୍ବା ଚାଦର ଭାଙ୍ଗି ରଖନ୍ତୁ ।
- ଷ୍ଟାବିଲିଟି ବଲ୍ ଆଣ୍ଠୁ ପାଖକୁ ଆଣି ଗୋଡ଼ ଦୁଇଟି ସଳଖ ଭାବେ ତା ଉପରେ ରଖିବେ ।
- କହୁଣିରୁ ହାତ ପାପୁଲି ଯାଏ ଚାଦର ଉପରେ ଲମ୍ବ ଭାବେ ରଖିବା ସହ ପେଟରୁ ମୁଣ୍ଡ ଉଠାଇ ରଖିବେ । କହୁଣିକୁ ଭରାଦେଇ ରହିବା ପରି ସ୍ଥିତି ହେବ ।
- ଧୀରେଧୀରେ ଶ୍ୱାସ ଗ୍ରହଣ କରିବା ସହିତ ନିଃଶ୍ୱାସ ଛାଡ଼ିବା ବେଳେ ତଳିପେଟ ସଙ୍କୁଚିତ କରି ନିତମ୍ବ ଉପରକୁ ଉଠାଇବେ ଏବଂ ଗୋଡ଼ ଟାଣ କରିରଖିବେ ।
- ପାଦରେ ବଲକୁ ଚାପିଧରି ୫ମିନିଟ୍ ଧୀର ଶ୍ୱାସକ୍ରିୟା ସହ ଏପରି ଅବସ୍ଥାରେ ରହିବେ । ଏହି ସମୟରେ ଆଣ୍ଠୁ କୁ ସ୍ଥିର ରଖିବା ସହ ବଲକୁ ପାଦରେ ଧରି ଧୀରେ ଧୀରେ ଗଡ଼ାଇବା ଜରୁରୀ ।
ଏହାପରେ ଗୋଡ ଲମ୍ବାଇ ବଲକୁ ଗଡ଼ାଇଦେବେ ।
- କିଛି ସମୟ ପରେ ଏହାର ପୁନରାବୃତ୍ତି କରନ୍ତୁ । ଅନ୍ତତଃ ଚାରିଥର ୫ ମିନିଟ୍ ଲେଖାଁଏ କୋଡିଏ ମିନିଟ୍ ଏହି ବ୍ୟାୟାମ ଅଭ୍ୟାସ କରିପାରିବେ ।





# ଆସାମର ଅଦଳ-ବଦଳ ମେଳା



ପ୍ରତ୍ୟେକ ଜିନିଷର କିଛି ନା କିଛି ମୂଲ୍ୟ ରହିଛି । ଆମେ କୌଣସି ଜିନିଷଟିଏ ଘରକୁ ଆଣିବାକୁ ଇଚ୍ଛା କଲେ ପ୍ରଥମେ ତାର ମୂଲ୍ୟ ପରିଶୋଧ କରି ଜିନିଷଟିକୁ ଦୋକାନୀଠାରୁ କିଣୁ । କିନ୍ତୁ ଆଜିକାଲି ଯୁଗରେ ବିନା ଟଙ୍କାରେ ମଧ୍ୟ ଜିନିଷ ମିଳିପାରୁଛି । ମାଗଣାରେ ଏହି ଜିନିଷ କେବଳ ଆସାମରେ ଆୟୋଜିତ ଏହି ମେଳାରୁ ମିଳିପାରେ । ଆସାମରେ ତିନିଦିନ ଧରି ଚାଲୁ ରହୁଥିବା ଏହି ମେଳାରେ ଆପଣ କୌଣସି ବି ଜିନିଷ ଘରକୁ ଆଣିବାରିବେ । ବିନା ମୂଲ୍ୟରେ । ମେଳାରେ ଆସାମର ଆଦିବାସୀ ସବୁ ପ୍ରକାର ଲୋକ ସାମିଲ ହୁଅନ୍ତି । ମେଳାରେ ପଡ଼ିଥିବା ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରାଯାଇଥିବାବେଳେ ଏହି ଜିନିଷ ଗୁଡ଼ିକୁ ଆଣିବା ପାଇଁ ଗ୍ରାହକମାନଙ୍କୁ ଆଧୁନିକ ମୁଦ୍ରା ଦେବାର ପ୍ରଚଳନ ହୋଇ ନ ଥାଏ । ଏଠାକୁ ଆସୁଥିବା ଲୋକେ ଜିନିଷ ଅଦଳ ବଦଳ କରି ଘରକୁ ନିଜ ଦରକାରୀ ଜିନିଷ ନେଇ ଆସନ୍ତି । ଆଦିବାସୀ ଲୋକେ ଜଙ୍ଗଲରୁ ଯେଉଁ ଦ୍ରବ୍ୟ ସଂଗ୍ରହ କରନ୍ତି ତାକୁ ମେଳା ବଜାରରେ ସେମାନେ ସାମିଲ କରନ୍ତି । ୫ଶହ ବର୍ଷ ଧରି ଚାଲି ଆସୁଥିବା ଏହି ମେଳାରେ ପାହାଡ଼ି ଜନଜାତି ଓ ସାଧାରଣ କୃଷକଙ୍କ ଭିତରେ ଜିନିଷର କିଣା ବିକା ବିଶେଷ ଭାବେ ଦେଖାଯାଏ । ଏହା ବ୍ୟତୀତ ମେଳାରେ ସାମୁଦ୍ରିକ ମାଛ ଧରିବାର ପରମ୍ପରା ରହିଥିବାବେଳେ ମେଳାର ଶେଷ ଦିନ ଐତିହାସିକଗୋଭା ରାଜାଙ୍କର ରାଜଦରବାର ବସାଯାଏ ଯେଉଁଥିରେ ପ୍ରତି ଜନଜାତୀର ଲୋକଭାଗ ନିଅନ୍ତି ।

# ବିବାହରେ ହାତ ଗହଣା

ପାଶ୍ଚାତ୍ୟ ହେଉ ବା ପାରମ୍ପରିକ, ଗହଣା ବା ଆକ୍ସେସରିଜ ବିନା ବୋହୂର ଶୃଙ୍ଗାର ଅଧା ମନେହୁଏ । ମଥାମଣି, ନୋଥ, ଚୁଡ଼ି, ହାର, ପାଉଁଜି ସହିତ ହାତ ଗହଣା ଆଦି ତାର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଦିଏ । ତେବେ ହାତ ଗହଣା ମଧ୍ୟ ବୋହୂର ସୌନ୍ଦର୍ଯ୍ୟକୁ ବେଶ ଆକର୍ଷଣୀୟ ରେ । ଆଜିକାଲି ମାର୍କେଟରେ ନୂଆ ନୂଆ ଡିଜାଇନର ହାତ ଗହଣା ଦେଖିବାକୁ ମିଳୁଛି । ସେମିତି କିଛି ଡିଜାଇନ ବିଷୟରେ ଜାଣନ୍ତୁ । ଆଗରୁ ଝିଅମାନେ କେବଳ ମେହେନ୍ଦି ଓ ହଳଦୀ ଆଦି ଅବସରରେ ମଧ୍ୟ ଦେଖିବାକୁ ମିଳିଛି । ତେଣୁ ଆପଣ ବି ବ୍ରାଇଡାଲ ଲେହର ସହିତ ହାତ ଫୁଲ ବ୍ୟବହାର କରିପାରିବେ । ଚୁଡ଼ି ବିନା ଝିଅର ସୌନ୍ଦର୍ଯ୍ୟ ସବୁବେଳେ ଅଧୁରା ଲାଗେ । ବ୍ରାଇଡାଲ ମେକପ୍‌କୁ ଆକର୍ଷଣୀୟ କରିବା ପାଇଁ ଉମ୍ପତିନ୍ ଡିଜାଇନ ଓ ପ୍ୟାଟର୍ନର କଠୁ ଆରମ୍ଭ କରି ବୋଗ୍ୟୁଶ ଓ ଅତ୍ୟାଧୁନିକ କଙ୍କଣ ବ୍ୟବହାର କରିବେ । ସେହିପରି ମୁଦି ମଧ୍ୟ ଏକ ପାରମ୍ପାରିକ ଗହଣା । ବିବାହରେ ପୂର୍ଣ୍ଣ ସାଜସଜ୍ଜା ପାଇଁ କୁନ୍ଦନ, ହୀରା, ରୂପା, ପୋଲକି, ମୋତି ଓ ସୁନାର ଭିନ୍ନ ଭିନ୍ନ ପ୍ୟାଟନର ମୁଦି ଚୟନ କରିପାରିବେ । ଆଜିକାଲି ଫିଙ୍ଗର କଫ୍ ଓ ହ୍ୟାଣ୍ଡ କଫର ଟ୍ରେଣ୍ଡ ବି ବହୁତ ଦେଖାଯାଉଛି । ଏସବୁକୁ ବାଛି ବିବାହରେ ନିଜକୁ ଭିନ୍ନ ଲୁକ୍ ଦେଇପାରିବେ ।



# ଅକ୍ଟୋବର ୮ରେ କୃଷି କନ୍‌କ୍ଲେଭ୍ : ଆମନ୍ତ୍ରିତ ହେବେ ଦେଶର ବଡ଼ ବଡ଼ କଂପାନୀ

ଭୁବନେଶ୍ୱର,୨୮/୯ (ନି.ପ୍ର): କୃଷି କ୍ଷେତ୍ରରେ ଅଧିକ ନୂତନ ସମ୍ଭାବନା ସୃଷ୍ଟି ସହିତ କୃଷି ଉତ୍ପାଦଗୁଡ଼ିକୁ ମୂଲ୍ୟଯୁକ୍ତ କରି ଚାଷୀଙ୍କ ଆୟବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ କୃଷି-କନ୍‌କ୍ଲେଭ୍ ର ଆୟୋଜନ କରାଯିବ। ପ୍ରସ୍ତାବିତ ଏହି କନ୍‌କ୍ଲେଭ୍ କୁ 'ଓଡ଼ିଶା-କୃଷି କନ୍‌କ୍ଲେଭ୍' ନାମକରଣ କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏହି ଆୟୋଜନର ନୋଡାଲ ବିଭାଗ ରହିବ । ଏହି କନ୍‌କ୍ଲେଭ୍ ଅକ୍ଟୋବର ୮ ତାରିଖରେ ଆୟୋଜିତ ହେବ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା କଂପାନୀଗୁଡ଼ିକୁ ଏଥିରେ ଯୋଗଦେବା ପାଇଁ ଅନ୍‌ଲାଇନ୍ ରେ ପଞ୍ଜୀକରଣ କରିବା ବ୍ୟବସ୍ଥା କରାଯାଇଛି। ଚିହ୍ନିତ କୃଷି କଂପାନୀଗୁଡ଼ିକୁ ଆମନ୍ତ୍ରଣ କରିବା ଦାୟିତ୍ୱ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗର ସଚିବଙ୍କ ଉପରେ ନ୍ୟସ୍ତ କରାଯାଇଛି। କନ୍‌କ୍ଲେଭ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏକ ଉଚ୍ଚ ମାନର ପୁସ୍ତିକା ମୁଦ୍ରଣ କରାଯାଇ ଏହି କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯିବ। ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୈଠକରେ ଯୋଗଦେଇ ନୁଡୁଲ୍ସ ପ୍ରସ୍ତୁତକାରୀ ଓ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ସଂସ୍ଥାଗୁଡ଼ିକୁ ଆମନ୍ତ୍ରଣ କରିବାକୁ ପ୍ରସ୍ତାବ ରଖିଥିଲେ। ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ଅର୍ଥ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ତରଫରୁ ଯୋଗାଇ ଦିଆଯିବ ବୋଲି କହିଥିଲେ। ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଜି. ରଘୁପ୍ରସାଦ ଗୋଖାଦ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ରାଜ୍ୟରେ ତାଙ୍କର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବା ପାଇଁ ବାର୍ତ୍ତାଳାପ କରିବେ ବୋଲି କହିବା ସହ କନ୍‌କ୍ଲେଭ୍ ରେ ଯୋଗଦେବାକୁ ସି-ଫୁଡ୍ କର୍ପୋରେସନ୍ ସହ ଯୋଗାଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ରାଉଳ ଏ ସଂକ୍ରାନ୍ତରେ ଏକ କ୍ଷୁଦ୍ର ଭିଡ଼ିଓ ପ୍ରସ୍ତୁତ କରି ସରକାରୀ ସ୍କିମ୍ ଗୁଡ଼ିକୁ ପ୍ରଦର୍ଶନ ସହ ବିଭିନ୍ନ ଅଂଚଳର କୃଷି ଉତ୍ପାଦଗୁଡ଼ିକୁ ଏଥିରେ ସ୍ଥାନୀୟ କରିବେ ବୋଲି କହିଥିଲେ। ଓଡ଼ିଶାରେ ସ୍ୱତନ୍ତ୍ର କିସମର ଚିନାବାଦାମ ଓ କଳା ମୁଗ ଯାହା ଅତି ଉଚ୍ଚ ମାନ ଗୁଣଯୁକ୍ତ। ଏ ଗୁଡ଼ିକର ବ୍ରାଣ୍ଡିଂ କରିବାକୁ ହେବ । ଡାବର ଓ ପାତଞ୍ଜଳି କଂପାନୀକୁ ଏହି କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରି ଆମନ୍ତ୍ରଣ କରାଯିବାକୁ ଇନ୍‌ଭେଷ୍ଟ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ପ୍ରସ୍ତାବ ଦେଇଥିଲେ। ସେହିପରି ଓଡ଼ିଶା ଜୀବିକା ମିଶନର ମୁଖ୍ୟ ନିର୍ବାହୀ ଅଧିକାରୀ ମାନସୀ ନିମ୍ଭାଲ ବ୍ରିଟାନିଆ ଓ ହର୍ଲିକ୍ସ ସହ ଯୋଗାଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଓସମାର ସଦସ୍ୟ ସଚିବ ବିଶ୍ୱରଞ୍ଜନ ସାମଲ, ଓରମାସ୍ ର ମୁଖ୍ୟ ନିର୍ବାହୀ ଅଧିକାରୀ ଅରିନ୍ଦମ୍ ଡାକୁଆ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସ୍ୱତନ୍ତ୍ର ସଚିବ ମନ୍ମଥ କୁମାର ପାଣି, ମାର୍କଫେଡ୍ ର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ, ନାଫେଡ୍ ର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭବ୍ୟା ଆନନ୍ଦ, ପ୍ରାଣୀସଂପଦ ବିକାଶ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଲୋକନାଥ ବେହେରା, ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଉମେଶ କୁମାର ମହାନ୍ତି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଅଂଶଗ୍ରହଣ କରିଥିଲେ।

# ପୁନା ଚୁକ୍ତି ଦିବସ ପାଳନ

ଭୁବନେଶ୍ୱର,୨୮/୯ (ନି.ପ୍ର): ପୁନାଚୁକ୍ତି ଦିବସ ସ୍ମରଣ ଅବସରରେ ଭୁବନେଶ୍ୱର, କଳିଙ୍ଗ ବୁଦ୍ଧବିହାର ସଭାକକ୍ଷରେ ପ୍ରବୁଦ୍ଧ ଭାରତ ଆଲୋଚନାଚକ୍ର କ୍ରମରେ 'ଅନୁସୂଚିତ ବର୍ଗଙ୍କ ସମସ୍ୟା ଓ ସମାଧାନ' ବିଷୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ୧୯୩୨ ମସିହା ସେପ୍ଟେମ୍ବର ୨୪ ତାରିଖରେ ଭାରତର ସ୍ୱାଧୀନତାଦାତା ପରମଧାର୍ମିକ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ବିପ୍ଳବୀ ସମାଜ ସଂସ୍କାରକ, ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣେତା ତଥା ଆଧୁନିକ ଭାରତର ଭିତିଭୂମି ସ୍ରଷ୍ଟା ଭାରତ ରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ମଧ୍ୟରେ ଆଲୋଚନା ହୋଇ ଇରୋଭଦା ଜେଲରେ ପୁନାଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହାଦ୍ୱାରା ଭାରତୀୟ ସମାଜ, ଅର୍ଥନୀତି ଓ ରାଜନୀତିରେ ଏକ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇପାରିଥିଲା। କିନ୍ତୁ ପରିତାପର ବିଷୟ, ଐତିହାସିକମାନେ ଏହାକୁ ଅଣଦେଖା କରିଛନ୍ତି। ଏହି ଆଲୋଚନାଚକ୍ରରେ ଭଗବାନ ବୁଦ୍ଧ, ବାବାସାହେବ ଆମ୍ବେଦକର ଓ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନୀତି, ଆଦର୍ଶର ପ୍ରଚାର ଓ ସ୍ମୃତିରକ୍ଷା ପାଇଁ ଆମ୍ବେଦକର ଭବନ ନିର୍ମାଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ଅନୁସୂଚିତ ଜାତି, ଜନଜାତି ନିର୍ଯ୍ୟାତନା ନିରୋଧକ ଆଇନ ଦୃଢ଼ ଭାବରେ କାର୍ଯ୍ୟକାରି କରାଯାଇ କଠିନ ଦଣ୍ଡବିଧାନ କରିବା, ମହିଳା, ଶିଶୁ ଓ ଦଳିତମାନଙ୍କୁ ହତ୍ୟା, ଧର୍ଷଣ ଓ ନିର୍ଯ୍ୟାତନା ପାଇଁ ପ୍ରଶାସନ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୧୦ ବର୍ଷ କାରାଦଣ୍ଡ ପ୍ରଦାନ କରିବା, କ୍ୟାଚ୍-ଅପ୍ ରୁଲ୍‌କୁ ଉଚ୍ଛେଦ କରିବା, ଘରୋଇକରଣକୁ ବନ୍ଦ କରିବା ଓ ଘରୋଇ କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଦେବା, ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଅନୁଦାନ ପ୍ରଦାନ କରିବା, ନକଲି ଦଳିତ କେଉଟ, କୈବର୍ତ୍ତ, ଧୀବର ଆଦି ସବର୍ଣ୍ଣ ଜାତିକୁ ଏସ୍.ସି. ତାଲିକାରୁ ବାଦ୍‌ଦେବା, ମେହେନ୍ତର, ଦଳିତ ବୈଷ୍ଣବ ଓ ସଅରମାନଙ୍କୁ ଏସ୍.ସି., ଏସ୍.ଟି. ତାଲିକାଭୁକ୍ତ କରିବା, ସମସ୍ତ ଅନୁସୂଚିତ ଜାତି, ଜନଜାତି ଓ ଗରିବ ଲୋକମାନଙ୍କୁ ଜମି, ଜଳ, ଜଙ୍ଗଲର ଅଧିକାର ଦେବା ସହିତ ଥଇଥାନ ପରେ ବିସ୍ଥାପନ କରିବା ଓ ଘର, ଜମି ଯୋଗାଇଦେବା ଇତ୍ୟାଦି ପ୍ରସ୍ତାବଗୁଡ଼ିକ ଆଲୋଚନା ପରେ ଗୃହୀତ ହୋଇ ଦାବି ଉପସ୍ଥାପନ କରାଯାଇଥିଲା।

# ପିପିଲି ନିର୍ବାଚନ ଏକ୍‌ଜିଟ୍ ପୋଲ୍ ଉପରେ ନିଷେଧାଦେଶ

ଭୁବନେଶ୍ୱର,୨୮/୯ (ନି.ପ୍ର): ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପରିପ୍ରେକ୍ଷୀରେ ଏକ୍‌ଜିଟ୍ ପୋଲ୍ କୁ ନିଷିଦ୍ଧ କରାଯାଇଛି । କୌଣସି ସମ୍ବାଦପତ୍ର, ଗଣମାଧ୍ୟମ, ନ୍ୟୁଜ୍ ବ୍ୟୁରୋ, ରେଡିଓ ଓ ଟିଭି ଚ୍ୟାନେଲ୍ ଭୋଟ ଫଳାଫଳର ପୂର୍ବାନୁମାନ (ଏକ୍‌ଜିଟ୍ ପୋଲ୍) ପ୍ରକାଶ ଓ ପ୍ରସାର କରିପାରିବେ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା ଗେଜେଟ୍ ରେ ଏହି ନିଷେଧାଦେଶ ସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

# କମଳା ନେହେରୁ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୭/୦୯ (ନି.ପ୍ର): ଭୁବନେଶ୍ୱର ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପରିସରରେ ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ ଚନ୍ଦ୍ର ରଥ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଏଥିରେ ରେଡ୍‌କ୍ରସର ଅଫିସର ଡଃ ଅଜୟ କୁମାର ତ୍ରିପାଠୀ, ଡଃ ଲକ୍ଷ୍ମଣ ସ୍ୱାଇଁ, ରମାଦେବୀ ମହିଳା ମହାବିଦ୍ୟାଳୟର ରେଡ୍‌କ୍ରସର ସଂଯୋଜକ ଡଃ ସୁଶୀଲ କୁମାର ପଟ୍ଟନାୟକ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କ୍ୟାପିଟାଲ ଚିକିତ୍ସାଳୟର ରକ୍ତ ଭଣ୍ଡାରରୁ କର୍ମକର୍ତ୍ତାମାନେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯୁବ ରେଡକ୍ରସ ବିଭାଗର କାଉନ୍‌ସିଲର ଡଃ ଶାଶ୍ୱତୀ ସୋମ୍ୟା ସାହୁ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ସୁଶାନ୍ତ କୁମାର ପଟ୍ଟନାୟକ ।

# ପୂର୍ବତଟ ରେଳପଥ ପକ୍ଷରୁ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ଭୁବନେଶ୍ୱର,୨୮/୯ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣଙ୍କ ଅଧ୍ୟକ୍ଷତାରେ ୪୭ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହିନ୍ଦୀ ସପ୍ତାହ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଭାଗନେଇ ବିଜେତା ହୋଇଥିବା ପ୍ରତିଯୋଗୀମାନଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପୁରସ୍କାର ବିତରଣ କରିଥିଲେ । ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର ଏବଂ ପ୍ରମୁଖ ବିଭାଗୀୟ ଅଧିକାରୀ, ଖୋର୍ଦ୍ଧା ରୋଡ, ସମ୍ବଲପୁର, ୱାଲଟିୟର ଡିଭିଜନ ଏବଂ ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନାର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଗତ ତ୍ରୟ-ମାସିକରେ ରାଜଭାଷାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା ଏବଂ ଆସନ୍ତା ତ୍ରୟ-ମାସିକ ପାଇଁ କାର୍ଯ୍ୟ ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ମହାପ୍ରବନ୍ଧକ ରେଳ କର୍ମଚାରୀଙ୍କୁ ସରକାରୀ କାର୍ଯ୍ୟରେ ରାଜଭାଷା ହିନ୍ଦୀ ବ୍ୟବହାର ପାଇଁ ପରାମର୍ଶ କରିଥିଲେ। ଏହି ଅବସରରେ ଶ୍ରୀ ବିଦ୍ୟା ଭୂଷଣ ପୂର୍ବତଟ ରେଳପଥର ମୁଖ୍ୟାଳୟରେ ହିନ୍ଦୀ ସପ୍ତାହ ସମୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏହି ପ୍ରତିଯୋଗିତାରେ ଅଧିକ ସଂଖ୍ୟାରେ ଭାଗ ନେବାକୁ ରେଳ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ।

କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକକୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ତଥା ମୁଖ୍ୟ ରାଜଭାଷା ଅଧିକାରୀ ଡି ପି ଲାଲ ସଂଯୋଜନା କରିଥିଲେ।

# ରାଜ୍ୟ ସରକାର ଖାଉଟି ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି : ଖାଦ୍ୟଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୮/୯ (ନି.ପ୍ର): ରାଜ୍ୟ ସରକାର ଖାଉଟିମାନଙ୍କ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରୁଥିବାବେଳେ ନୂତନ ଖାଉଟି ସୁରକ୍ଷା ଆଇନ-୨୦୧୯ରେ ଥିବା ମଧ୍ୟସ୍ଥତା କେନ୍ଦ୍ର ଖାଉଟି ବିବାଦର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିବ ଓ ଏହା ଏକ ସମୟୋଚିତ ପଦକ୍ଷେପ। ଏହି ଅଭିନବ ବ୍ୟବସ୍ଥା ଦ୍ୱାରା ଖାଉଟି ବିବାଦର ଆଶୁ ସମାଧାନ ହୋଇପାରିବ। ଉଭୟ ପକ୍ଷର ସହ ମତି ଭିତିରେ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ସ୍ୱଳ୍ପ ଖର୍ଚ୍ଚରେ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଖାଉଟି ବିବାଦର ସମାଧାନ ହୋଇପାରିବ । ରାଜ୍ୟର ଦରିଦ୍ରରୁ ଦରିଦ୍ରତମ ଖାଉଟି ଯେପରି ଖାଉଟି ସୁରକ୍ଷା ଆଇନ ଦ୍ୱାରା ଉପକୃତ ହୋଇପାରିବେ ସେଥି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ସଚେତନ ଖାଉଟି ହିଁ ସୁରକ୍ଷିତ ଖାଉଟି ହୋଇଥିବାରୁ ଖାଉଟିମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ପ୍ରଥମେ ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ (ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କନ୍‌ଜ୍ୟୁମର ଆୱାରନେସ୍ (ସିକା)) ପ୍ରତିଷ୍ଠା କରିବା କ୍ଷେତ୍ରରେ ଓଡ଼ିଶା ଭାରତବର୍ଷରେ ଅନ୍ୟତମ ରାଜ୍ୟ। ସଚେତନ ଖାଉଟି ଅସାଧୁ ବ୍ୟବସାୟୀ ଦ୍ୱାରା ହେଉଥିବା କୌଣସି ଠକେଇ ଓ ଶୋଷଣରୁ ନିଜକୁ ସୁରକ୍ଷିତ ରଖିପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଆଜି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା, କଟକ ଆନୁକୂଲ୍ୟରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଦୁଇଦିନିଆ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ସଂପ୍ରତିଇ-କମର୍ସ , ଅନ୍‌ଲାଇନ୍ ବ୍ୟବସାୟର ବହୁଳ ପ୍ରଚଳନ ଯୋଗୁଁ ଅନେକ ନୂତନ ପ୍ରକାରର ଖାଉଟି ବିବାଦ ଉପୁଜୁଛି। ସମୟର ଆବଶ୍ୟକତା ଅନୁଯାୟୀ ନୂତନ ଖାଉଟି ଆଇନର ବିଭିନ୍ନ ପ୍ରାବଧାନ ଯୋଗୁଁ ଖାଉଟି ବିବାଦର ସମାଧାନର ପନ୍ଥାକୁ ଅଧିକ ବ୍ୟାପକ କରାଯାଇଛି। ଏଥିରେ ପ୍ରଥମଥର ପାଇଁ ମଧ୍ୟସ୍ଥତା କେନ୍ଦ୍ର ଜରିଆରେ ଖାଉଟି ବିବାଦର ସମାଧାନ କରାଯିବାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏଥି ନିମନ୍ତେ ରାଜ୍ୟ ସରକାରମାନେ ପ୍ରତି ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଂଚ ନିମନ୍ତେ ଗୋଟିଏ ଲେଖାଏଁ ଖାଉଟି ମଧ୍ୟସ୍ଥତା କେନ୍ଦ୍ର ଓ ରାଜ୍ୟ ଖାଉଟି ବିବାଦ ପ୍ରତିକାର କମିଶନ ନିମନ୍ତେ ଗୋଟିଏ ମଧ୍ୟସ୍ଥତା କେନ୍ଦ୍ର ପ୍ରତିଷ୍ଠା କରିପାରିବେ । ମଧ୍ୟସ୍ଥତା କେନ୍ଦ୍ରରେ ମଧ୍ୟସ୍ଥିମାନେ ଯେପରି ଉତ୍ସର୍ଗୀକୃତ ମନୋଭାବ ନେଇ ବିବାଦର ସମାଧାନ କରିବେ ସେଥି ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ ।କର୍ମଶାଳାରେ ଯୋଗଦେଇ ଜମ୍ମୁ ଓ କାଶ୍ମୀରର ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୀତା ମିତଲ କହିଲେ ଯେ ସଂପ୍ରତି ସମାଜରେ ଉପଭୋକ୍ତାବାଦର ଅହେତୁକ ବୃଦ୍ଧି ଫଳରେ ଅନେକ ପ୍ରକାରର ଖାଉଟି ବିବାଦ ଉପୁଜୁଛି, ଯାହାର ଶୀଘ୍ର ସମାଧାନ ହେବା ଆବଶ୍ୟକ । ମଧ୍ୟସ୍ଥତା କେନ୍ଦ୍ରଗୁଡ଼ିକ ଶୀଘ୍ର ସମାଧାନ ଦିଗରେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ଏବଂ ଏଥି ନିମନ୍ତେ ଦକ୍ଷ ମଧ୍ୟସ୍ଥଙ୍କ ନିୟୋଜନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।ଓଡ଼ିଶା ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର କମିଶନର ସଭାପତି ଜଷ୍ଟିସ୍ ଡ. ଡି.ପି. ଚୌଧୁରୀ ମଧ୍ୟସ୍ଥତା କେନ୍ଦ୍ରକୁ ଏକ ବିକଳ୍ପ ବ୍ୟବସ୍ଥା ଭାବରେ ଅଭିହିତ କରିବା ସହିତ ମଧ୍ୟସ୍ଥିମାନଙ୍କର ପ୍ରଶିକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ପ୍ରଫେସର ଡ. ବେଦ କୁମାରୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଖାଉଟି ବିବାଦ ସମାଧାନ ଦିଗରେ ମଧ୍ୟସ୍ଥତା କେନ୍ଦ୍ରର ଗୁରୁତ୍ୱ ରହିଛି ବୋଲି କହିବା ସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖାଉଟି ସଚେତନତା ସୃଷ୍ଟି ନିମନ୍ତେ ନୂତନ ଖାଉଟି ସୁରକ୍ଷା ଆଇନ-୨୦୧୯ର ବିଭିନ୍ନ ଦିଗ ଉପରେ ନିୟମିତ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ବୋଲି କହିଥିଲେ । କର୍ମଶାଳାରେ ପ୍ରଫେସର ବେଜନ ମିଶ୍ର, ଡ. ମୟଙ୍କ ସମେତ ବହୁ ଅଧ୍ୟାପକ, ବୁଦ୍ଧିଜୀବୀ, ଖାଉଟି ମଂଚର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟ ।ମାନେ ଯୋଗଦେଇଥିଲେ।

# ରାଜ୍ୟର ୩୫ ବ୍ଲକରେ ହେବ ମଡେଲ୍ ବସ୍‌ଷ୍ଟାଣ୍ଡ

ଭୁବନେଶ୍ୱର,୨୮/୯ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାର ୩୫ଟି ବ୍ଲକ୍‌ରେ ମଡେଲ୍ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଢେଙ୍କାନାଳ ଓ ନୂଆପଡ଼ାରେ ଦୁଇଟି ଜିଲ୍ଲାସ୍ତରୀୟ ବସ୍‌ଷ୍ଟାଣ୍ଡ କରାଯିବ। ସ୍ଥାନୀୟ ଅଞ୍ଚଳର ଜନ ସଂଖ୍ୟା, ବ୍ୟବସାୟିକ କାରବାର, ସ୍ଥାନର ଗୁରୁତ୍ୱ ଓ ବସ୍ ଚଳାଚଳକୁ ଦେଖି ଛୋଟ, ମଧ୍ୟମ ଓ ବଡ଼ ତିନିଟି ବର୍ଗରେ ବସ୍‌ଷ୍ଟାଣ୍ଡକୁ ବର୍ଗୀକରଣ କରାଯାଇଛି। ଛୋଟ ବସ୍‌ଷ୍ଟାଣ୍ଡ ପାଇଁ ଅତିକମ୍‌ରେ ଏକ ଏକର ଜମି ଆବଶ୍ୟକତା ଥିବା ବେଳେ ମଧ୍ୟମ ଓ ବଡ଼ ପାଇଁ ସର୍ବାଧିକ ଅଢ଼େଇ ଏକର ଜମିରେ ବସ୍‌ଷ୍ଟାଣ୍ଡଗୁଡ଼ିକୁ ନିର୍ମାଣ କରାଯିବ। ଏଥିପାଇଁ ବ୍ଲକ୍ ଓ ଜିଲ୍ଲାରେ ଜମି ଚିହ୍ନଟ ସରିଛି। ଓଏସ୍‌ଆରଟିସିର ଓଏସ୍‌ଡି ଦୀପ୍ତି ମହାପାତ୍ର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ଭେଟି ପ୍ରକଳ୍ପଗୁଡ଼ିକ ଉପରେ ଆଲୋଚନା କରିଛନ୍ତି। ପ୍ରତି ବସ୍‌ଷ୍ଟାଣ୍ଡ ନିର୍ମାଣ ବାବଦକୁ ୨କୋଟିରୁ ୫କୋଟି ଟଙ୍କା ଖର୍ଚ୍ଚ ହେବ। ସେଠାରେ ମାର୍କେଟ୍ କମ୍ପ୍ଲେକ୍ସଠାରୁ ଆରମ୍ଭ କରି ଫୁଡ୍ କୋର୍ଟ, ଶୌଚାଳୟ, ପାନୀୟ ଜଳ, ଟିକେଟ୍ କାଉଣ୍ଟର ଭଳି ଯାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ମୌଳିକ ସୁବିଧା ରହିବ। ଯାତ୍ରୀ ଓ ଗାଡ଼ି ଚାଳକମାନଙ୍କ ବିଶ୍ରାମ, ରାତ୍ରୀଯାପନ ପାଇଁ ଘର ମଧ୍ୟ ରହିବ। ସେହିପରି ବସ୍ ବେ' ମଧ୍ୟ ହେବ। ପ୍ରଥମ ପର୍ଯ୍ୟାୟରେ ଭଦ୍ରକ, ବାଲେଶ୍ୱର, ନୟାଗଡ଼, କଟକ, ଢେଙ୍କାନାଳ, ଅନୁଗୁଳ, କନ୍ଧମାଳ, ବୌଦ୍ଧ, ଝାରସୁଗୁଡ଼ା, କେନ୍ଦୁଝର, ଗଜପତି, ରାୟଗଡ଼ା, କୋରାପୁଟ, ନବରଂଗପୁର ଆଦି ଜିଲ୍ଲାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ।

# ସମାଜ ଓ ଦେଶର ଆର୍ଥିକ ବିକାଶକୁ ହ୍ରାସ କରୁଛି ଯୁବଗୋଷ୍ଠୀଙ୍କ ନିଦ୍ରା ଅନିୟମତା

ଭୁବନେଶ୍ୱର,୨୮/୯ (ନି.ପ୍ର): ଦେଶ ଗଠନ ଓ ବିକାଶରେ ଯୁବଗୋଷ୍ଠୀମାନଙ୍କର ଅତୁଳନୀୟ ଭୂମିକା ରହିଛି। ଭାରତୀୟ ଜନସଂଖ୍ୟା ପଲିସି ୨୦୧୩ ଅନୁସାରେ ୧୫-୩୫ ବର୍ଷ ବୟସକୁ ଯୁବାବସ୍ଥା କୁହାଯାଏ। ଏହି ସମୟ ମଣିଷ ଶାରୀରିକ ଓ ମାନସିକ ବିକାଶର ସର୍ବୋତ୍କୃଷ୍ଟ ସମୟ। ସାରା ବିଶ୍ୱରେ ଭାରତର ଯୁବଗୋଷ୍ଠୀମାନଙ୍କ ସଂଖ୍ୟା ସର୍ବାଧିକ। କିନ୍ତୁ ପରିତାପର ବିଷୟ ଏହା ଯେ ବିଭିନ୍ନ ପ୍ରକାର ସାମ୍ପ୍ରତିକ ସାମାଜିକ କାରଣରୁ ଯୁବଗୋଷ୍ଠୀ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସହିତ ନିଦ୍ରା ଅନୀୟମତାର ଶୀକାର ହୋଇପଡ଼ିଛନ୍ତି। ନିଦ୍ରା ଅନୀୟମତା ସେମାନଙ୍କର ମାନସିକ ଓ ଶାରୀରିକ ବିକାଶକୁ ନକରାତ୍ମକ ଭାବେ ପ୍ରଭାବିତ କରିବା ସହିତ ସେମାନଙ୍କ କାର୍ଯ୍ୟ ଦକ୍ଷତାକୁ ମଧ୍ୟ ପ୍ରଭାବିତ କରୁଛି; ଯାହା ସମାଜ ଓ ଦେଶର ଆର୍ଥିକ ବିକାଶକୁ ହ୍ରାସ କରୁଛି। ତେଣୁ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ନିଦ୍ରା ଅନିୟମତା ବିଷୟରେ ପଦକ୍ଷେପ ନେଇ ଯୁବ ସମାଜକୁ ଏଥିରୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ୱମେନ୍ସ ଷ୍ଟଡ଼ିଜ ଏବଂ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଏକାମ୍ର କ୍ଷେତ୍ର ପକ୍ଷରୁ ଆୟୋଜିତ 'ଯୁବଗୋଷ୍ଠୀ ମଧ୍ୟରେ ନିଦ୍ରା ଅନୀୟମତା' ଶୀର୍ଷକ କର୍ମଶାଳା ଆୟୋଜିତ କର୍ମଶାଳାରେ ବକ୍ତାମାନେ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଖାଯାଉଥିବା ନିଦ୍ରା ଅନୀୟମତା କିଭଳି ଦୂର ହୋଇପାରିବ ବିଭିନ୍ନ ଉଦାହରଣ ଦେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସ୍କୁଲ ଅଫ ୱମେନ୍ସ ଷ୍ଟଡ଼ିଜର ନିର୍ଦ୍ଦେଶିକା ପ୍ରଫେସର ଜୟନ୍ତୀ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତଏହି କର୍ମଶାଳାରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଏକାମ୍ରକ୍ଷେତ୍ରର ସଭାପତି ଡ.ଅଚ୍ୟୁତାନନ୍ଦ ପଟ୍ଟନାୟକ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଲବର ଚାଟର ପ୍ରେସିଡେଂଟ ପ୍ରଫେସର ରାଜଲକ୍ଷ୍ମୀ ମହାପାତ୍ର ରୋଟାରୀ କ୍ଲବ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। କିମସ ମେଡ଼ିକାଲ କଲେଜର ମନୋବିଜ୍ଞାନ ବିଭାଗ ଡାକ୍ତର ପ୍ରଣ ମହାପାତ୍ର, ଡା.ଶୈଳଜା ମିଶ୍ର ଓ ଡା. ଶ୍ରୀଳୟ ରାଜ ନିଦ୍ରା ବୈଜ୍ଞାନିକ ଦିଗଗୁଡ଼ିକୁ ଆଲୋଚନା କରିଥିଲେ। ଗୌହାଟୀସ୍ଥିତି ନିପସିପ ର ଅପସରପ୍ରାପ୍ତ ଉପନିର୍ଦ୍ଦେଶକ ଡ.ମଞ୍ଜୁ ଧୋନ୍ଦିୟାଲ ଏହାର ସାମାଜିକ ଦିଗଗୁଡ଼ିକୁ ଏବଂ ଏହି ଅନିୟମତାରୁ ରକ୍ଷା ପାଇବା ପାଇଁ ଆଶୁ ସମାଧାନ ଉପରେ ଆଲୋକପାତ କରିଥିଲେ। କର୍ମଶାଳା ଶେଷରେ ରୋଟାରୀ କ୍ଲବ ଅଫ ଭୁବେନଶ୍ୱର ଏାକ୍ରକ୍ଷେତ୍ରର ସେକ୍ରେଟାରୀ ସୂର୍ଯ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରୀ କ୍ଲବର ଉପସଭାପତି ଡ.ମମତା ଦାଶ କର୍ମଶାଳାକୁ ସଂଚାଳନ କରିଥିଲେ। ଏହି କର୍ମଶାଳାରେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କର୍ମଶାଳା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ବୋଲି ସ୍କୁଲ ଅଫ ୱମେନ୍ସ ଷ୍ଟଡ଼ିଜର ନିର୍ଦ୍ଦେଶିକା ପ୍ରଫେସର ଜୟନ୍ତୀ ଦୋରା ଏବଂ ରୋଟାରିଆନ ଅଚ୍ୟୁତାନନ୍ଦ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

# ଆଗାମୀ ତ୍ରିସ୍ତରୀୟ ପଂଚାୟତିରାଜ ଓ ପୌରପରିଷଦ ଇସ୍ତାହାର ପ୍ରସ୍ତୁତି ନିମନ୍ତେ ପିସିସ ପକ୍ଷରୁ ଜିଲ୍ଲା ସ୍ତରରେ ସଂଯୋଜକମାନଙ୍କୁ ଦାୟିତ୍ୱ ଅର୍ପଣ

ଭୁବନେଶ୍ୱର,୨୮/୯ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତିରାଜ ଓ ପୌରପରିଷଦ ଇସ୍ତାହାର ପ୍ରସ୍ତୁତି ନିମନ୍ତେ ପିସିସ ସଭାପତି ନିରଞ୍ଜନ ପଟ୍ଟନାୟକ ଜିଲ୍ଲା ସ୍ତରରେ ନିମ୍ନଲିଖିତ ସଂଯୋଜକମାନଙ୍କୁ ଦାୟୀତ୍ୱ ଅର୍ପଣ କରିଛନ୍ତି । ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋଙ୍କୁ କେନ୍ଦ୍ରପଡ଼ା/ ଜଗତସିଂହପୁର ଓ କଟକ ଜିଲ୍ଲା, ନକୁଳ ନାୟକଙ୍କୁ ନବରଙ୍ଗପୁର ଓ ମାଲକାନଗିରି, ଉମାବଲ୍ଲଭ ରଥଙ୍କୁ ପୁରୀ, ନୟାଗଡ଼ ଓ ଖୋର୍ଦ୍ଧା, ସତ୍ୟଭୂଷଣ ସାହୁଙ୍କ ବରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା, ସମରେନ୍ଦ୍ର ମିଶ୍ରଙ୍କୁ ବଲାଙ୍ଗିର ଓ ସୋନପୁର, ଶ୍ରୀ ରାଜକିଶୋର ଷଡ଼ଙ୍ଗୀଙ୍କୁ ସୁନ୍ଦରଗଡ଼ ଓ ରାଉରକେଲା, ବିସ୍ମୟ ମହାପାତ୍ରଙ୍କୁ କନ୍ଧମାଳ, ଗଜପତି ଓ ଗଞ୍ଜାମ, ଜ୍ଞାନଦେବ ବେଉରାଙ୍କୁ ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼, ମନୋରଞ୍ଜନ ଦାଶଙ୍କୁ ବୌଦ୍ଧ, ସତ୍ୟଶିବ ଦାସଙ୍କୁ ବାଲେଶ୍ୱର, ନିରୋଜ ଲୋଚନ ଦାସଙ୍କୁ ମୟୁରଭଞ୍ଜ, ରତିକାନ୍ତ ବରାଳଙ୍କୁ କେନ୍ଦୁଝର, ଯାଜପୁର ଓ ଭଦ୍ରକ, ଡ. ଦେବାଶିଷ ପଟ୍ଟନାୟକଙ୍କୁ ରାୟଗଡ଼ା ଓ କୋରାପୁଟ ଓ ସର୍ବୋପରି ଡ. ହମିଦ ହୁସେନଙ୍କୁ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଦାୟିତ୍ୱ ଶ୍ରୀ ପଟ୍ଟନାୟକ ଦେଇଛନ୍ତି। ସମସ୍ତ ସଂଯୋଜକମାନେ ଉକ୍ତ ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ସହ ଆଲୋଚନାକରି ସ୍ଥିରୀକୃତ ତାରିଖ ଓ ସମୟ ଅବଧିରେ କାର୍ଯ୍ୟ ସମାପନ କରିବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଅବଗତ କରିଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସଂପାଦକ ଶ୍ରୀଯୁକ୍ତ ବୈଦ୍ୟନାଥ ସ୍ୱାଇଁ ପ୍ରକାଶ କରିଛନ୍ତି।

# ସବୁ ବର୍ଗର ଲୋକମାନଙ୍କର ଆଣ୍ଟିବଡି ଭଲ ରହିଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୮/୯ (ନି.ପ୍ର): ଓଡ଼ିଶାରେ ତୃତୀୟ ଲହରର ବିଶେଷ ପ୍ରଭାବ ପଡ଼ି ନ ପାରେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଯେଉଁ ରାଜ୍ୟରେ ସଂକ୍ରମଣ ବଢ଼ିଛି ତାହା ସେମିତି ଅଧିକ ନୁହେଁ। ସେହି ଟ୍ରେଣ୍ଡକୁ ଦେଖିଲେ ଲାଗୁଛି ଆମେ ଭଲ ସ୍ଥିତିରେ ରହିବା। ବର୍ତ୍ତମାନ ଟ୍ରେଣ୍ଡ ଅନୁଯାୟୀ ଆମେ ଭଲ ସ୍ଥିତିରେ ରହିଛେ। ସେରୋସର୍ଭେ ରିପୋର୍ଟ ବହୁତ ଭଲ ଆସିଛି। ରିପୋର୍ଟ ଅନୁଯାୟୀ ସମସ୍ତ ବର୍ଗର ଲୋକମାନଙ୍କର ଆଣ୍ଟିବଡି ଭଲ ରହିଛି। ହେଲ୍ଥ କେୟାର ମାନଙ୍କର ୯୩ ପ୍ରତିଶତ,ସାଧାରଣ ଲୋକଙ୍କର ୭୩ ପ୍ରତିଶତ, ଏହା ବାଦ ଯୁବବର୍ଗ, ବୟସ୍କ ଏବଂ ଶିଶୁମାନଙ୍କର ଯାହା ଆଣ୍ଟିବଡି ରହିଛି, ତାହା ଆମ ପାଇଁ ବହୁତ ଭଲ ରହିଛି। ଟିକା ନେଇଥିବା ଲୋକଙ୍କର ବି ଏଥିରେ ଭଲ ଆଣ୍ଟିବଡି ରହୁଥିବା ଜଣାପଡ଼ିଛି। ଏହାଦ୍ୱାରା ଆମେ ଜାଣି ପାରିଲୁ ଯେ ଆମର ସମସ୍ତଙ୍କ ଦେହରେ ଆଣ୍ଟିବଡି ହେଲାଣି,ଟିକାକରଣ ପ୍ରକ୍ରିୟା କାମ କରୁଛି ଓ କୋଭିସିଲିଡ ଏବଂ କୋଭାକସିନ ଭିତରେ କିଛି ଫରକ ନଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଏହା ବାଦ୍ ଗ୍ରାମାଞ୍ଚଳରେ ବି ଭଲ ଅଣ୍ଟିବଡି ବିକଶିତ ହୋଇଛି। ଯାହା ଏବେ ସଂକ୍ରମଣର ସ୍ଥିତି ରହିଛି ତାହା ନିୟନ୍ତ୍ରଣାଧୀନ ରହିଛି । ମାତ୍ର ଏହାପରେ ବି ଆମେ ଖାମଖିଆଲ ହେବାନି। ଆଗକୁ ପାର୍ବଣ ଋତୁ ଆସୁଛି । ସାମାଜିକ ଦୂରତା ଓ କଟକଣା ମାନିବାକୁ ହେବ।

# ଆନ୍ଧ୍ରର ପୁଣି ଦାଦାଗିରି : କୋଟିଆରେ ତେଲୁଗୁ ଭାଷାରେ ବୋର୍ଡ଼ ଲଗାଇବାକୁ ସମାଜବାଦୀ ପାର୍ଟିର ନିନ୍ଦା

ଭୁବନେଶ୍ୱର,୨୮/୯ (ନି.ପ୍ର): ପୁଣି ଆନ୍ଧ୍ର ସରକାର କୋଟିଆ ଗ୍ରାମପଞ୍ଚାୟତରେ ନିଜର ଦାଦାଗିରି ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ସରକାରୀ ଜନମଙ୍ଗଳ ଯୋଜନା କାର୍ଯ୍ୟକାରୀ କରାଯିବା ପରେ ଏବେ ଆନ୍ଧ୍ର ସରକାର ଓଡ଼ିଆ ଭାଷା ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ବାତ୍ୟା ଗୁଲାବର ସୁଯୋଗ ନେଇ କୋଟିଆ ଗ୍ରାମପଞ୍ଚାୟତର ଫାଟୁସିନେରୀ ଓ ଫଗୁସିନେରୀ ଅଂଚଳରେ ଆନ୍ଧ୍ର ସରକାର ତେଲୁଗୁ ଭାଷାରେ ବୋର୍ଡ଼ ଲଗାଇବା ଆରମ୍ଭ କରିଦେଇଛନ୍ତି। ଏଠାରେ ଉଲ୍ଲେଖ ଥାଉକି, ଓଡ଼ିଶା ସରକାରଙ୍କ ପକ୍ଷରୁ ଗତମାସରେ କୋରାପୁଟ ଜିଲ୍ଲା ପ୍ରଶାସନ କୋଟିଆ ଗ୍ରାମପଞ୍ଚାୟତର ସବୁ ଗାଁରେ ଓଡ଼ିଆଭାଷାରେ ବୋର୍ଡ଼ ମାରିଥିଲେ। ଓଡ଼ିଆ ବୋର୍ଡ଼କୁ ଘୁଂଚାଇବାର ଦୁଃସାହସ କରିନପାରି ଆନ୍ଧ୍ର ପ୍ରଶାସନ ପକ୍ଷରୁ ତେଲୁଗୁ ଭାଷାରେ ଏହି ଦୁଇ ପଂଚାୟତରେ ଫାଟୁସିନେରୀ ଓ ଫଗୁସିନେରୀରେ ତେଲୁଗୁ ଭାଷାରେ ଯେଉଁ ବୋର୍ଡ଼ ଲଗାଯାଇଛି ଏହା ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ତଥା ଓଡ଼ିଶାର ଭୌଗୋଳିକ ସ୍ୱାତନ୍ତ୍ର୍ୟ ଓ ସ୍ୱାଭିମାନ ଉପରେ ଚରମ ଆକ୍ରମଣ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ତୁରନ୍ତ କୋରାପୁଟ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାର ଆନ୍ଧ୍ର ସରକାରଙ୍କ ପାଖରେ ଏହାର ପ୍ରତିବାଦ କରିବା ସହିତ ତେଲୁଗୁ ଭାଷାରେ ମରା ଯାଇଥିବା ଏହି ବୋର୍ଡ଼କୁ ହଟାଇ ନେବା ପାଇଁ ପତ୍ର ଲେଖିବା ଉଚିତ। ଯଦି ଆନ୍ଧ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନନିଅନ୍ତି, ତେବେ ଓଡ଼ିଶା ସରକାର ଏହି ବୋର୍ଡ଼ଗୁଡ଼ିକୁ ବାହାର କରିଦେଇ ସେଠାରେ ଓଡ଼ିଆରେ ବୋର୍ଡ଼ ମାରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

# ୱାଇଡ ରେକଡସ୍‌ରେ ଚର୍ଚ୍ଚିତା ଡଃ ସୁଧନ୍ୟା



ଭୁବନେଶ୍ୱର,୨୮/୦୯(ନି.ପ୍ର): ଡଃ ସୁଧନା ନାଥ ସାରା ଦେଶରେ ଦୀର୍ଘଦିନ ଧରି ଲକ୍‌ଡାଉନ୍ ଜାରି ରହିଥିବା ବେଳେ ସମୟର ସଦୁପଯୋଗ କରି ଲୋକ ଚର୍ଚ୍ଚାକୁ ଆସିଛନ୍ତି । ସେ ୧୦୦ରୁ ଉର୍ଦ୍ଧ୍ୱ କବିତା ଗୁଚ୍ଛରେ ଭାଗନେଇ ୧୦୦୦ରୁ ଉର୍ଦ୍ଧ୍ୱ ଇସାର୍ଟିଫିକେଟ୍ ଲାଭ କରିଥିବାରୁ, ବିଭିନ୍ନ ଭେଟେରିନାରି ବିଷୟରେ ୱେବିନାର, ଗଳ୍ପ, କ୍ୱିଜ୍, ଚିତ୍ରକଳା, ଗୀତ, ରୋଷେଇ ଇତ୍ୟାଦଦିରେ ଭାଗନେଇ ବହୁ ପୁରସ୍କାର ପ୍ରାପ୍ତ ହୋଇଥିବାରୁ ତାଙ୍କୁ ଇଙ୍କ୍ ଜଏଡ୍ ବୁକ୍ ଅଫ୍ ୱିଲ୍‌ଡ ରେକଡସ୍ ୨୦୨୧, ଗୋଇଭ୍‌କ୍ ଜୋଡିଆକ୍ ଆୱାଡ୍ ୨୦୨୧, ଓଏମ୍‌ଜି ବୁକ୍ ଅଫ୍ ୱାଲଡ୍ ରେକଡସ୍ ଏବଂ ଗ୍ଲୋରିଅସ୍ ବୁକ୍ ଅଫ୍ ରେକଡସ୍ ଦ୍ୱାରା ସମ୍ବର୍ଦ୍ଧନା । କରାଯାଇଛି । ସେ ଓୟୁଏଟିର ଚିକିତ୍ସା ପ୍ରାଣୀ ବିଜ୍ଞାନର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡଃ ଇନ୍ଦ୍ରମଣି ନାଥ ଓ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡଃ ଶାଶ୍ୱତୀ ସୌମ୍ୟା ସାହୁଙ୍କ ଜ୍ୟେଷ୍ଠା କନ୍ୟା । ସେ ବର୍ତ୍ତମାନ ପଶ୍ଚିମବଙ୍ଗ ପ୍ରାଣୀ ଏବଂ ମତ୍ସ୍ୟ ବିଶ୍ୱବିଦ୍ୟାଳୟର ପିଏଚଡି ସ୍କଲାର ଭାବେ କାର୍ଯ୍ୟରତା ଅଛନ୍ତି ।

## ନେହେରୁବଙ୍ଗଳା ଡଙ୍ଗା ବୁଡିରେ ମୃତକଙ୍କ ପରିବାରକୁ ସହାୟ୍ୟର ହାତ ବଢାଇଲେ ସାମାଜସେବୀ

ପାରାଦୀପ,୨୮/୦୯ (ନି.ପ୍ର): ଗତ ସପ୍ତାହ ରେ ପାରାଦୀପ ନେହେରୁ ବଙ୍ଗଳା ମୁହାଣ ରେ ଲଘୁଚାପ ଜନିତ ସମୁଦ୍ର ଅଶାନ୍ତ ରେ ଡଙ୍ଗା ବୁଡ଼ିଯାଇଥିଲା । ଏହି ଡଙ୍ଗା ରେ ଥିବା ପାରାଦୀପ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧିନସ୍ଥ ଷଣ୍ଢକୁଦ ବସ୍ତି ର ଅନ୍ୟତମ ମତ୍ସ୍ୟଜୀବୀ ଦମ୍ମଲ କାମରାଜୁ ସେହି ଦିନ ଠାରୁ ନିଖୋଜ ଥିଲେ । ଗଂଜାମ ଜିଲ୍ଲା ରମ୍ଭା ସମୁଦ୍ର ବେଳାଭୂମି ରେ କାମରାଜୁଙ୍କ ଗଳିତ ମୃତ ଦେହ ଉଦ୍ଧାର ହେବା ପରେ ତାଙ୍କ ପରିବାର ଦୁଃଖ ରେ ଭାଙ୍ଗି ପଡିଛନ୍ତି । କାମରାଜୁ ପରିବାର ର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ରୁ ତାଙ୍କ ପରିବାର ଏବେ ଦୁଖ କଷ୍ଟ ରେ କାଳାତିପାତ କରୁଛନ୍ତି । କାମରାଜୁ ଙ୍କ ବୃଦ୍ଧ ବାପା, ମାଆ, ବିଧବା ପତ୍ନୀ ଓ ତିନି ଝିଅ ଏବେ ଅସହାୟ ହୋଇପଡିଛନ୍ତି । ଲୋକଙ୍କ ଠାରୁ ଏକି ଖବର ପାଇ ପାରାଦୀପ ର ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକ ଷଣ୍ଢକୁଦ ବସ୍ତି ରେ ଥିବା କାମରାଜୁଙ୍କ ଘରେ ପହଂଚି ମୃତ ପରିବାର କୁ ସହଯୋଗ ର ହାତ ବଢାଇଛନ୍ତି । ଦିବଙ୍ଗତ କାମରାଜୁ ଙ୍କ ପରିବାର କୁ ଶାନ୍ତ୍ୱନା ଦେବା ସହ ପରିବାର ର ଭଲମନ୍ଦ ଶ୍ରୀ ପଟ୍ଟନାୟକ ବୁଝିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପିପିଲି ଉପନିର୍ବାଚନ ପାଇଁ ....

୩ ଜଣ ଅତିରିକ୍ତ ଏସ୍‌ପି ଓ ୭ ଜଣ ଡିଏସ୍‌ପି ସହଯୋଗ କରୁଛନ୍ତି । ଏଥର ୨୦୧ଟି ସମ୍ବେଦନଶୀଳ ବୁଥ୍ ରେ ଜଣେ ମାଇକ୍ରୋ ଓବ୍‌ଜରଭର କିମ୍ବା କେନ୍ଦ୍ର ଅର୍ଦ୍ଧସାମରିକ ବାହିନୀ କିମ୍ବା ୱେବ୍ କାଷ୍ଟିଂ କିମ୍ବା ଭିଡିଓ ରେକର୍ଡିଂ ମଧ୍ୟରୁ ଗୋଟିଏ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଏହି ଉପନିର୍ବାଚନ ପାଇଁ ୪୨୩ଟି ଗାଡ଼ିକୁ ନିୟୋଜିତ କରାଯାଇଛି । ପୋଲିଂ ପାର୍ଟି, ପୁଲିସ୍ ଓ ଅର୍ଦ୍ଧସାମରିକ ବାହିନୀ ପାଇଁ ଏହି ସବୁ ଗାଡ଼ିର ବ୍ୟବସ୍ଥା କରାଯାଇଛି । ଉପନିର୍ବାଚନରେ ସାମିଲ ସମସ୍ତ କର୍ମଚାରୀ ଡବଲ୍ ଡୋଜ୍ ନେଇଛନ୍ତି । ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ଘରୁ ଆଣି ପୁଣି ଘରେ ଛାଡ଼ିବା ପାଇଁ ବ୍ୟବସ୍ଥା ହୋଇଛି । ପୋଲିଂ ବୁଥ୍ ଗୁଡ଼ିକରେ ସେମାନଙ୍କ ପାଇଁ ହ୍ୱିଲ୍ ଚେୟାର ବ୍ୟବସ୍ଥା ରହିବ । ତା'ସହିତ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି । ମତଦାନ କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ଭୋଟରଙ୍କୁ ହ୍ୟାଣ୍ଡଗ୍ଲୋବ୍‌ସ ଓ ମାସ୍କ ଦିଆଯିବାର ବ୍ୟବସ୍ଥା ହୋଇଛି । ସେହିଭଳି ସେମାନଙ୍କ ଶରୀରର ତାପମାତ୍ରା ବି ମପାଯିବ । କୌଣସି ଭୋଟରଙ୍କ ଶରୀରର ତାପମାତ୍ରା ସାଧାରଣରୁ ଅଧିକ ଥିଲେ ବା ସେମାନଙ୍କ ଠାରେ କୋଭିଡ୍ ରେ ଅନ୍ୟ କୌଣସି ଲକ୍ଷଣ ଥିଲେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ । ସେମାନଙ୍କୁ ଏକ ଚିରକୁଟ୍ ଦେଇ ଘରକୁ ପଠାଇ ଦିଆଯିବ । ସେମାନେ ଭୋଟ୍ ଗ୍ରହଣର ଅନ୍ତିମ ୧ ଘଂଟାରେ ଆସି ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ ।

## କଂଗ୍ରେସରେ ଯୋଗ ଦେଲେ ....

ମୋଦି ସରକାରଙ୍କୁ ନେଇ କହ୍ନେୟାଙ୍କର ଯେଉଁ ଆଭିମୁଖ୍ୟ ରହିଥିଲା ତାହାକୁ ଦେଶର ଯୁବବର୍ଗ ବେଶ ପସନ୍ଦ କରିଥିଲେ । ଜ୍ୟୋତିରାଦିତ୍ୟ ଓ ସୁସ୍ମିତା ଦେବଙ୍କ ଭଳି ଯୁବ ନେତା କଂଗ୍ରେସର ହାତ ଛାଡୁଥିବା ବେଳେ କହ୍ନେୟା ଓ ଜିଗ୍ନେଶଙ୍କ ଭଳି ଯୁବନେତାଙ୍କୁ ଦଳରେ ସାମିଲ କରି ବିଜେପିକୁ କଡା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛି । ଆଗାମୀ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ରଣନୀତି କଂଗ୍ରେସ ପ୍ରସ୍ତୁତ କରୁଥିବା କୁହାଯାଉଛି । ବିହାରରେ ଗତ ୩ ଦଶକ ହେବ ହାତ ଟେକି ପାରୁନି କଂଗ୍ରେସ । ଏପରିକି ବିହାରରେ ମହାଗଠବନ୍ଧନ କରି ଦଳକୁ ନିର୍ବାଚନ ଲଢିବାକୁ ପଡୁଛି । ତେଣୁ ବିହାରରେ ପୁଣିଥରେ କଂଗ୍ରେସକୁ କମବ୍ୟାକ କରାଇବାକୁ କହ୍ନେୟା କୁମାରଙ୍କୁ ସାଥୀରେ ନେଇଥାଇପାରେ କଂଗ୍ରେସ । ସେହିଭଳି ଗୁଜୁରାଟରେ ଗତ ନିର୍ବାଚନରେ ବିଜେପିକୁ କଡା ଟକ୍କର ଦେଇଥିଲା କଂଗ୍ରେସ । ତେଣୁ ଏଥର ଶାସନ କ୍ଷମତାରେ ବସିବାକୁ କଂଗ୍ରେସ ଜିଗ୍ନେଶଙ୍କ ଭଳି ଯୁବ ଚେହେରାଙ୍କୁ ଦଳରେ ସାମିଲ କରିଛି ।

## ଓଡ଼ିଆଭାଷା ଉପରେ ଝାଡଖଣ୍ଡ....

ପ୍ରଶାସନ କୋଟିଆ ଅଂଚଳର ବିଭିନ୍ନ ଗ୍ରାମରେ ତେଲୁଗୁ ଭାଷାରେ ଲିଖିତ ନାମଫଳକ ଲଗାଇ ଦେଇଛି । ବାତ୍ୟା ଜନିତ ବର୍ଷା ଯୋଗୁ ଗମନାଗମନ କୋଟିଆ ଅ ଳକୁ ବ୍ୟାହତ ହୋଇଥିଲା ବେଳେ ଆନ୍ଧ୍ରର ଏହି ଘେରା ପଦକ୍ଷେପ ଓଡ଼ିଆଭାଷା ଉପରେ ଏକ ଚରମ ଆକ୍ରମଣ । ଗୋଟିଏ ଦିଗରେ ଓଡ଼ିଶାର ଭୂଗୋଳକୁ ଖଣ୍ଡବିଖଣ୍ଡିତ କରିବା ପାଇଁ ଷଡ଼ଯନ୍ତ୍ର ଏବଂ ଅନ୍ୟ ଦିଗରେ ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଆନ୍ଧ୍ରର ଏହି ଆକ୍ରମଣ ଅସହ୍ୟ ହେଲାଣି । ତୁରନ୍ତ ମୁଖ୍ୟମନ୍ତ୍ରୀ ଘଟଣାର ହସ୍ତକ୍ଷେପ କରି କୋଟିଆ ଓଡ଼ିଆଭାଷାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

## 'ଉରି'ରେ ସେନାର ଅପରେସନ....

ଉରିର ସେହି ବାଟ ଦେଇ ଭାରତରେ ପ୍ରବେଶ କରିଥିଲେ, ଯେଉଁବାଟ ଦେଇ ୨୦୧୬ରେ ଆତଙ୍କବାଦୀ ଅନୁପ୍ରବେଶ କରି ଉରି ବେସ୍ କ୍ୟାମ୍ପରେ ଆକ୍ରମଣ ଭିଆଇଥିଲେ । ତେବେ ଗିରଫ ଆତଙ୍କୀ ନିକଟରୁ ସେନା ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଛି । ଏକେ ସିରିଜ, ପିସ୍ତଲ, ରିଭଲଭର, ଗ୍ରାନାଇଡ, ଏବଂ ଭାରତୀୟ ମୁଦ୍ରା ଓ ପାକ ମୁଦ୍ରାକୁ ଜବତ କରାଯାଇଛି । ଗିରଫ ହୋଇଥିବା ୧୯ ବର୍ଷୀୟ ଆତଙ୍କୀ ଅଲ୍ଲୀ କହିଛି, ତା ପରିବାର ଅତ୍ୟନ୍ତ ଗରିବ । ତାଙ୍କୁ ଅଧାରୁ ସ୍କୁଲ ପାଠ ପଢା ମଧ ଛାଡିବାକୁ ମିଳିଥିଲା । ତାର ମାଆର ଚିକିତ୍ସା ପାଇଁ ତାକୁ ଅର୍ଥ ଆବଶ୍ୟକ ରହିଥିଲା, ତେଣୁ ସେ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇଥିଲା ।

## ଲାଞ୍ଚ ନେଲା ବେଳେ ଧରା....

କୃଷି ଜିଲ୍ଲା ଅଧିକାରୀ ହିମାଂଶୁ ପାଢ଼ି ସାର ଦୋକାନୀଙ୍କ ଠାରୁ କେମିକାଲ ମିଶା ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଧରିଥିଲେ । ପରେ ଶ୍ରୀ ପାଢ଼ିଙ୍କ ହାତୀଶାଳପଡ଼ା ସ୍ଥିତ ଭଡ଼ା ଘରକୁ ଯାଇ ଭିଜିଲାନ୍ସ ଅଧିକାରୀମାନେ ଖୋଳତାଡ଼ କରିଥିଲେ । ଭଡ଼ାଘରୁ ଛୋଟ ଗଞ୍ଜେଇ ପୁଡ଼ିଆଟିଏ ମଧ ମିଳିଛି ବୋଲି ଜଣାପଡ଼ିଛି । ଭିଜିଲାନ୍ସ କୃଷି ଜିଲ୍ଲା ଅଧିକାରୀଙ୍କୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

## ୨୦୦୬ ଓଏଏସ୍ ବିବାଦ ....

ନିଯୁକ୍ତି ପରୀକ୍ଷା ଓ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ସୁରଭି ମହାନ୍ତି ଓ କେତେକ ପ୍ରାର୍ଥୀ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ । ସ୍ୟାଟ ମାମଲାର ବିଚାର କରି ୩୭୮ ପ୍ରାର୍ଥୀଙ୍କ ଚୟନ ରଦ୍ଦ କରିଥିଲେ । ସୁରଭି ମହାନ୍ତି ନିଜେ ହାଇକୋର୍ଟରେ ମାମଲା ପରିଚାଳନା କରୁଛନ୍ତି ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରରେ ବାରିପଦାରେ ବନ୍ଦ ପାଳନ




ବାରିପଦା,୨୮/୦୯ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରରେ ଭାରତ କୃଷକ ସଭା , ଅଖିଳ ଭାରତ କୃଷକ ସଭା, ସି.ଆଇ.ଟି.ୟୁ , ଆ।ଇ.ଏନ.ଟି.ୟୁ.ସି , ଏ.ଆଇ.ଟି.ୟୁ.ସି, ଏଟିଏମଏସ , କଂଗ୍ରେସ, ଜେଏମଏମ, ସି.ପି.ଆଇ ଓ ସି.ପି.ଆଇ.ଏମ ର ପ୍ରାୟ ୨୫୦ ଜଣ କର୍ମୀ ସମର୍ଥକ ପଟୁଆର ଓ ପିକେଟିଙ୍ଗ ମାଧ୍ୟମରେ ଅଫିସ ଅଦାଲତ, ବ୍ୟାଙ୍କ, ଦୋକାନ ବଜାର ଓ ଗାଡିମଟର ବନ୍ଦ କରିଥିଲେ । ୨୧ ଦଫା ଦାବୀରେ ମୋର୍ଚ୍ଚା ଏହି ବନ୍ଦ ଡକରା ଦେଇଥିବା ବେଳେ, ୩ଟି କଳା କୃଷି ଆଇନ ଓ ୪ଟି ଶ୍ରମ କୋଡ ବାତିଲ ଓ ବିଜୁଳି ଅଧିନିୟମ ୨୦୨୦ ପ୍ରତ୍ୟାହାର , ଏମ.ଏସ.ପି କୁ ସ୍ୱାମୀନାଥନ କମିଶନର ସୁପାରିଶ ମୁତବକ ଆଇନ ବୈଧତା, ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକୁ ଗଣବଣ୍ଟନ ବ୍ୟବସ୍ଥା ଜରିଆରେ ସ୍ୱଳ୍ପ ମୂଲ୍ୟରେ ଜନଗଣଙ୍କୁ ବଣ୍ଟନ, ମନରେଗାରେ ବର୍ଷକୁ ୨୦୦ ଦିନର କାମ ଗ୍ୟାରେଣ୍ଟି ସହ ୬୦୦ ଟଙ୍କା ମଜୁରି ,କୃଷି ଶ୍ରମିକ ସ୍ୱାର୍ଥ ରକ୍ଷା ପାଇଁ ଆଇନଗତ ଅଧୁକାର ନିମନ୍ତେ କେନ୍ଦ୍ରୀୟ ଆଇନ ପ୍ରଣୟନ , ଭାଗଚାଷୀ କୁ ଚାଷୀର ମାନ୍ୟତା ଓ ମୂଲ୍ୟ ହ୍ରାସ କରିବା ଦାବୀରେ ଏଇ ବନ୍ଦ ଡାକରା ଦଆଯାଇଥିଲା । ବନ୍ଦର ପ୍ରଭାବରେ ଜାତୀୟ ରାଜପଥରେ ବହୁ ଗାଡି ମଟର ଅଟକି ରହିଥିବା ବଳେ, ଅଫିସ ବ୍ୟାଙ୍କ ଆଦି ସରକାରୀ ଓ ବେସର କାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକ ବନ୍ଦ ରହିଥିଲା । କାଁଭାଁ ଦୋକାନ ବଜାର ଖୋଲା ଥିବା ବେଳେ, ଆନ୍ଦୋଳନ କାରୀ ମାନେ ପିକେଟିଂ କରି ବନ୍ଦ କରାଇଥିଲେ । ଆଜିର ବନ୍ଦ ରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦଶ୍ୟ ପ୍ରଶାନ୍ତ ମିଶ୍ର , ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର , ସିପିଆଇଏମ ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀ , ସିଆଇଟିୟୁ ଜିଲ୍ଲା ସମ୍ପାଦକ ଅମଳ ଦେ , କୋଷାଧକ୍ଷ ରଘୁନାଥ ପଣ୍ଡା ସଦଶ୍ୟ ନାଥ ସିଂ , ଅକ୍ଷୟ କୁମାର ଖୁଣ୍ଟିଆ, ଜେଏମଏମର ଓଡିଶା ପ୍ରଦେଶ ଅଧ୍ୟକ୍ଷା ଅଞ୍ଜନୀ ସୋରେନ, ରାଜ୍ୟ ମୁଖପାତ୍ର ଶିବାଜୀ ମୌଳିକ, ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି ପ୍ରଭୁଦାନ ମାର୍ଣ୍ଡି, ମୟୂରଭଞ୍ଜ ଯୁବ ସଭାପତି ଅର୍ଜୁନ ମୁର୍ମୁ, ବରିଷ୍ଠ ନେତା ଅନନ୍ତ ମୁର୍ମୁ ,ସମ୍ପାଦକ ଚୈତନ ସୋରେନ, ଉପ ସଭାପତି ସୁରୋଜ ଘୋଡେଇ ଶୁଳିଆପଦା ବ୍ଲକ ଯୁବ ସଭାପତି ବିଦୁ ଚନ୍ଦନ ହାଁସଦାଃ, ବାଜୁନ ସୋରେନ, ବିଶ୍ୱନାଥ ମୁର୍ମୁ, ନବ ହାଁସଦାଃ, କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ହେମନ୍ତ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଟାଉନ ସଭାପତି ଶାନ୍ତନୁ ପାଲ ପରମୁଖଙ୍କ ନେତୃତ୍ୱରେ ବହୁ ଦଳିୟ କର୍ମୀ ଯୋଗଦେଇଥିଲେ ।

## ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୮/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୮୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । କଟକ, ଗଂଜାମ, ଯାଜପୁର, କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ପାରାଦୀପ ବନ୍ଦର ପକ୍ଷରୁ ୪୪ ତମ ବିଶ୍ୱ ନୌବାଣିଜ୍ୟ ଦିବସ ପାଳିତ



ପାରାଦୀପ,୨୮/୦୯ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ଦିନ ବିଶ୍ୱ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପାରାଦୀପ ବନ୍ଦର ମେରାଇନ୍ ସାଇଟ୍ ଅଫିସ୍ ପରିସର ରେ କୋଭିଡ୍-୧୯ ଗାଇଡ୍ ଲାଇନ୍ ପାଳନ କରି ଏକ ସଂକ୍ଷିପ୍ତ ସମାରୋହ ଆୟୋଜିତ ହୋଇଥିଲା । ବନ୍ଦର ର ହାରବର୍ ମାଷ୍ଟର କ୍ୟାପ୍‌ଟେନ୍ ଅଲେଖ ଚନ୍ଦ୍ର ସାହୁ ନୌବାଣିଜ୍ୟିକ ପତାକା ଉତ୍ତୋଳନ କରିଥିଲେ । ଏହି ବିଶ୍ୱ ନୌବାଣିଜ୍ୟ ଦିବସ ପାଳନ ନିମନ୍ତେ କୌଣସି ନିର୍ଦ୍ଧିଷ୍ଟ ତାରିଖ ଧାର୍ଯ୍ୟ ନ ଥିବା ବେଳେ ଜାହାଜ ଚଳାଚଳ ବିଭାଗ ର ମହା ନିର୍ଦ୍ଦେକ ଘୋଷଣା କରିଥିବା ତାରିଖ ଅନୁଯାୟୀ ଏହା ପାଳନ କରାଯାଇଥାଏ । ଏହା ମୁଖ୍ୟତଃ ସେପ୍ଟେମ୍ବର ମାସ ଶେଷ ସପ୍ତାହ ରେ ଅୟୋଜନ କରାଯାଇଥାଏ । ଚଳିତ ବର୍ଷ ଏହା ସେପ୍ଟେମ୍ବର ମାସ ୨୮ ତାରିଖ ରେ ପାଳନ କରିବା କୁ ଜାହାଜ ଚଳାଚଳ ବିଭାଗ ର ମହା ନିର୍ଦ୍ଦେକ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ମଙ୍ଗଳବାର ଦିନ ଏହି ଉତ୍ସବ ପାରାଦୀପ ବନ୍ଦର ପକ୍ଷରୁ ପାଳନ କରାଯାଇଥିଲା । ୧୯୭୮ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ପ୍ରଥମ କରି ଏହି ଉତ୍ସବ ପାଳନ କରାଯାଇଥିଲା । ଆନ୍ତର୍ଜାତୀୟ ନୌବାଣିଜ୍ୟ ସଂଗଠନ ୧୯୫୮ ମସିହା ରୁ ଏ ପର୍ଯ୍ୟନ୍ତ ଏହି ପାଳନ କରି ଆସୁଅଛି । ବିଶ୍ୱ ନୌବାଣିଜ୍ୟ କୁ ସୁରକ୍ଷିତ କରିବା ତଥା ପରିବେଷ ସୁରକ୍ଷା ଆଦି କୁ ଗୁରୁତ୍ୱ ଦିଆଯାଉଥିବା ନେଇ ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାର ରୁ ଜଣାପଡିଛି ।

## ଶୋଚନୀୟ ସୁଏଲପୁର ରାସ୍ତାକୁ ନେଇ ବଢୁଛି ଜନ ଅସନ୍ତୋଷ

ବାଲେଶ୍ୱର,୨୮/୦୯ (ନି.ପ୍ର): ଦୀର୍ଘ ଦିନ ଧରି ଟାଉନ ହଲ ଛକଠାରୁ ମଣ୍ଡଳ ବଜାର ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ 'ସୁଏଲପୁର ରାସ୍ତା'ର ଶୋଚନୀୟ ଅବସ୍ଥାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସଦର ବିଜେପି ନେତା ତଥା ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ ଦତ୍ତ । ସ୍ଥାନୀୟ ବାସିନ୍ଦାଙ୍କ ସମେତ ଶ୍ରୀ ଦତ୍ତଙ୍କ ନେତୃତ୍ୱରେ ସଦର ବିଜେପିର ଏକ ପ୍ରତିନିଧି ଦଳ ଚାଲି ଚାଲି ଯାଇ ଟାଉନହଲ ଛକଠାରୁ ମଣ୍ଡଳବଜାର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅନୁଧ୍ୟାନ କରିଥିଲେ । ପରେ ରାସ୍ତା ଉଭୟ ପାର୍ଶ୍ୱରେ ବସବାସ କରୁଥିବା ପ୍ରାୟ ୨୦୦ ପରିବାର ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପ-ଜିଲ୍ଲାପାଳ ତଥା ପୌର ନିର୍ବାହ ଅଧିକାରୀ ଆଶିଷ ଈଶ୍ୱର ପାଟିଲଙ୍କୁ ପ୍ରଦାନ କରାଯାଇଥିଲା । ତୁରନ୍ତ ଏହି ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ କରିବା ସମ୍ପର୍କରେ ଶ୍ରୀ ଦତ୍ତ ଉପ-ଜିଲାପାଳ ଶ୍ରୀ ପାଟିଲଙ୍କ ସହ ଆଲୋଚନା କରିଥିଲେ । ରାସ୍ତା କାର୍ଯ୍ୟ ଆରମ୍ଭ ନ ହେଲେ ବଢୁଥିବା ଜନ ଅସନ୍ତୋଷ ଆଗାମୀ ୭ ଦିନ ପରେ ବିସ୍ଫୋରକ ସ୍ଥିତିରେ ପହଞ୍ଚିବ ବୋଲି ଶ୍ରୀ ଦତ୍ତ ଉପ-ଜିଲାପାଳଙ୍କୁ କହିଥିଲେ । ଉପ-ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ସୁଜିତ ଦେବ, ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର, ଲୋକନାଥ ଭୂୟାଁ, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ବିଜୟ ପାଣିଗ୍ରାହୀ, ଅଶୋକ ଦାସ, ସୁଶାନ୍ତ ବର୍ଦ୍ଧନ, ପଦ୍ମଲୋଚନ ବାରିକ ପ୍ରମୁଖ ବିଜେପି କର୍ମକର୍ତ୍ତାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସରକାରୀ ପଲିଥିନ ଚୋରି ନୁହେଁ ବରଂ ହିତାଧିକାରୀଙ୍କୁ ବଣ୍ଟା ଯାଇଛି : ପ୍ରଶାସନ

ଜଳେଶ୍ୱର, ୨୮/୯(ନିପ୍ର): ଗତ ଲଗାଣ ବର୍ଷା ଫଳରେ ଜଳେଶ୍ୱର ପୌରାଞ୍ଚଳର ୯ ନଂ ୱାର୍ଡରେ କେତେକ ଗରିବ ଲୋକଙ୍କ ଚାଳ ଛପର ନଷ୍ଟ ହୋଇଥିବାରୁ ସେମାନେ ପଲିଥିନ ପାଇବାଲାଗି ଆବେଦନ କରିଥିଲେ । ତୁରନ୍ତ ସହାୟତାଲାଗି ଗତ ୨୩ତାରିଖ ସଂଧ୍ୟାରେ ପଲିଥିନ ବଣ୍ଟ ଯାଇଥିଲା । ମାତ୍ର ସେ ଗୁଡିକୁ ଚୋରି କରାଯାଇ ବିକ୍ରି କରାଯାଉଥିବା ସଂପର୍କରେ ଅଭିଯୋଗ ହେବାପରେ ଏଡିସନାଲ ତହସିଲଦାର ଓ ପୁଲିସ୍ ପକ୍ଷରୁ ଭୁଲକ୍ରମେ ତରବରିଆଭାବେ ହିତାଧିକାରୀଙ୍କ ଠାରୁ ପଲିଥିନ ଫେରାଇ ଆଣାଯାଇଥିଲା । ପରେ ସେ ଗୁଡିକ ଯାଞ୍ଚ କରି ପୁଣି ଥରେ ଗତ ୨୬ ତାରିଖରେ ତହସିଲଦାର ସ୍ମୃତିରଂଜନ ମଲ୍ଲିକଙ୍କ ନିର୍ଦ୍ଦେଶରେ ଏଡିସନାଲ ତହସିଲଦାର ହେମନ୍ତ କୁମାର ନାୟକ ଓ ନାମ୍ପୋ ଆର୍‌ଆଇ ଦିଲ୍ଲିପ କୁମାର ଚାନ୍ଦ ଓ ସଦର ଆର୍ ଶରତ କୁମାର ବେହେରାଙ୍କ ଉପସ୍ଥିତିରେ ଆବଶ୍ୟକ କାଗତପତ୍ର ଦର୍ଶାଇ ସେହି ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବା ଜଣାଯାଇଛି ।

# ନୂତନ ପଡ଼ି ଦୋକାନୀ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ



ବାଲେଶ୍ୱର,୨୮/୦୯ (ନି.ପ୍ର): ଦୀର୍ଘଦିନ ଧରି ଖାଉଟି ସାମଗ୍ରୀରୁ ବଞ୍ଚିତ ରେସନ କାର୍ଡ଼ଧାରୀ ମଙ୍ଗଳବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିଆ ପଞ୍ଚାୟତର ଗଞ୍ଜା, ଭଅଁରେଶ୍ୱର, ଝିକିରିରଆ, ବିଶ୍ୱନାଥପୁର, ଜଳେଶ୍ୱରପୁର, ରାଉପୁର, ଲଙ୍ଗଳେଶ୍ୱର ଓ ବଣିଆଡିହା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କୁ ସାକ୍ଷାତ ସହ ସୁଲଭ ଖାଉଟି ସାମଗ୍ରୀ ପାଇବାରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁସାରେ ୮ ଗୋଟି ଗ୍ରାମ ପାଇଁ ଲଙ୍ଗଳେଶ୍ୱରର ଏକମାତ୍ର ପଞ୍ଜୀକୃତ ଖୁଚୁରା ଦୋକାନୀ ଲୋକଙ୍କୁ ଖାଉଟି ସାମଗ୍ରୀ ବଣ୍ଟନର ଦାୟିତ୍ୱ ତୁଲାଇ ଆସୁଛନ୍ତି । ପ୍ରତିମାସ ୭୫ ପ୍ରତିଶତ ଖାଉଟି ସାମଗ୍ରୀ ଉଠାଇ ତାହାକୁ ଅଳ୍ପ ଅଳ୍ପ କରି ରେସନ କାର୍ଡ଼ଧାରୀଙ୍କୁ ପ୍ରଦାନ କରୁଥିବା ବେଳେ ୨/୩ ଥର ଫେରିବା ପରେ ଲୋକେ ସାମଗ୍ରୀ ପାଉଛନ୍ତି । ଗୋଟିଏ ମାସରେ ବି କାର୍ଡ଼ଧାରୀଙ୍କୁ ଧାର୍ଯ୍ୟ ସାମଗ୍ରୀ ମିଳୁନଥିବା ସେମାନେ ଆରୋପ ଉଠାଇଛନ୍ତି । ଏନେଇ କେହି ଅଭିଯୋଗ କଲେ ତାଙ୍କୁ ଦୋକାନୀ ଅସଭ୍ୟ ଭାଷାରେ ଗଳିଗୁଳଜ କରନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି । ସମସ୍ୟାର ସମାଧାନ ପାଇଁ ଏହି ଅଞ୍ଚଳରେ ଆଉ ଏକ ନୂତନ ଦୋକାନୀ ନିଯୁକ୍ତି ପାଇଁ ସେମାନେ ଗୁହାରୀ କରିଛନ୍ତି ।ଏନେଇ ସେମାନେ ରାଜ୍ୟ ଯୋଗାଣ ମନ୍ତ୍ରୀରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ ଶିବାନୀ ଜେନା, ସୁମିତ୍ରା ଜେନା, ମନ୍ମଥ ମଲିକ, କନକଲତା ଜେନା, ନିୟତି ନାୟକ, ଅଞ୍ଜନା ଜେନା, ମଞ୍ଜୁ ଗୋଛାୟତ, ଶକୁନ୍ତଳା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଶୀ ରନ୍ଧା ମଦ ଜବତ : ମହିଳାଙ୍କ ସମେତ ଦୁଇ ଗିରଫ

ପୁରୀ,୨୮/୦୯ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୪୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହିତ ପ୍ରାୟ ୧୪୦୦ଲିଟର ପୋଚ ନଷ୍ଟ କରି ଦିଆଯାଇଛି । ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲି ନୋଳିଆସାହିସ୍ଥିତ ସମୁରିସାହିର କେ ଏଲମା ବେହେରା(୬୦) ଓ ଉପରସାହିର ବୁଗୁରୁ ଯୋଗେଶ ବେହେରା(୪୦)କୁ ଗିରଫ କରାଯାଇଛି । ସଦର ଅବକାରୀ ଇନ୍ସପେକ୍ଟର ମାନସୀସାହୁଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ଆଜି ବାଲିନୋଳିଆ ସାହିରେ ଚଢାଉ କରିଥିଲେ । ଚଢାଉ ସମୟରେ ୧୫ ଲିଟର ଦେଶୀରନ୍ଧାମଦ ଓ ୮୦୦ଲିଟର ପୋଚ ଜବତ କରି କେ ଏଲମାଙ୍କୁ ଗିରଫ କରାଯାଇଥିଲା । ସେହିପରି ୨୫ ଲିଟର ଦେଶୀରନ୍ଧାମଦ ଓ ୬୦୦ଲିଟର ପୋଚ ଜବତ କରି ବୁଗୁରୁ ଯୋଗେଶକୁ ଗିରଫ କରାଯାଇଥିଲା । ପୋଚଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ନଷ୍ଟ କରିଦେଇଥିବାବେଳେ ଉଭୟଙ୍କ ନାମରେ ପୃଥକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।

# ସରକାରଙ୍କ ମେଳାଭୂମି ମଦ କୁଡ଼ିଆକୁ ବିରୋଧ ପାଇଁ ଗଣ ସଂଗଠନଙ୍କ ଧାରଣା ୧ରେ

ବାଲେଶ୍ୱର,୨୮/୦୯ (ନି.ପ୍ର): ସରକାରଙ୍କ ମେଳାଭୂମିରେ ମଦ କୁଡ଼ିଆ ସ୍ଥାପନ ନୀତିକୁ ବିରୋଧ କରି ଏକାଧିକ ଗଣ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ସଭାପତି ପ୍ରଭାକର ସାହୁ ଏହି ବୈଠକରେ ଅଧକ୍ଷତା କରିଥିଲେ । ପର୍ଯ୍ୟଟନ ବିଭାଗ ପକ୍ଷରୁ ବେଳାଭୂମିରେ 'ମଦ କୁଡ଼ିଆ' ଖୋଲିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଏହି ବୈଠକରେ ଦୃଢ଼ ବିରୋଧ କରାଯାଇଥିଲା । ଏନେଇ ଆସନ୍ତା ୧ ତାରିଖ ଦିନ ବାଲେଶ୍ୱର ଜିଲାପାଳଙ୍କ ଫାଟକ ସମ୍ମୁଖରେ ମିଳିତ ଗଣଧାରଣା ପାଇଁ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଛି । ବାଲେଶ୍ୱରର ପ୍ରାୟ ୬୫ଟି ସଂଗଠନ ତରଫରୁ ଜିଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରାଯାଇ ସରକାରଙ୍କ 'ମଦକୁଡ଼ିଆ' ପ୍ରତିଷ୍ଠା ନିଷ୍ପତ୍ତିକୁ ଦୃଢ଼ ବିରୋଧ କରାଯାଇଛି ବୋଲି ମୋନାର ସାଧାରଣ ସମ୍ପାଦିକା ମମତା ମହାପାତ୍ର ବୈଠକରେ ସୂଚନା ଦେଇଥିଲେ । ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଆଇନଜୀବରି ନିରଞ୍ଜନ ପରିଡ଼ା, କୃଷି ବୈଜ୍ଞାନିକ ଡ. କେଶବ ଚରଣ ପଣ୍ଡା, ସାମାଜିକ କର୍ମୀ ଅରୁଣ ଜେନା, ସମରେନ୍ଦ୍ରନାଥ ଦାସ, ନାରୀନେତ୍ରୀ ସରସ୍ୱତୀ ପଣ୍ଡା, ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ, ପୂର୍ବତନ କାଉନସିଲର ଦେବାଶୀଷ ସିଂହ, ଉତ୍କଳ ମହିଳା ସମିତିର ଜିଲ୍ଲା ସଭାନେତ୍ରୀ ବନ୍ଦନା ବିଶ୍ୱାସ, ଶିକ୍ଷାବିତ୍ ବେଣୁଧର ସାହୁ, ନିରଞ୍ଜନ ରାଉତ, ଡ. କ୍ଷିତୀଶ୍ୱର ଦାଶ, କୃଷକନେତା କମଳାକାନ୍ତ ନାୟକ ଓ ସନ୍ଦୀପ କୁମାର ନାୟକ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଓଡ଼ିଶାକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବାପାଇଁ ଓ 'ମଦକୁଡ଼ିଆ' ପ୍ରସ୍ତାବକୁ ପ୍ରତ୍ୟାହାର ପାଇଁ ସେମାନଙ୍କ ବକ୍ତବ୍ୟରେ ଦାବି କରିଥିଲେ । ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରଫୁଲ୍ଲ କୁମାର ଦାସ ଶେଷରେ ଧନ୍ୟବାଦ ଦେଇଥିଲେ ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୧୧ ଗିରଫ

ଭୁବନେଶ୍ୱର,୨୮/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୪,୧୭,୭୫୦ ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ସରକାର ମୋତେ ରୋଜଗାର ଦିଅ କାର୍ଯ୍ୟକ୍ରମ ହାତକୁ ନେଲା ଭଂଜସେନା

## ଅକ୍ଟୋବର ୭ରେ ମୟୁରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବାରିପଦା,୨୮/୦୯ (ନି.ପ୍ର): ପର୍ଯ୍ୟଟନ ଶିଳ୍ପ ହିଁ ଏକମାତ୍ର ଶିଳ୍ପ ଯେଉଁଥିରେ କି କମ ପୁଞ୍ଜିନିବେଶରେ ବହୁମାତ୍ରାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ସୃଷ୍ଟି ହୋଇଥାଏ ଏବଂ ରୋଜଗାର ପ୍ରଦାନ କରିଥାଏ । ମୟୁରଭଞ୍ଜ ଜିଲ୍ଲା ପାଇଁ ପ୍ରକୃତିର ବରଦାନ ସଦୃଶ ଶିମିଳିପାଳ ଓ ଏହାର ଚତୁର୍ପାଶ୍ୱରେ ଥିବା ପର୍ଯ୍ୟଟକ ସ୍ଥଳୀଗୁଡିକୁ ବିକଶିତ କରିବା ସହିତ ସେଗୁଡିକୁ ଗମନାଗମନ ଉପଯୋଗୀ କଲେ ବହୁ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ପ୍ରତିଦିନ ଆମ ଜିଲ୍ଲାକୁ ଆଗମନ କରିବେ । ଯାହାଦ୍ୱାରା ସମଗ୍ର ଜିଲ୍ଲାର ଅର୍ଥନୈତିକ ବିକାଶ ଘଟିବ ଏବଂ ଏହାଦ୍ୱାରା ଜିଲ୍ଲାର ଲକ୍ଷାଧିକ ବେକାର ଯୁବକ ଯୁବତୀ ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇପାରିବେ । ଏବାବଦରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅବଗତ ଥିଲେ ସୁଦ୍ଧା ଉଭୟ ସରକାର ମୌନବ୍ରତ ଧାରଣ କରି ବସି ଥିବାର ଅଭିଯୋଗ କରିଛି ଭଂଜସେନା ।ସରକାରଙ୍କ ଏଭଳି ମନୋଭାବର ପ୍ରତିବାଦ ସାଙ୍ଗକୁ ଜିଲ୍ଲାର ବେକାର ଯୁବକ ଯୁବତୀ ମାନଙ୍କୁ ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ରୋଜଗାର ଯୋଗାଇଦବା ଦାବି ନେଇ ଆସନ୍ତା ଅକ୍ଟୋବର ମାସ ୭ ତାରିଖ ଦିନ ଭଂଜସେନା ମୟୁରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ସରକାର ମୋତେ ରୋଜଗାର ଦିଅ' ନାରା ନେଇ ଏକ ବିଶାଳ ଗଣଧାରଣା ପ୍ରଦର୍ଶନ କରିବ ବୋଲି ସ୍ଥିର କରିଛି । ଏବଂ ଆଗାମୀ ନଭେମ୍ବର ମାସରେ ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଭଂଜସେନା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଅଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ଜିଲ୍ଲା ଶିଶୁ ସୁରକ୍ଷା କମିଟି ବୈଠକ : ଶିଶୁ ପାଇଁ ଦିନଟିଏ

ଭଦ୍ରକ,୨୮/୦୯ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ 'ଶିଶୁ ପାଇଁ ଦିନଟିଏ' ଉତ୍ସବ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଅଧ୍ୟକ୍ଷତା ଏବଂ ଜିଲ୍ଲାପାଳ ତ୍ରିଲୋଚନ ମାଝି ସହ ଅଧ୍ୟକ୍ଷତା କରିଥିଲେ । ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ସୁଦର୍ଶନ ବାରିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସଦସ୍ୟ ତଥା ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁନାଥ ଧଳ, ତିହିଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଦ୍ୟୁତ୍‌ଲତା ନାୟକ, ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ବାସୁଦେବପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫେଲୋସିପ୍‌ର ସଂପାଦକ ଏସ.ଏମ ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଡି.ଏସ.ପି ଏଚ.ଆର.ପି.ସି. ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଓ ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ସୋଫିଆ ସେଖ, ସବ୍‌ସେଣ୍ଟର ନିର୍ଦ୍ଦେକ ଦେବବ୍ରତ ଦାଶ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଶିଶୁ ସୁରକ୍ଷା ସେବା ଅଗ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଗତିଶୀଳ କରିବା ପାଇଁ ମତ ଦେଇଥିଲେ । ତିହିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ବ୍ଲକ ଓ ପଞ୍ଚାୟତ ସ୍ତରରେ ଥିବା ବିଦ୍ୟାଳୟମାନଙ୍କରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ସଭା କରିବାପାଇଁ ମତ ପ୍ରଦାନ କରିଥିଲେ । ସମାଜସେବୀ ଏସ.ଏମ ଫାରୁକ ପଞ୍ଚାୟତ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ । ଚାଇଲ୍ଡ ଲାଇନର ସୋଫିଆ ସେଖ ବିପଦ ସଙ୍କୁଳ ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ୧୦୯୮ ନମ୍ବର କାର୍ଯ୍ୟକାରିତା ଉପରେ କହିଥିଲେ । ସବ୍‌ସେଣ୍ଟର ନିର୍ଦ୍ଦେଶକ ଦେବବ୍ରତ ଦାସ ଚାଇଲ୍ଡ ଲାଇନର କାର୍ଯ୍ୟବଳୀର ସୂଚନା ପ୍ରଦାନ କରିଥିଲେ । ସଦସ୍ୟ ଲାଲଟେନ୍ଦୁ ମହାନ୍ତି ଏବଂ ଅନ୍ୟମାନେ ମଧ୍ୟ ନିଜ ନିଜ ମତ ପ୍ରଦାନ କରିଥିଲେ ।

# କମଳା ନେହେରୁ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୮/୦୯ (ନି.ପ୍ର): ଭୁବନେଶ୍ୱର ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପରିସରରେ ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ ଚନ୍ଦ୍ର ରଥ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ଏଥିରେ ରେଡ୍‌କ୍ରସର ଅଫିସର ଡଃ ଅଜୟ କୁମାର ତ୍ରିପାଠୀ, ଡଃ ଲକ୍ଷ୍ମଣ ସ୍ୱାଇଁ, ରମାଦେବୀ ମହିଳା ମହାବିଦ୍ୟାଳୟର ରେଡ୍‌କ୍ରସର ସଂଯୋଜକ ଡଃ ସୁଶୀଳ କୁମାର ପଟ୍ଟନାୟକ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କ୍ୟାପିଟାଲ ଚିକିତ୍ସାଳୟର ରକ୍ତ ଭଣ୍ଡାରରୁ କର୍ମକର୍ତ୍ତାମାନେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯୁବ ରେଡକ୍ରସ ବିଭାଗର କାଉନ୍‌ସିଲର ଡଃ ଶାଶ୍ୱତୀ ସୋମ୍ୟା ସାହୁ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ସୁଶାନ୍ତ କୁମାର ପଟ୍ଟନାୟକ । ଏହି ଶିବିରରେ ସହାୟତା କରିଥିଲେ ଯୁକ୍ତ ତିନିର ସଂଗୀତା, ସେଜଲ, ପୂଜା, ହରପ୍ରିୟା, ସରିତା, ଅଲିଭା, ଅନସୂୟା, ମନିଷା ପ୍ରଭୃତି ।

## କରଞ୍ଜିଆ ଟ୍ରେଜେରୀ ଅଫିସରେ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ

ବାରିପଦା,୨୮/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଟ୍ରେଜେରୀ ଅଫିସରେ ବିଦ୍ୟୁତ ସର୍ଟସର୍କିଟରୁ ଘଟିଛି ଅଗ୍ନିକାଣ୍ଡ । ଆଜି ଭୋର ପ୍ରାୟ ସାଢ଼େ ୪ଟା ସମୟରେ ନିଆଁ ଲାଗିଥିଲା । ସେଠାରୁ ଧୂଆଁ ଉଠୁଥିବାର ଦେଖି ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ କରଞ୍ଜିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡରେ ଟ୍ରେଜେରୀ ଅଫିସରେ ଥିବା ଗୋଟିଏ କମ୍ପ୍ୟୁଟର ଓ କିଛି ଜରୁରୀ କାଗଜପତ୍ର ପୋଡିଯାଇଥିବା ଜଣାପଡିଛି ।

# ନାବାର୍ଡ ସହଯୋଗରେ କୃଷକମାନଙ୍କ ଦକ୍ଷତା ବୃଦ୍ଧି ଓ କୃଷିଜାତ ଦ୍ରବ୍ୟର ରପ୍ତାନୀ ବିକାଶ ସମ୍ପର୍କୀତ ଦିନିକିଆ ତାଲିମ ଶିବିର




ବାରିପଦା,୨୮/୦୯ (ନି.ପ୍ର): ୧ରିଖ । କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥ ରପ୍ତାନୀ ବିକାସ ପ୍ରାଧିକରଣ (ଏପିଡା) ବାଣିଜ୍ୟ ମନ୍ତ୍ରାଳୟ, ଭାରତ ସରକାରଙ୍କ ଆନୁକୂଲ୍ୟରେ ତଥା ନାବାର୍ଡ ସହଯୋଗିତାରେ ବାରିପଦା ସ୍ଥିତ ଜିଲ୍ଲା କୃଷି କାର୍ଯ୍ୟାଳୟଠାରେ "ବାଣିଜ୍ୟ ଉତ୍ସବ" ଉପଲକ୍ଷେ ପ୍ରଗତିଶୀଳ କୃଷକ ଓ ଉତ୍ପାଦକ ସଂଗଠନ / ଉଦ୍ୟୋଗୀମାନଙ୍କ ଦକ୍ଷତା ବୃଦ୍ଧି ଓ କୃଷିଜାତ ଦ୍ରବ୍ୟର ରପ୍ତାନୀ ବିକାଶ ସମ୍ପର୍କୀତ ଏକ ଜିଲ୍ଲାସ୍ତରୀୟ ଦିନିକିଆ ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଆୟୋଜିତ ଉକ୍ତ ତାଲିମ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ରବିନ୍ଦ୍ର କାଟୁଆ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ନାବାର୍ଡ, କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ର ଅଧିକାରୀ, ସେଂଚୁରିଆନ ୟୁନିଭରସିଟି ଅଫ୍ ଟେକନୋଲଜି ଓ ମେନେଜମେଣ୍ଟର ଭିଜିଟିଂଗ ପ୍ରୋଫେସର ପ୍ରମୁଖ ସମେତ କୃଷକ, ଉତ୍ପାଦକ ସଂଗଠନର କର୍ମକର୍ତ୍ତା ତଥା ୭୦(ସତୁରୀ) ଜଣ ପ୍ରଗତିଶୀଳ କୃଷକ ଅଂଶ ଗ୍ରହଣ କରିଥିଲେ । ଏପିଡାର କୋଲକାତାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀ ଶ୍ରୀ ସୀତାକାନ୍ତ ମଣ୍ଡଳ କର୍ମଶାଳାରେ ଯୋଗ ଦେଇ ମୟୂରଭଞ୍ଜ ଜିଲ୍ଲାରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିବା ଉଲ୍ଲେଖ କରି କହିଲେ ଯେ କୃଷକ, ଉତ୍ପାଦକ ସଂଗଠନ ଏବଂ ପ୍ରଗତିଶୀଳ କୃଷକମାନଙ୍କର ଦକ୍ଷତା ବିକାସ ଏବଂ ରପ୍ତାନୀ ବ୍ୟବସାୟରେ ତାଙ୍କର ସାଧାସଳଖ ଭାଗିଦାରୀ କି ଭଳି ଭାବରେ ହୋଇ ପାରିବ ସେ ସମ୍ପର୍କରେ ସୂଚାଇ ଥିଲେ । ନାବାର୍ଡ ତରଫରୁ ଜିଲ୍ଲା ବିକାଶ ପ୍ରବନ୍ଧକ ଶ୍ରୀ ସ୍ମୃତିରଞ୍ଜନ ପଟ୍ଟନାୟକ କୃଷକମାନଙ୍କ ପାଇଁ ଥିବା ନିର୍ଦ୍ଦିଷ୍ଟ ଯୋଜନା ବିଷୟରେ ଅବଗତ କରାଇଥିଲେ । ମୟୂରଭଞ୍ଜ ଜିଲ୍ଲାରେ ରପ୍ତାନୀଯୋଗ୍ୟ ବିଭିନ୍ନ କୃଷି ଏବଂ ଉଦ୍ୟାନଜାତ ଦ୍ରବ୍ୟର ସୁଯୋଗ ରହିଥିବାରୁ ଏଭଳି କାର୍ଯ୍ୟକ୍ରମର ସୁଦୂର ପ୍ରସାରୀ ପ୍ରଭାବ ରହିବ ବୋଲି ସମସ୍ତ ଅଂଶ ଗ୍ରହଣକାରୀ ଆଶାବାଦୀ ରହିଥିଲେ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ "ଦୁଲାଲ"ର କର୍ମକର୍ତା ଯଥେଷ୍ଟ ଉଦ୍ୟମ ଓ ସହ ଯୋଗ କରିଥିଲେ । ଏପିଡାର ଶ୍ରୀ ସୀତାକାନ୍ତ ମଣ୍ଡଳ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଇପିଏଫ ପେନସନ ରାଶି ବୃଦ୍ଧି ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ବାଲେଶ୍ୱର,୨୮/୦୯ (ନି.ପ୍ର): ମାସିକ ଭତ୍ତାରାଶି ବୃଦ୍ଧି ପାଇଁ ଅବସରପ୍ରାପ୍ତ ଉଠାଜଳସେଚନ କର୍ମଚାରୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି । ଓଡ଼ିଶା ଉଠା ଜଳସେଚନ ନିଗମ ଅଧିନରେ ଦୀର୍ଘ ୨୫/୩୦ ବର୍ଷ କାର୍ଯ୍ୟକରି ଅବସର ନେଇଥିବା କର୍ମଚାରୀମାନଙ୍କୁ ଇପିଏଫ୍ -୧୯୯୫ ପେନସନ ଯୋଜନାରେ ମାସିକ ମାତ୍ର ଏକ ହଜାର ଟଙ୍କା କିମ୍ବା ଏକ ହଜାରରୁ କମ୍ ପରିମାଣର ପେନସନ ଦିଆଯାଉଛି ବୋଲି ସେମାନେ ଦର୍ଶାଇଛନ୍ତି । ଉଚ୍ଚ ବେତନହାରରେ ଦରମା ପାଇଥିବା ଇଂଜିନିୟରମାନେ ମାସକୁ ସର୍ବାଧିକ ୫ ହଜାର ଟଙ୍କା ମଧ ପେନସନ ପାଉନାହାନ୍ତି । ଓଡ଼ିଶା ଉଠାଜଳସେଚନ ନିଗମରେ ପ୍ରାୟ ସାତହଜାର କର୍ମଚାରୀ ଅବସର ପରେ ଏବେ ଦୁର୍ଦ୍ଦଶା ତଥା ଆର୍ଥିକ ଅନାଟନରେ କାଳାତିପାତ କରୁଛନ୍ତି ବୋଲି ସେମାନ କହିଛନ୍ତି । ଏନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସ୍ମାରକପତ୍ରରେ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ, ଉଚ୍ଚ ବେତନ ହାରରେ ଅଧିକ ପେନସନ ସହ ମହଙ୍ଗାଭତ୍ତା ଓ ସମସ୍ତ ଇପିଏଫ ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା, ସରକାରୀ ଯୋଜନାରେ ସ୍ୱାସ୍ଥ୍ୟବୀମା ପ୍ରଦାନ ପାଇଁ ପ୍ରାର୍ଥନା କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ 'କର୍ମଚାରୀ ଭବିଷ୍ୟନିଧି ପାଣ୍ଠି' କର୍ତ୍ତୃପକ୍ଷ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଏହି ବରିଷ୍ଠ ନାଗରିକମାନେ ନିବେଦନ କରିଛନ୍ତି । ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ଅବସର କର୍ମଚାରୀଙ୍କ ପ୍ରତିନିଧି ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଦଳାଇ, ମନ୍ମଥ ପରିଡ଼ା, ପୁରସ୍ତମ ବେହେରା, ଭଗବାନ ମାଝୀଙ୍କ ସମେତ ଇପିଏଫ ପେନସନର୍ସ ଆସୋସିଏସନ୍‌ର ଜିଲା ସଭାପତି ଇଂ. ଅନାଦି ଚରଣ ବେହେରା ଓ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦରର ନୂଆ ହେବେ ଅଧ୍ୟକ୍ଷ ପି.ଏଲ୍.ହରାନାଧ



ପାରାଦୀପ,୨୮/୦୯ (ନି.ପ୍ର): ଦୀର୍ଘ ନଅ ମାସ ରୁ ଉର୍ଦ୍ଧ ସମୟ ହେବ ଖାଲି ଥିବା ପାରାଦୀପ ବନ୍ଦର ର ଅଧ୍ୟକ୍ଷ ପଦ ପୂରଣ ହେବା ନେଇ କେନ୍ଦ୍ର ସରକାର ଙ୍କ ପକ୍ଷରୁ ଘୋଷଣା କରାଯାଇଛି । ପୋଲାମରାଜୁ ଲକ୍ଷ୍ମୀ ହରାନାଧ( ଆଇ.ଆର୍.ଟି.ଏସ୍.)ଙ୍କ ନାମ କୁ ନିଯୁକ୍ତି ସଂର୍ପକିତ କ୍ୟାବିନେଟ୍ କମିଟି ମୋହର ମାରିଛି । ଏ ସଂପର୍କ ରେ ଭାରତ ସରକାରଙ୍କ ଉପସଚୀବ ନିଧି ଶ୍ରୀବାସ୍ତବଙ୍କ ଚିଠି ରୁ ଜଣା ପଡିଛି ଯେ,୧୯୯୪ ବ୍ୟାଚ୍ ର ଆଇ.ଆର୍.ଟି.ଏସ୍. ଅଧିକାରୀ ଶ୍ରୀ ହାରାନାଧ ୨୦୨୬ ମସିହା ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ପାରାଦୀପ ର ଅଧ୍ୟକ୍ଷ ଭାର ଗ୍ରହଣ କରିବେ । ପାରାଦୀପ ବନ୍ଦର ର ପୁର୍ବତନ ଅଧ୍ୟକ୍ଷ ରିଙ୍କେଶ ରାୟ ଗତ ଡିସେମ୍ବର ମାସ ୨୨ ତାରିଖ ଦିନ କାର୍ଯ୍ୟକାଳ ପୂରଣ କରି ଫେରି ଯାଇଥିଲେ । ସେବେ ଠାରୁ ପାରାଦୀପ ବନ୍ଦର ର ଅଧ୍ୟକ୍ଷ ପଦ ଖାଲି ରହିଥିଲା । କୋଲକତା ବନ୍ଦର ର ଅଧ୍ୟକ୍ଷ ବିନୀତ କୁମାର ଏହା ପର ଠାରୁ କୋଲକତା ବନ୍ଦର ସହିତ ପାରାଦୀପ ବନ୍ଦର ର ଅଧ୍ୟକ୍ଷ ଦାୟିତ୍ୱ ରେ ଥିଲେ । ଶ୍ରୀ ହରାନାଧ ଙ୍କ ଯୋଗ ଦାନ ପରେ ପାରାଦୀପ ବନ୍ଦର ର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଲୋଚନା ହେଉଛି ।

# ଶହୀଦ ଭାଗତ ସିଂ ଙ୍କ ୧୧୪ତମ ଜୟନ୍ତୀ ପାଳିତ



ଭଦ୍ରକ,୨୮/୦୯ (ନି.ପ୍ର): ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଶହୀଦ୍ ଭଗତ୍ ସେନା ପକ୍ଷରୁ ଶହୀଦ୍ ଭଗତ୍ ସିଂଙ୍କ ୧୧୪ ତମ ଜନ୍ମଜୟନ୍ତୀ ପାଳିତ ହୋଇଛି ।ଏହି ପବିତ୍ର ଅବସରରେ ସଂଗଠନର ଯୁବ ସଦସ୍ୟମାନେ ସକାଳୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରିଥିଲେ । ଏହି ଅବସରରେ ନୂଆ ବସ ଷ୍ଟାଣ୍ଡ ନିକଟସ୍ଥ ଶ୍ରୀରାମ ମଣ୍ଡପ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ଶହୀଦ୍ ଭଗତ୍ ସେନା ର ଆବାହକ ଶିତାଂଶୁ ଶେଖର ମହାପାତ୍ର,ଆଇନଜୀବୀ ମନୋଜ ରାୟ, ଅବସର ପ୍ରାପ୍ତ ସେନା ଅଧିକାରୀ ରୋହିତ ରାୟ ଏବଂ ଅବସର ପ୍ରାପ୍ତ ସେନା ଅଧିକାରୀ ଅଶୋକ ଲେଙ୍କା ଅତିଥି ରୂପେ ଯୋଗ ଦେଇ ଶହୀଦ୍ ଭଗତ୍ ସିଂଙ୍କ ସ୍ମୃତିଚାରଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶହୀଦ୍ ଭଗତ୍ ସେନାର ଯୁବ ସଦସ୍ୟ ଯୋଗ ଦେଇ ଭବିଷ୍ୟତରେ ସମାଜର ତୃଣମୂଳ ସ୍ତରରେ କିପରି ସଂଗଠନ ଆହୁରି ସୁଦୃଢ଼ ହେବ ସେଥିପାଇଁ ଆଲୋଚନା କରିଥିଲେ ।

# ବାଲି ସୌରାତ ନିଲାମକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

ଜଳେଶ୍ୱର, ୨୮/୯(ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ବାଲି ସୌରାତକୁ ବିରୋଧ କରି ତଟବର୍ତ୍ତୀ ଶିଖରପୁର ଗ୍ରାମବାସୀଙ୍କ ପକ୍ଷରୁ ଆଜି ମଂଗଳବାର ଜଳେଶ୍ୱର ତହସିଲ ସମ୍ମୁଖରେ ବିକ୍ଷୋଭ କରାଯିବା ସହିତ ଜିଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକ ମଧ୍ୟଦେଇ ସୁବର୍ଣ୍ଣାରେଖା ନଦୀ ପ୍ରବାହିତ । ଗତ ୨୦ତାରିଖରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ଚିଠି ନଂ ୩୦୮୮ ମୂଳେ ଶିଖରପୁର ଗ୍ରାମର ଖାତା ନଂ ୪୯୬ ଓ ପ୍ଲଟ ନଂ ୧୯୦୦ ଏବଂ ୧୯୧୦ରେ ଏକ ବାଲି ସୌରାତକୁ ଦୀର୍ଘମିଆଦି ସୂତ୍ରରେ ଲିଜଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା । ଲିଜ ଦିଆଯାଇଥିବା ସ୍ଥାନ ଠାରୁ ୩୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ବିଦ୍ୟାଳୟ, ପଂଚାୟତ ଅଫିସ୍ ଓ ଜନବସତି ରହିଛି । ଏପରିକି ଏହିସ୍ଥାନରେ ମୃର୍ତ୍ତିକା କ୍ଷୟକୁ ରୋକିବାଲାଗି ଏବଂ ବନ୍ୟାସମୟରେ ନଦୀକୂଳ ଖାଇବାରୁ ରକ୍ଷା କରିବାଲାଗି ଗ୍ରାମବାସୀଙ୍କ ପକ୍ଷରୁ ବୃକ୍ଷ ରୋପଣ କରାଯାଇଛି । ଲିଜ ଦିଆଯିବାକୁଥିବା ସ୍ଥାନଟି ନଦୀର ପାଣିସ୍ରୋତ ମଧ୍ୟରେ ଥିବାରୁ ଭାରତ ସରକାରଙ୍କ 'ସାଷ୍ଟେନେବୁଲ ସେଣ୍ଡେ ମାଇନିଂ ପଲିସ୍'କୁ ଖୋଲାଖୋଲି ଉଲଙ୍ଘନ ହେଉଛି । ବାଲି ସୌରାତ ଚିହ୍ନଟ ଓ ଲିଜ ଦିଆଯିବା ପୂର୍ବରୁ ଜନଶୁଣାଣି କରାଯିବା ଯିବାର ନିୟମ ଥିବା ବେଳେ ତାହା କରାନଯାଇ ବିଜ୍ଞାପନ ପ୍ରକାଶ ପାଇଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି । ସୂଚନାଯୋଗ୍ୟ ପୂର୍ବରୁ ସେଠାରେ ହେଉଥିବା ବାଲି ଉତ୍ତୋଳନକୁ ଗ୍ରାମବାସୀମାନେ ବିରୋଧ କରି ଆନ୍ଦୋଳନ ଓ ଧାରଣାରେ ବସିଥିଲେ ।

## ସିଲ୍ ହେଲା ଜିଲ୍ଲାର ସବୁ ମଦ ଦୋକାନ

ପୁରୀ,୨୮/୦୯ (ନି.ପ୍ର):ଆସନ୍ତା ୩୦ ତାରିଖରେ ପିପିଲି ବିଧାନସଭା ଉପ ନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ । ଗତକାଲି ସନ୍ଧ୍ୟାରୁ ପ୍ରଚାର ବନ୍ଦ ରହିଛି । ମତଦାନକୁ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ କରିବା ପାଇଁ ଆଜି ସନ୍ଧ୍ୟାରୁ ୩୦ ତାରିଖ ଦିନ ଭୋଟ୍‌ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଲାଇସେନ୍ସ ପ୍ରାପ୍ତ ମଦଦୋକାନକୁ ସିଲ୍ କରିଦିଆଯାଇଥିବା ଜିଲ୍ଲା ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନା କହିଛନ୍ତି ।

## ରାଜଧାନୀରେ ୨୪ ଘଂଟାରେ ୧୪୫ ପଜିଟିଭ୍

ଭୁବନେଶ୍ୱର,୨୮/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୧୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୩୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୧୦ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୮୪ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଲୋକାଲ ମାମଲା ମଧ୍ୟରୁ ପାତ୍ରପଡାରୁ ସର୍ବାଧିକ ୧୬ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚନ୍ଦ୍ରଶେଖରପୁର ଓ ନିଳାଦ୍ରୀବିହାରରୁ ୮ ଜଣ ଲେଖାଏଁ , ଖଣ୍ଡଗିରିରୁ ୬ ଜଣ, ରସୁଲଗଡ,ପୋଖରିପୁଟ, ପଟିଆ ,କଳିଙ୍ଗନଗର ଓ ବରମୁଣ୍ଡାରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୨୪୭୧ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୭୭୯୩ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୩୬୪୧ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୧୬ କୁ ବୃଦ୍ଧି ପାଇଛି ।

# ଆକାଂକ୍ଷା ସ୍ୱେଚ୍ଛାସେବୀ ସଙ୍ଗଠନ ଗଠିତ



ବାରିପଦା,୨୮/୦୯ (ନି.ପ୍ର): ଆକାଂକ୍ଷା ସ୍ୱେଚ୍ଛାସେବୀ ସଂଘଠନର ପ୍ରଥମ ଆଲୋଚନା ବୈଠକ ଷ୍ଟେସନ ବଜାର ସ୍ଥିତ ଜାଗ ମୟୂରଭଞ୍ଜ ଜାଗ ଅଫିସରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ ତଥା ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି, ସାମ୍ବାଦିକ ରାଜକିଶୋର ଦାସ, ସାମ୍ବାଦିକ ଲକି ଜେନା, ଦବ୍ୟାଙ୍ଗ ସଂଘର ସଭାପତି ଅରୁଣ କୁମାର ବେହେରା ପରମୁଖ ଯୋଗଦେଇ ରହିଥିଲେ ମୃତ୍ୟୁ ବରଣ କରିଥିବା ସାମ୍ବାଦିକ ଅରିନ୍ଦମ ଦାସ ଓ ଓଡ୍ରାଫ ଟିମର ସୀତାରାମ ମୁର୍ମୁଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରିଥିଲେ । ଆଜିର ପ୍ରଥମ ବୈଠକରେ ସଙ୍ଗଠନ ତରଫରୁ ସଭାପତି ଭାବେ ତପସ୍ୱିନୀ ରଣା ଓ ସମ୍ପାଦିକା ଭାବେ ବିଜୟ ଲକ୍ଷ୍ମୀ ନାୟକ ଓ ସଙ୍ଗଠନର ମାର୍ଗଦର୍ଶକ ଭାବେ ଅରୁଣ କୁମାର ବେହେରା ରହିବେ ବୋଲି କର୍ମକର୍ତା ମନୋନୟନ କରାଯାଇଛି । ଅନ୍ୟାନ୍ୟ ସଦସ୍ୟ ଓ ପଦ ପଦବୀ ଆଗାମୀ ଦିନରେ ମନୋନୟନ କରିବାକୁ ନିଷ୍ପତ୍ତି ହୋଇଛି । ଆକାଂକ୍ଷା ତରଫରୁ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଓ ପରିବେଶକୁ ନେଇ ସମସ୍ତ କାଯ୍ୟ ହାତକୁ ନେଇ କାଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ସଙ୍ଗଠନର ସଭାପତି ଓ ସମ୍ପାଦିକା । ଏହି କାଯ୍ୟକ୍ରମରେ 'ଜାଗ ମୟୂରଭଞ୍ଜ ଜାଗ'ର ଶୋଭାନେତ୍ରୀ ସୋନାଲି ପ୍ରିୟଦର୍ଶୀ ବେହେରା, ଟୁନଟୁନ ସାହୁ, ପ୍ରିୟଙ୍କା ବେହେରା, ଗୀତାରାଣୀ ମହୁଆଳ, ସୋମନାଥ ନାୟକ, ସଞ୍ଜୟ ମିଶ୍ର, ଲିଲି ମିଶ୍ର, ତନୟା ପ୍ରୀତମ ମହୁଆଳ, ପ୍ରଭାବତୀ ଦାସ, ମମତା ଦାଣ୍ଡପାଟ, ଲିଜା ପଲେଇ, ଲକ୍ଷ୍ମୀ ବେହେରା ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଭୋକ ଉପାସରେ ଫସିଥିବା ୭ ଶ୍ରମିକଙ୍କୁ ଉଦ୍ଧାର କଲା ପାରଦୀପ ପୋଲିସ୍



ପାରାଦୀପ,୨୮/୦୯ (ନି.ପ୍ର): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଦୁଇଦିନ ଧରି ଭୋକ ଉପାସରେ ଫସି ରହିଥିବା ୭ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ପାରାଦୀପ ଆଦର୍ଶ ଥାନା ପୋଲିସ । ଘଟଣାରୁ ପ୍ରକାଶ ଯେ, ଗତ ୧୭ତାରିଖରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦଶ ଜଣ ଶ୍ରମିକଙ୍କୁ ଆଣି କୁଜଙ୍ଗ ବ୍ଲକ ମାଳହୁଙ୍କା ଅଞ୍ଚଳର ଜନୈକ ଠିକାଦାର ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଚାଲିଥିବା କୋଠା ବାଡି ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲେ । ତେବେ କାର୍ଯ୍ୟରେ ନିୟୋଜିତ କରିବା ପୂର୍ବରୁ ପ୍ରତ୍ୟେକ ଶନିବାର ଦିନ ସପ୍ତାହର କାର୍ଯ୍ୟ ନିମିତ୍ତ ପାଉଣା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ ଏବଂ ଶ୍ରମିକ ମାନଙ୍କୁ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଅଏଲ୍ ଜେଟି ରେ କାର୍ଯ୍ୟରେ ଲଗାଇଥିଲେ । ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟକୁ ପ୍ରବେଶ କରିବାକୁ ହେଲେ ଆବଶ୍ୟକତା ଥାଏ ହେଲେ ଗେଟ୍‌ପାସ ନଦେଇ ଠିକାଦାର ଜଣକ ଗେଟରେ ମୁଣ୍ଡପିଛା ୧୦୦ ଟଙ୍କା ଲାଞ୍ଚ ଦେଇ ବନ୍ଦର ନିଷିଦ୍ଧାଞ୍ଚଳ ଭିତରେ ପ୍ରବେଶ କରାଇବା ନେଇ ଶ୍ରମିକ ମାନେ ଅଭିଯୋଗ କରିଛନ୍ତି । କାମ କରିବା ପରେ ପାଉଣା ନ ପାଇ ଶ୍ରମିକମାନେ ଭୋକ ଉପାସରେ ରହି ନିଜ ପରିବାର କୁ ଜଣାଇବା ସହ ପୋଲିସ୍ କୁ ଜଣାଇଥିଲେ । ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ୍ ଘଟଣାସ୍ଥଳ ରେ ପହଂଚି ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ପୋଲିସ୍ ଘଟଣା ର ତଦନ୍ତ ଆରମ୍ଭ କରିଛି । ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ ଜଗତସିଂହପୁର ପାଟଣା ର ଦିଲ୍ଲୀପ ମଲ୍ଲିକ, କୁଜଙ୍ଗ ଖରିଗୋଠ ର ଆଦିକନ୍ଦ ଜେନା, ଅକ୍ଷୟ ସେଠୀ , ଜଗତସିଂହପୁର ଅଳସୁଧା ର କିଶୋର ଦାସ,ଭାରତୀ ଦାସ, ଜଗତସିଂହପୁର ହଳଦିଆ ଜଗନ୍ନାଥପୁର ର କିଶୋର ଦାସ,ମାନସ ଦାସ । ଏହା ପୂର୍ବ ରୁ ଅନ୍ୟ ତିନିଜଣ ଶ୍ରମିକ କୌଣସି ମତେ ନିଜ ଘରକୁ ଫେରିଯାଇଥିବା ଉଦ୍ଧାର ହୋଇଥିବା ଶ୍ରମିକମାନେ କହିଛନ୍ତି ।

## ୨୦ ଘଂଟା ପରେ ମହିଳାଙ୍କ ଶବ ଉଦ୍ଧାର କଲା ପୋଲିସ

ଘସିପୁରା,୨୮/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଦେଓଗାଁ ପଚାଂୟତ ଅନ୍ତର୍ଗତ ଦୀପପାଳ ଗ୍ରାମରେ ଗୋଟିଏ ଘରେ ଝୁଲନ୍ତା ଅବସ୍ଥାରେ ନବବଧୂଙ୍କ ମୃତଦେହ ଦେଖିବାକୁ ମିଳିଥିଲା । ଯାଜପୁରର ଟମକା ଥାନା ଓ କେନ୍ଦୁଝର ଜିଲ୍ଲାର ଘସିପୁରା ଥାନା ମଧ୍ୟରେ ସୀମା ବିବାଦକୁ ନେଇ ଶବ ଉଦ୍ଧାର ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା । ତେବେ ଯାହା ହେଉନା କାହିଁକି ଘଟଣାର ୨୦ ଘଂଟା ପରେ ମହିଳା ଶବ ଉଦ୍ଧାର କରିଛି ଘଷିପୁରା ଥାନା ପୋଲିସ । ଶବ ଜବତ ପରେ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo